

'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ
▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-62 ♦TUESDAY ♦26 AUGUST 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୬୨ ♦ମଙ୍ଗଳବାର ♦୨୬ ଅଗଷ୍ଟ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଲଘୁଚାପ ଆଣୁଛି ବଡ଼ ବର୍ଷା

# ବଢୁଛି ବନ୍ୟା ଭୟ

### ସତର୍କ ସଙ୍କେତ ଉପରେ ସୁବର୍ଣ୍ଣରେଖା, ବୈତରଣୀ ■ ଆସନ୍ତା ୨-୩ ବେଳକୁ ପୁଣି ଏକ ଲଘୁଚାପ

■ **ଭୁବନେଶ୍ୱର, ୨୫।୮ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାରଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସହ ତୁହାକୁ ତୁହା ବର୍ଷା ଆରମ୍ଭ ହୋଇଛି। ଏହି ସମୟରେ ବଙ୍ଗୋପସାଗରରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ

### ହୀରାକୁଦର ୧୨ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ

ବିଭାଗ ପୂର୍ବାନୁମାନ କରିଛି। ଫଳରେ ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏହି ଲଘୁଚାପ ଯୋଗୁଁ ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ମହାନଦୀ ସମେତ ଉତ୍ତର ଓଡ଼ିଶାର ବୈତରଣୀ ଓ ସୁବର୍ଣ୍ଣରେଖାରେ ଜଳସ୍ତର ଅଧିକ ରହିଥିବାରୁ ଏହି ଲଘୁଚାପ ଜନିତ ବର୍ଷା ବନ୍ୟାସ୍ଥିତିକୁ ଆହୁରି ଗମ୍ଭୀର କରିବାର ଆଶଙ୍କା ରହିଛି। ଏହି ଲଘୁଚାପ ପ୍ରଥମେ ଓଡ଼ିଶା ଓ ପରେ ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବର୍ଷା କରାଇବ। ଫଳରେ ରାଜ୍ୟରେ ଥିବା ପ୍ରମୁଖ ନଦୀଗୁଡ଼ିକୁ ଉପମୁଣ୍ଡରୁ ପ୍ରବଳ ପାଣି ଆସିବ; ତେଣୁ ରାଜ୍ୟର ଅଧିକାଂଶ ନଦୀରେ ବଡ଼ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଏହି ଲଘୁଚାପର ପ୍ରଭାବ ଶେଷ ହେଉ ହେଉ ଆସନ୍ତା ମାସ ୨-୩ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ବନ୍ୟା ଆଶଙ୍କାକୁ ଦୃଢ଼ୀଭୂତ କରିଛି। ▸ପୃଷ୍ଠା-୭



## କାଣୀ ନଦୀରେ ୧୦୦ ଫୁଟ୍‌ର ଘାଇ

■ **ଯାଜପୁର, ୨୫।୮ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଯାଜପୁରରେ ପ୍ରବାହିତ ହେଉଥିବା ବୈତରଣୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଆସିଛି। ବୈତରଣୀର ଶାଖା କାଣୀ ନଦୀର ଦଶରଥପୁର ବ୍ଲକ ଅହିୟାସ ପଞ୍ଚାୟତ ବଙ୍ଗାଳାବାଡ଼ିଠାରେ ଗତକାଲି ବିଳମ୍ବିତ ରାତିରେ ୧୦୦ ଫୁଟ୍‌ର ଘାଇ ସୃଷ୍ଟି ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଜିଲ୍ଲା ପ୍ରଶାସନର ସୂଚନା ମୁତାବକ, ଏହି ବନ୍ୟା ଯୋଗୁଁ ଦଶରଥପୁର ବ୍ଲକର ୧୪ଟି ପଞ୍ଚାୟତର ୧୮ ହଜାର ୪୩୩ ଲୋକ ଜଳବନ୍ଦୀ

### ବନ୍ୟାଜଳରେ ଭାସି ବୃଦ୍ଧ ମୃତ

ହୋଇଛନ୍ତି। ସେଥିମଧ୍ୟରୁ ୬୧୯୧ଜଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି, ବନ୍ୟାଜଳରେ କଟିକଟା ପଞ୍ଚାୟତ ମାଝୀସାହିର ଭାଗବତ ମାଝୀ (୭୦) ନାମକ ବରିଷ୍ଠ ନାଗରିକ ଭାସି ପ୍ରାଣ ହରାଇଛନ୍ତି। ଘାଇ ଯୋଗୁଁ ଅନେକ ଘରେ ▸ପୃଷ୍ଠା-୭

# ନବୀନଙ୍କୁ ଭେଟିଲେ ରାଜ୍ୟପାଳ

■ **ଭୁବନେଶ୍ୱର, ୨୫।୮ (ସମିସ):** ସୋମବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ନବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ସୁସ୍ଥ ଜୀବନ

### ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କଲେ

କାମନା କରିଛନ୍ତି। ସାକ୍ଷାତ ସମୟରେ ଉଭୟେ ପ୍ରାୟ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ବର୍ତ୍ତମାନର ସ୍ଥିତି ସଂପର୍କରେ ରାଜ୍ୟପାଳଙ୍କୁ ▸ପୃଷ୍ଠା-୭



# ଓଡ଼ିଶା ହେବ ଦେଶର ଇଲେକ୍ଟ୍ରୋନିକ୍ସ ହବ୍



### ରାଜ୍ୟ କ୍ୟାବିନେଟରେ ୪ ପ୍ରସ୍ତାବକୁ ଅନୁମୋଦନ

### ଆଇଟି କ୍ଷେତ୍ରରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

**ଭୁବନେଶ୍ୱର,୨୫।୮ (ସମିସ):** ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହିକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ଓଡ଼ିଶାର ଡିଜିଟାଲ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍‌ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ କ୍ୟାବିନେଟ ଓଡ଼ିଶା ଆଇଟି ନୀତି-୨୦୨୫କୁ ଅନୁମୋଦନ ଦେଇଛନ୍ତି। ସେହିପରି ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକଚରିଂ ନୀତି-୨୦୨୫ର ଆରମ୍ଭ କରିଛନ୍ତି। ବୈଠକରେ ୩ଟି ବିଭାଗର ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ▸ପୃଷ୍ଠା-୭





| MODEL | 125 CF | NS 125 | 150 SD | N160 TD SC | NS 160 |
|---|---|---|---|---|---|
| ଏକ୍ସ-ଶୋରୁମ୍ ମୂଲ୍ୟ | ₹94 234/-* | ₹99 994/-* | ₹1 14 387/-* | ₹1 22 720/-* | ₹1 31 699/-* |
| ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍ସ | ₹7 500/-* | ₹6 000/-* | ₹7 500/-* | ₹10 000/-* | ₹10 000/-* |

*ଅଫର୍ ସମସ୍ତ ପଲ୍‌ସର୍ ମଡେଲ ସକାଶେ ଉପଲବ୍ଧ
ଲୋ ଡାଉନ୍ ପେମେଣ୍ଟ ଆରମ୍ଭ ₹4 999/-** ରୁ
ଅତିରିକ୍ତ ଅଫର Flipkart ଏବଂ amazon.in ରେ ଉପଲବ୍ଧ।

72198 21111

BAJAJ SECURE • AMC • ROAD SIDE ASSISTANCE | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

Authorised Dealers for BAJAJ Auto Ltd.: Balasore SURAJ BAJAJ 9124626001 • Bhadrak SHANKAR BAJAJ 9778310777 • Jajpur Road PARIDA BAJAJ 7381012602 • Keonjhar JR BAJAJ 9937697094 / 9439008692• Baripada BALA BAJAJ 9338336111 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Jaleswar SURAJ BAJAJ 9124626016, • Markona SURAJ BAJAJ 9124626001 • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029.




ସକାଳ
THE SAKALA
www.sakalaepaper.com

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଜେଡ୍ ସିକ୍ୟୁରିଟି ହଟାଗଲା

ନୂଆଦିଲ୍ଲୀ, ୨୫।୮(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ପ୍ରଦାନ କରାଯାଇଥିବା ଜେଡ୍ ପ୍ଲସ ସିକ୍ୟୁରିଟି ବ୍ୟବସ୍ଥାକୁ ସୋମବାର ହଟାଇ ଦିଆଯାଇଛି। ୪ ଦିନ ତଳେ ତାଙ୍କ ଉପରେ ଆକ୍ରମଣ ହେବା ପରେ ଏହି ସୁରକ୍ଷାର ବ୍ୟବସ୍ଥା କରାଯାଇଥିଲା। ତେବେ ଏହାକୁ ବର୍ତ୍ତମାନ ପ୍ରତ୍ୟାହାର କରାଯାଇଥିବା ସୂଚନା ମିଳିଛି। ଫଳରେ ପୁଣି ଥରେ ତାଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ପୁଲିସକୁ ଦାୟିତ୍ୱ ଦିଆଯାଇଛି। ସେପଟେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ରବିବାର ଜଣେ ଦ୍ୱିତୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାଜେଶ ସାକାରିୟାଙ୍କୁ ଗିରଫର କରାଯାଇଥିଲା। ଏବେ ତାର ସହଯୋଗୀ ତହସିନ ସୟଦଙ୍କୁ ଗିରଫର କରାଯାଇଛି। ଅଗଷ୍ଟ ୨୦ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଚାଲିଥିବା ବେଳେ ରେଖାଙ୍କ ଉପରେ ଆକ୍ରମଣ ହୋଇଥିଲା। ନିଜର ଅଭିଯୋଗ ଶୁଣାଇବାକୁ ଆସିବା ବାହାନରେ ରାଜେଶ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ହାତକୁ ଟାଣି ଚାପୁଡା ମାରିଥିଲା। ଏହି ମାମଲାରେ ପୁଲିସ ନଜରରେ ଆହୁରି ୧୦ଜଣ ଲୋକ ରହିଛନ୍ତି। ଆକ୍ରମଣ ଗୋଟିଏ ଦିନ ପୂର୍ବରୁ ରାଜେଶ ରେଖାଙ୍କ ବାସଭବନ ଆଗରେ ରେକି କରିଥିଲା ବୋଲି ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା।

## ରାଜନୈତିକ ବିଶ୍ଳେଷକଙ୍କ ବିରୋଧରେ ଏତଲା ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୮(ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ନିର୍ବାଚନ ବିଶେଷଜ୍ଞ ଓ ଲୋକନୀତି- ସିଏସ୍‌ଡିଏସ୍‌ର ସହ ନିର୍ଦ୍ଦେଶକ ସଞ୍ଜୟକୁମାରଙ୍କ ବିରୋଧରେ ଦାଏର କରାଯାଇଥିବା ଏଫ୍‌ଆଇଆର ଉପରେ ରୋକ ଲଗାଇଛନ୍ତି। ୨୦୨୪ ମହାରାଷ୍ଟ୍ର ନିର୍ବାଚନରେ ଭୋଟରଙ୍କୁ ନେଇ ସୃଷ୍ଟି ହୋଇଥିବା ଅସଂଗତି ଉପରେ ଟୁଇଟ୍ କରିଥିଲେ। ଏହି ଟୁଇଟ୍‌ଗୁଡିକୁ ସେ ଡିଲିଟ କରିଛନ୍ତି। ଫଳରେ ବିରୋଧୀ ଦଳଗୁଡିକ ଏହାକୁ ସମାଲୋଚନା କରିଛନ୍ତି ଓ ସେ ବିଜେପି ସହିତ ମିଶିଥିବା ଅଭିଯୋଗ ଆଣିବା ସହ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରି ସମାଲୋଚନା କରିଛନ୍ତି। ଇତିମଧ୍ୟରେ ଟୁଇଟ୍ ଡିଲିଟ କରିବା ନେଇ ମଧ୍ୟ ସଞ୍ଜୟ ସ୍ପଷ୍ଟିକରଣ ଦେଇଛନ୍ତି। ତଥ୍ୟଗତ ତ୍ରୁଟି ଥିବାରୁ ଏହାକୁ ଉଡାଇବାକୁ ହେଲା ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ନିର୍ବାଚନ ନେଇ କରିଥିବା ଟୁଇଟ୍ ନେଇ ହୃଦୟରୁ କ୍ଷମା ମାଗୁଛି ବୋଲି ସଞ୍ଜୟ ଉଲ୍ଲେଖ କରିଛନ୍ତି। ୨୦୨୪ ଲୋକସଭା ଓ ୨୦୨୪ ବିଧାନସଭା ନିର୍ବାଚନର ଡାଟା ତଥା ତଥ୍ୟ ତୁଳନା କରିବା ବେଳେ ତ୍ରୁଟି ହୋଇଥିଲା। ଆମ ଡାଟା ଟିମ୍ ଦ୍ୱାରା ଏହା ଭୁଲ ପଢ଼ାଯାଇଥିଲା। ତେଣୁ ଟୁଇଟ୍‌ଗୁଡିକୁ ହଟାଇବାକୁ ପଡ଼ିଥିଲା। କୌଣସି ପ୍ରକାର ଭୁଲ ସୂଚନା ପ୍ରଚାର କରିବା ମୋର ଲକ୍ଷ୍ୟ ନଥିଲା ବୋଲି ସେ କହିଛନ୍ତି। ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦୁଇଟି ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟାରେ ଅବନତୀ ହୋଇଥିବା କଥା ସେ ହଟାଯାଇଥିବା ଟୁଇଟ୍‌ରେ ଉଲ୍ଲେଖ କରିଥିଲେ। ସଞ୍ଜୟ ଏହି ଟୁଇଟ୍ ଡିଲିଟ କରିଛନ୍ତି ଓ ଏବେ ଏ ନେଇ ସାର୍ବଜନୀନ ଭାବେ କ୍ଷମା ମାଗିଛନ୍ତି। ତେଣୁ ତାଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଉଚିତ ନୁହଁ ବୋଲି ସଞ୍ଜୟଙ୍କ ଓକିଲ ଆଜିର ଶୁଣାଣିରେ କହିଥିଲେ। ତେଣୁ ଏହି ମାମଲାର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ପରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ବିରୋଧରେ ଦାଏର କରାଯାଇଥିବା ଏଫ୍‌ଆଇଆର ଉପରେ ରୋକ ଲଗାଇଛନ୍ତି।

## ସଡ଼କ ଦୁର୍ଘଟଣାରେ ୯ ଶ୍ରଦ୍ଧାଳୁଙ୍କ ମୃତ୍ୟୁ, ୪୫ ଆହତ

ବୁଲନ୍ଦସହର, ୨୫।୮(ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହରରେ ରବିବାର ବିଳମ୍ବିତ ରାତି ଏକ ସଡକ ଦୁର୍ଘଟଣାରେ ୯ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଛନ୍ତି। ଏକ ଟ୍ରାକ୍ଟରକୁ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର ପଛରୁ ଧକ୍କା ଦେବା ଫଳରେ ଟ୍ରାକ୍ଟର ପଲଟି ଯାଇଥିଲା। ମୃତକଙ୍କ ମଧ୍ୟରେ ମା ଓ ପୁଅ ସାମିଲ ଅଛନ୍ତି। ଏଥିରେ ୪୫ ଜଣ ଲୋକ ଆହତ ହୋଇଛନ୍ତି। ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୬ ବର୍ଷର ପିଲା, ୫ ପୁରୁଷ ଓ ୩ ଜଣ ମହିଳା ସାମିଲ ରହିଛନ୍ତି। ରବିବାର ରାତି ୨ଟାରେ ଜାତୀୟ ରାଜପଥ ୩୪ରେ ଅରନିଆ ଅଞ୍ଚଳର ଘଟଲ ଗାଁ ନିକଟରେ ଏହି ଦୁର୍ଘଟଣା ହୋଇଥିଲା। ଶ୍ରଦ୍ଧାଳୁମାନେ କାସଗଞ୍ଜରୁ ଜହାରବୀର (ଗୋଗାଜୀ) ଦର୍ଶନ ପାଇଁ ରାଜସ୍ଥାନର ଗୋଗାମେଡି ଯାଉଥିଲେ। ଟ୍ରାକ୍ଟରରେ ୬୧ ଜଣ ଶ୍ରଦ୍ଧାଳୁ ବସିଥିଲେ। ପୁଲିସ ଆହତଙ୍କୁ ଆମ୍ବୁଲାନ୍ସ ଜରିଆରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମୃତଦେହଗୁଡିକର ପୋଷ୍ଟମର୍ଟମ ପାଇଁ ପୁଲିସ ବ୍ୟବସ୍ଥା କରିଛି। ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଓ ଆହତଙ୍କୁ ୫୦ ହଜାର ଲେଖାଏ ଟଙ୍କା ଦେବାକୁ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ସବୁ ମୃତକଙ୍କ ଘର କାସଗଞ୍ଜ ବୋଲି ପୁଲିସ କହିଛି। ଦୁଘଟଣାରେ ପୀଡିତଙ୍କୁ ଉଦ୍ଧାର କରିବା ପ୍ରକ୍ରିୟାରେ ସ୍ଥାନୀୟ ଲୋକ ସହଯୋଗ କରିଥିଲେ।

## ଏଲ୍‌ଭିଶ ଯାଦବଙ୍କ ଘରକୁ ଗୁଳି ମାରିବା ମାମଲାରେ ୨ ଗିରଫ

ଗୁରୁଗ୍ରାମ, ୨୫।୮(ଏଜେନ୍ସି): ଗୁରୁଗ୍ରାମରେ ଜଣାଶୁଣା ୟୁଟ୍ୟୁବର ଏଲିଭିଶ ଯାଦବଙ୍କ ଘର ଉପରକୁ ଗୁଳିମାଡ ଘଟଣାରେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ଟିମ୍ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇଜଣ ସୁଟରଙ୍କୁ ଗିରଫ କରିଛି। ଏମାନେ ହେଲେ ଫରିଦାବାଦର ଗୌରବ ଓ ଆଦିତ୍ୟ। ଏମାନେ ଦିଲ୍ଲୀର ଶାହାବାଦ ଅଞ୍ଚଳରେ ଲୁଚି ରହିଥିଲେ। ଏହି ଦୁଇ ସୁଟର କୁଖ୍ୟାତ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉ ପାଇଁ କାର୍ଯ୍ୟ କରୁଥିଲେ। ଆମେରିକାର ରହି ଭାଉ ଏକ ସିଗ୍ନାଲ ଆପ୍ ମାଧ୍ୟମରେ ଏହି ଦୁଇ ସୁଟରଙ୍କ ସମ୍ପର୍କରେ ଆସିଥିଲା। ଅଗଷ୍ଟ ୧୭ରେ ଏଲଭିସ୍‌ଙ୍କ ଘର ଉପରକୁ ୨୪ ରାଉଣ୍ଡ ଫାୟରିଂ ହୋଇଥିଲା। ଫଳରେ ଘରର କବାଟ, ଝରକା, ଛାତର ସିଲିଂରେ ଗୁଳିର ଚିହ୍ନ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟ କରିବାକୁ ଗୌରବ ଓ ଆଦିତ୍ୟଙ୍କୁ ୫୦ ହଜାର ଲେଖାଏ ଟଙ୍କା ମିଳିଥିଲା।

# ଗାଜା ହସ୍ପିଟାଲରେ ଇସ୍ରାଏଲର ଆକ୍ରମଣ

- ୪ ସାମ୍ବାଦିକଙ୍କ ସମେତ ୨୦ ମୃତ
- ଏପର୍ଯ୍ୟନ୍ତ ୧୯୨ ସାମ୍ବାଦିକ ପ୍ରାଣ ହରାଇଲେଣି



ଗାଜା, ୨୫।୮(ଏଜେନ୍ସି): ଗାଜା ଉପରେ ଇସ୍ରାଏଲ ପୁଣି ଆକ୍ରମଣ କରିଛି। ସୋମବାର ଗାଜାର ନାସେର ହସ୍ପିଟାଲ ଉପରେ ଇସ୍ରାଏଲର ଆକ୍ରମଣ ଫଳରେ ମୋଟ ୨୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୪ ଜଣ ସାମ୍ବାଦିକ ସାମିଲ ରହିଛନ୍ତି ବୋଲି ପାଲେଷ୍ଟାଇନ୍‌ର ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ଆସୋସିଏଟ ପ୍ରେସର ଜଣେ ଫ୍ରିଲାନ୍ସର ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଏହି ୨୨ ମାସର ଲଢ଼େଇରେ ଏପର୍ଯ୍ୟନ୍ତ ମୋଟ ୧୯୨ ସାମ୍ବାଦିକ ପ୍ରାଣ ହରାଇଲେଣି। ସେହିପରି ରୁଷିଆ- ୟୁକ୍ରେନ ଯୁଦ୍ଧରେ ୧୮ ଜଣ ସାମ୍ବାଦିକ ପ୍ରାଣ ହରାଇଛନ୍ତି ବୋଲି କୁହାଯାଉଛି। ଏହି ଆକ୍ରମଣ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ କିଛି କହିବାକୁ ମନା କରିଦେଇଛି। ଏହାପୂର୍ବରୁ ସାହାଯ୍ୟ ପାଇଁ ୪ ଜଣ ପାଲେଷ୍ଟାଇନ୍ ନାଗରିକ ରବିବାର ଗାଜା ସିଟିର ଦକ୍ଷିଣରେ ଥିବା ମିଲିଟାଟୀ ଜୋନ ଦେଇ ଯାଉଥିବା ବେଳେ ଇସ୍ରାଏଲ ସେନା ଗୁଳିରେ ପ୍ରାଣ ହରାଇଥିଲେ। ଏହି ଯୁଦ୍ଧ କାରଣରୁ ଗାଜାରେ ଜାତିସଂଘ ଦୁର୍ଭିକ୍ଷ ଘୋଷଣା କରିଛି। ଯୁଦ୍ଧରେ ଏପର୍ଯ୍ୟନ୍ତ ୬୨, ୬୮୬ ପାଲେଷ୍ଟାଇନ ନାଗରିକ ପ୍ରାଣ ହରାଇଛନ୍ତି। ଏପର୍ଯ୍ୟନ୍ତ କେବଳ ଖାଦ୍ୟ ଅଭାବରୁ ଅର୍ଥାତ ଅନାହରରେ ୨୮୯ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୧୧୫ ଜଣ ପିଲା ସାମିଲ ରହିଛନ୍ତି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

## ୧୯୭୧ ନରସଂହାର ପାଇଁ ପାକିସ୍ତାନ କ୍ଷମା ମାଗୁ: ବାଂଲାଦେଶ

ଢ଼ାକା, ୨୫।୮(ଏଜେନ୍ସି): ୧୯୭୧ରେ ହୋଇଥିବାର ନରସଂହାର ପାଇଁ ପାକିସ୍ତାନ କ୍ଷମା ମାଗୁ ବୋଲି ବାଂଲାଦେଶ ପୁଣି ଥରେ କହିଛି। ପାକିସ୍ତାନ ଉପ- ପ୍ରଧାନମନ୍ତ୍ରୀ ତଥା ବିଦେଶ ମନ୍ତ୍ରୀ ମହମ୍ମଦ ଇସାକ ଡାର ବାଂଲାଦେଶ ଗସ୍ତରେ ଯାଇଥିଲେ। ସେତେବେଳେ ସେ ୧୯୭୧ରେ ହୋଇଥିବା ବିବାଦ ସମାଧାନ ହୋଇଛି ବୋଲି କହିଥିଲେ। କିନ୍ତୁ ବାଂଲାଦେଶ ପାକିସ୍ତାନର ଏହି ଦାବିକୁ ପ୍ରତ୍ୟାଖାନ କରିଛି। ପୁରୁଣା ବିବାଦର ସମାଧାନ ହେବା ପରେ ହିଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ ହେବ ବୋଲି ସେ କହିଥିଲେ। ଡାରଙ୍କ ମନ୍ତବ୍ୟକୁ ଠିକ୍ ବୋଲି ସେ ମାନୁ ନଥିବା କଥା ବାଂଲାଦେଶ ବିଦେଶ ମନ୍ତ୍ରଣାଳୟର ପରାମର୍ଶଦାତା ତୋହିଦ ହୁସେନ ସ୍ପଷ୍ଟ କରିଛନ୍ତି। ଇସାକା ଡାର ଅଗଷ୍ଟ ୨୩ ଓ ୨୪ରେ ବାଂଲାଦେଶ ଗସ୍ତ କରି ଏହି କଥା କହିଥିଲେ। ଉଲ୍ଲେଖଥାଉ କି, ୧୯୭୧ରେ ବାଂଲାଦେଶରେ ପାକିସ୍ତାନ ସେନା ହଜାର ହଜାର ବାଂଲାଦେଶ ମହିଳାଙ୍କ ସହ ଦୁଷ୍କର୍ମ କରିଥିଲେ ଓ ନରସଂହାର କରିଥିଲା। ଏ ନେଇ ପାକିସ୍ତାନ ଦୁଇଥର କ୍ଷମା ମାଗି ସାରିଛି ବୋଲି ଇସାକ ଡାର କହିଥିଲେ। ଗତ ଗୋଟିଏ ବର୍ଷରେ ପାକିସ୍ତାନର ୩ ଜଣ ମନ୍ତ୍ରୀ ବାଂଲାଦେଶ ଗସ୍ତ କରି ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଆଣିବାକୁ ପ୍ରୟାସ କରିଛନ୍ତି।

# ମେଡିକାଲ କଲେଜ ନାମଲେଖାରେ ବି ଜାଲିଆତି



ନୂଆଦିଲ୍ଲୀ, ୨୫।୮(ଏଜେନ୍ସି): ଦେଶର ମେଡିକାଲ କଲେଜଗୁଡିକରେ ନାମଲେଖାରେ ବଡ଼ ଧରଣର ଦୁର୍ନୀତି ହୋଇଛି। ଜାଲ ଦସ୍ତାବିଜ୍ ଜାଲ ପରିବାର ଓ ଜାଲ ପ୍ରମାଣପତ୍ର। ଏମ୍‌ବିବିଏସ୍ ଆଡମିସନରେ ଏଭଳି ଜାଲିଆତି ହୋଇଥିବାର ପର୍ଦ୍ଦାଫାସ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। କଲେଜଗୁଡିକରେ ଚଢ଼ାଉ କରିବା ପରେ ଇଡିର ଯାଞ୍ଚରେ ବହୁ ତଥ୍ୟ ସାମ୍ନାକୁ ଆସିଛି। ନକଲି ପ୍ରବାସୀ ଭାରତୀୟ (ଏନ୍‌ଆରଆଇ) କାଗତପତ୍ର ଦେଇ ବହୁ ସଂଖ୍ୟାରେ ଏମ୍‌ବିବିଏସ୍ ସିଟ୍‌ରେ ନାମ ଲେଖାଯାଇଛି। ଘରୋଇ ମେଡିକାଲ କଲେଜଗୁଡିକରେ ନକଲି ଏନ୍‌ଆରଆଇ ପ୍ରମାଣପତ୍ର ସହ ୧୮ ହଜାର ସିଟ୍‌ରେ ନାମଲେଖା ହୋଇଛି। ବୈଦେଶିକ ମନ୍ତ୍ରଣାଳୟ ଓ ଭାରତୀୟ ଦୂତାବାସର ସହଯୋଗରେ ଇଡି ବହୁ ତଥ୍ୟ ହାସଲ କରିଛି। ଏଜେଣ୍ଟ ଓ ବିଭିନ୍ନ କଲେଜ ସହ ମିଶି ଏହି ଦୁର୍ନୀତି କରିଛନ୍ତି। କଲେଜଗୁଡିକ ଏଜେଣ୍ଟମାନଙ୍କୁ ପଇସା ଦେଇ ନିକଲି ଏନ୍‌ଆରଆଇ ପ୍ରମାଣପତ୍ର ପ୍ରସ୍ତୁତ କରିଛନ୍ତି। ଦୂତାବାସ ସହିତ ଜଡିତ ନକଲି ଏନ୍‌ଆରଆଇ କାଗଜପତ୍ର ଓ ପରିବାର ସମ୍ପର୍କରେ ନକଲି କାଗଜ ମିଳିମିଶି ପ୍ରସ୍ତୁତ କରାଯାଇଥିବାର ପ୍ରମାଣ ଇଡିର ହସ୍ତଗତ ହୋଇଛି। ଏପରିକି ଭିନ୍ନ ଭିନ୍ନ ଛାତ୍ରମାନଙ୍କ ପାଇଁ ଗୋଟିଏ ପ୍ରକାର ପ୍ରମାଣପତ୍ର ବ୍ୟବହାର କରାଯାଇଛି।

**ନକଲି ଦସ୍ତାବିଜ, ନକଲି ପରିବାର**

**ନକଲି ଏନ୍‌ଆରଆଇ ପ୍ରମାଣପତ୍ର**

**୧୮ ହଜାର ସିଟ୍‌ରେ ଆଡ୍‌ମିସନ**


ଏହି ରାକେଟ୍‌ରେ କେତେଜଣ ପ୍ରକୃତ ଏନ୍‌ଆରଆଇ ପ୍ରାର୍ଥୀ ମଧ୍ୟ ସାମିଲ ରହିଛନ୍ତି। ଏଥିପାଇଁ ଏଜେଣ୍ଟମାନେ ତାଙ୍କୁ ବହୁ ପରିମାଣର ଅର୍ଥ ପ୍ରଦାନ କରିଛନ୍ତି। କଲେଜଗୁଡିକ ଉପରେ ଚଢ଼ାଉ କରିବା ପରେ ଇଡି ବହୁ ପରିମାଣର ନକଲି ଏନ୍‌ଆରଆଇ କାଗଜପତ୍ର ଓ ଆମେରିକାର କାର୍ଯ୍ୟକରୁଥିବା ନୋଟାରୀ ଅଧିକାରୀଙ୍କ ନକଲି ଷ୍ଟାମ୍ପ ଜବତ କରିଛି। ନିୟମ ଅନୁସାରେ ଏନ୍‌ଆରଆଇ କୋଟାରେ ନାମଲେଖାଇ ଥିବା ଛାତ୍ରଙ୍କର ଫିସ୍ ତାଙ୍କ ଏନ୍‌ଆରଆଇ ସମ୍ପର୍କୀୟ ଦେଇଥାନ୍ତି। କିନ୍ତୁ ଏହି ଫିସ୍ ଏନ୍‌ଆରଆଇଙ୍କ ପରିବାର ନୁହଁ ବରଂ ଭାରତରେ ରହୁଥିବା ଅନ୍ୟ ଲୋକମାନେ ପୈଠ କରିଥିବାରୁ ଯାଞ୍ଚରୁ ଜଣାପଡ଼ିଛି। ତେଣୁ ଏହି ମାମଲାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଜଣାପଡ଼ିଛି। ଏହି ଦୁର୍ନୀତିରେ ସାମିଲ ଥିବା କଲେଜ ଓ ଏଜେଣ୍ଟଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଇଡି ଅଧିକାରୀ କହିଛନ୍ତି। ଏହି ଦୁର୍ନୀତି ନେଇ ପଶ୍ଚିମବଙ୍ଗ ଓ ଅନ୍ୟ ରାଜ୍ୟର କଲେଜଗୁଡିକୁ ଅବଗତ କରାଯାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ନଥିଲେ ଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ବୋଲି ଇଡ୍ ତରଫରୁ କୁହାଯାଇଛି।

## ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଟିଏମ୍‌ସି ବିଧାୟକ ଗିରଫ

କୋଲକାତା, ୨୫।୮(ଏଜେନ୍ସି): ବିଦ୍ୟାଳୟ ଶିକ୍ଷକ ଭର୍ତ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ବିଧାୟକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗରିଫ କରିଛି। ମୁର୍ସିଦାବାଦ ଜିଲ୍ଲାର ବୁରୱାନ ନିର୍ବାଚନ ମଣ୍ଡଳୀର ଏହି ବିଧାୟକ ଜୀବନ କ୍ରିଷ୍ଣା ଶାହାଙ୍କୁ ଏସ୍‌ଏସ୍‌ସି ସହାୟକ ଶିକ୍ଷକ ଭର୍ତ୍ତି ମାମଲାରେ ଇଡି ତାଙ୍କ ବାସଭବନରୁ ଗିରଫ କରିଛି। ଇଡି ପହଞ୍ଚିବା ପୂର୍ବରୁ ତାଙ୍କୁ ଖବର ମିଳିଯାଇଥିଲା। ତେଣୁ ସେ ପାଚେରୀ ଡେଇଁ ପଳାଇବାକୁ ପ୍ରୟାସ କରିଥିଲେ। ସେ ନିଜ ମୋବାଇଲ ଫୋନ୍ ନାଳରେ ପକାଇଦେଇଥିଲେ। ତେବେ ଇଡି ଏହାକୁ ଜବତ କରିଛି। ତାଙ୍କ ଗିରଫ କରାଯିବାର କିଛି ଚିତ୍ର ସାମ୍ନାକୁ ଆସିଛି। କଳା ଧନକୁ ଧଳା କରିବା ପ୍ରକ୍ରିୟା ଅର୍ଥାତ ମନି ଲଣ୍ଡ୍ରିଂ ମାମଲାରେ ଶାହା, ତାଙ୍କ ସମ୍ପର୍କୀୟ ଓ ସହଯୋଗୀଙ୍କ ବିରୋଧରେ ଅଭିଯୋଗ ଆସିଛି। ଏବେ ତାଙ୍କୁ ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯିବ ଓ ତଦନ୍ତ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇବା ପାଇଁ ଅପିଲ କରାଯିବ। ଶିକ୍ଷକ ଭର୍ତ୍ତି ମାମଲାରେ ବୀରଭୁମ୍‌ର ଜଣେ ବ୍ୟକ୍ତିଙ୍କ ସହ ଶାହା ଅର୍ଥ ନେଣଦେଣ କରିବାର ସୂଚନା ପାଇବା ପରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇଡି ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କ ବୀରଭୁମ୍‌ସ୍ଥିତ ଘରେ ଚଢ଼ାଉ କରିଥିଲା। ଏହା ପୂର୍ବରୁ ଇଡି ଶାହାଙ୍କ ପତ୍ନୀଙ୍କୁ ମଧ୍ୟ ପଚରାଉଚରା କରିଥିଲା। ଉଲ୍ଲେଖଥାଉ କି, ୨୦୨୩ରେ ଶାହାଙ୍କୁ ଏହି ମାମଲାରେ ସିବିଆଇ ଗିରଫ କରିଥିଲା। କିନ୍ତୁ ତାଙ୍କୁ ପରେ ଛାଡି ଦିଆଯାଇଥିଲା। ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସହାୟକ ଓ ପ୍ରାଥମିକ ଶିକ୍ଷକ ଭର୍ତ୍ତି ମାମଲାରେ ଯାଞ୍ଚ୍ କରିବାକୁ କୋଲକାତା ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଇଡି ପଶ୍ଚିମବଙ୍ଗ ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ, ତାଙ୍କ ସହଯୋଗୀ ତଥା ଅଭିନେତ୍ରୀ ଅର୍ପିତା ମୁଖାର୍ଜୀ ଓ ଅନ୍ୟତମ ଟିଏମ୍‌ସି ବିଧାୟକ ପଶ୍ଚିମବଙ୍ଗ ପ୍ରାଥମିକ ଶିକ୍ଷା ବୋର୍ଡର ପୂର୍ବତନ ଅଧକ୍ଷ ମାଣିକ ଭଟାଚାର୍ଯ୍ୟଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରିଥିଲା।

**ପାଚେରି ଡେଇଁ ପଳାଉଥିଲେ; ଧରିଲା ଇଡି**

## ଧନଖଡ଼ଙ୍କ ସଂପର୍କରେ ମୁହଁ ଖୋଲିଲେ ଅମିତ ଶାହ



ନୂଆଦିଲ୍ଲୀ, ୨୫।୮: ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ନେଇ ମୁହଁ ଖୋଲିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି ଯେ ନିଜର ବ୍ୟକ୍ତିଗତ ସ୍ୱାସ୍ଥ୍ୟଗତ କାରଣରୁ ଧନଖଡ଼ ଇସ୍ତଫା ଦେଇଛନ୍ତି। ଇସ୍ତଫା ପରେ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଛି ବୋଲି ବିରୋଧୀ ଦଳ ଯାହା ଅଭିଯୋଗ କରୁଛନ୍ତି, ତାହା ସଂପୂର୍ଣ୍ଣ ମିଛ। ଏଥିରେ ଟିକିଏ ମାତ୍ର ସତ୍ୟତା ନାହିଁ ବୋଲି କହିଛନ୍ତି ଶାହ। ଏଏନ୍‌ଆଇକୁ ଦେଇଥିବା ଏକ ସାକ୍ଷାତକାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିବା ସହିତ କହିଛନ୍ତି ଯେ ଧନଖଡ଼ଙ୍କୁ ନେଇ ବିରୋଧୀ ଦଳ ଅଯଥାରେ ବିବାଦ ସୃଷ୍ଟି କରୁଛନ୍ତି। ନିଜ ଇସ୍ତଫାପତ୍ରରେ ଧନଖଡ଼ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି, ତାଙ୍କର ସ୍ୱସ୍ଥ୍ୟ ଠିକ୍ ନୁହେଁ। ପୁଣି ଏହି ପତ୍ରରେ ସେ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କୁ ନେଇ ବିରୋଧୀ ଦଳମାନେ ଯାହା ପ୍ରଚାର କରୁଛନ୍ତି ତାହା ସତ୍ୟ ଉପରେ ଆଧାରିତ ନୁହେଁ।

ଲୋକସଭାରେ ଆଗତ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ ଯେ ଏହାକୁ ନେଇ କାହିଁକି ବିବାଦ ସୃଷ୍ଟି କରାଯାଉଛି ତାହା ସେ ବୁଝି ପାରୁ ନାହାନ୍ତି। ରାଜନୀତିରେ ନୈତିକତାର ସ୍ତର ବୃଦ୍ଧି କରିବା ଲାଗି ଏହା ଉଦ୍ଦିଷ୍ଟ। ଦୁର୍ନୀତି ଓ ଅନ୍ୟ ଅପରାଧ ଅଭିଯୋଗରେ ଗିରଫ ହୋଇ ୩୦ ଦିନ ଧରି ଜେଲରେ ରହିଲେ ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ କି ଅନ୍ୟ କେଉଁ ମନ୍ତ୍ରୀ ସେମାନେ ପଦ ହରାଇବେ। ଏଥିରେ ଅସୁବିଧା କଣ? ଜେଲରୁ ରହି ସରକାର ଚଳାଇବା ଠିକ୍ ନୁହେଁ। ନିଜର ଉଦାହରଣ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ, ୨୦୧୦ରେ ଗୁଜରାଟର ଗୃହମନ୍ତ୍ରୀ ଥିବା ବେଳେ ଏକ ମିଥ୍ୟା ମାମଲାରେ ତାଙ୍କୁ ଫସାଯାଇଥିଲା। ଏହି ମାମଲାରେ ସିବିଆଇ ସମନ୍ ପାଇବା କ୍ଷଣି ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। କେବଳ ଏତିକି ନୁହେଁ, ଏହି ମାମଲାରେ ଦୋଷମୁକ୍ତ ନା ହେବା ପର୍ଯ୍ୟନ୍ତ ସେ କୌଣସି ସାମ୍ବିଧାନିକ ଦାୟିତ୍ୱ ଗ୍ରହଣ କରିନଥିଲେ। ସେ କହିଲେ ଯେ ଅପରାଧୀଙ୍କୁ ଅଯୋଗ୍ୟ ଘୋଷିତ କରିବା ଲାଗି ମନମୋହନ ସରକାର ଏକ ଅଧ୍ୟାଦେଶ ଆଣିଥିଲେ। ଏହି ଅଧ୍ୟାଦେଶକୁ ରାହୁଲ ଗାନ୍ଧୀ ବିରୋଧ କରିବା ସହିତ ଏହାର କପିକୁ ଚିରି ଦେଇଥିଲେ। ଏବେ ଏଭଳି ବିଲକୁ ସେ କାହିଁକି ବିରୋଧ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶାହ।

## ୩ବର୍ଷର ଶିଶୁ ସହ ଜଳିଗଲେ ଅଧ୍ୟାପିକା



ଯୋଧପୁର, ୨୫।୮: ନୋଏଡ଼ାରେ ଯୌତୁକ ପାଇଁ ସ୍ୱାମୀ ଓ ଶାଶୂ ଜଣେ ମହିଳାଙ୍କୁ ନିଆଁ ଲଗାଇ ହତ୍ୟା କରିବା ଘଟଣାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଏଭଳି ଆଉ ଏକ ଅଭାବନୀୟ ଘଟଣା ଘଟିଛି ରାଜସ୍ଥାନର ଯୋଧପୁରରେ। ଯୌତୁକ ନିର୍ଯାତନାର ଶିକାର ଜଣେ ଅଧ୍ୟାପିକା ନିଜ ୩ ବର୍ଷର ଶିଶୁକନ୍ୟା ସହିତ ନିଆଁ ଲଗାଇ ଆତ୍ମଦାହ କରିଛନ୍ତି। ସେ ଛାଡ଼ିଯାଇଥିବା ସୁଇସାଇଡ୍ ନୋଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ଦେଉଥିବା ନିର୍ଯାତନା ଅସହ୍ୟ ହୋଇପଡ଼ିବାରୁ ସେ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସଂଜୁ ବିଷ୍ଣୋଇ ନାମକ ଏହି ମହିଳା ଜଣକ ଏକ କଲେଜରେ ଅଧ୍ୟାପିକା ଥିଲେ। ଗତ ଶୁକ୍ରବାର ଦିନ ସେ କଲେଜରୁ ଫେରିଥିଲେ। ଏହାପରେ ନିଜ ଶିଶୁ କନ୍ୟାକୁ ଧରି ଏକ ଚୌକିରେ ବସିପଡ଼ିଲେ। ନିଜ ଓ ଶିଶୁ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଏହି ସମୟରେ ଘରେ କେହି ନଥିଲେ। ଘରୁ ନିଆଁ ଓ ଧୂଆଁ ବାହାରୁ ଥିବା ଦେଖି ପଡ଼ୋଶୀମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଂଚିଲା ବେଳକୁ ଝିଅର ମୃତ୍ୟୁ ଘଟିଥିଲା। ସଂଜୁଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ଗତ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ତଦନ୍ତ ଆରମ୍ଭ କରିଛି। ଶାଶୂ ଘର ଲୋକଙ୍କ ବିରୋଧରେ ସଞ୍ଜୁଙ୍କ ପିତା ମଧ୍ୟ ଥାନାରେ ମାମାଲା ରୁଜୁ କରିଛନ୍ତି। ଝିଅକୁ ଆତ୍ମହତ୍ୟା ପାଇଁ ଉସକାଇଥିବାର ସେ ଅଭିଯୋଗ ଆଣିଛନ୍ତି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ଏକଜଷ୍ଟ ପଙ୍ଖା କଣାରୁ ଭିଡିଓ ରେକର୍ଡିଂ କରାଯାଇଥିଲା

କୋଲକାତା, ୨୫।୮(ଏଜେନ୍ସି): ବହୁ ଚର୍ଚ୍ଚିତ କୋଲକାତା ଲ' କଲେଜ ଛାତ୍ରୀ ଦୁଷ୍କର୍ମ ମାମଲାରେ ୬୫୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି। ଏଥିରେ ଦୁଷ୍କର୍ମ ଏକାଧିକ ଭିଡିଓ ଉତ୍ତୋଳନ କରି ଛାତ୍ରୀଙ୍କୁ ବ୍ଲାକମେଲ କରାଯାଉଥିଲା ବୋଲି ଉଲ୍ଲେଖ କରାଯାଇଛି। ଛାତ୍ରୀଙ୍କର ମେଡିକାଲ ପରୀକ୍ଷାରେ ଦୁଷ୍କର୍ମ କରାଯାଇଥିବା ନିଶ୍ଚିତ ହୋଇଛି। ଅଭିଯୁକ୍ତର ଡିଏନ୍‌ଏ ଫରେନସିକ ସାମ୍ପଲ ସହ ମେଳ ଖାଉଛି ବୋଲି ପୁଲିସକୁ ପ୍ରମାଣ ମିଳିଛି। ଗତ ଜୁନ୍ ୨୫ରେ ଦକ୍ଷିଣ କୋଲକାତା ଲ କଲେଜ କ୍ୟାମ୍ପସରେ ମନୋଜିତ ମିଶ୍ରା ନାମକ ଜଣେ ବ୍ୟକ୍ତି ଓ ତା'ର ୨ ଜଣ ସାଥି ଜେବ ଅହମ୍ମଦ, ପ୍ରମିତ ମୁଖାର୍ଜୀ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ। ଏହି ମାମଲାରେ ପିନାକି ବାନାର୍ଜୀ ନାମକ ଜଣେ ସିକ୍ୟୁରିଟି ଗାର୍ଡ ମଧ୍ୟ ସାମିଲ ରହିଥିଲା। ଚାର୍ଜସିଟ୍‌ରେ ଏହି ୪ ଜଣଙ୍କୁ ଅଭିଯୁକ୍ତ ଭାବେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତମାନେ ପୀଡିତାଙ୍କୁ ଘୋସାଡି ବନ୍ଧକ ରଖୁଥିବାର ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି। ସବୁଠାରୁ ବଡ଼ କଥା ହେଉଛି ଅଭିଯୁକ୍ତଙ୍କ ମୋବାଇଲ୍‌ରେ ପୀଡିତାଙ୍କ ବହୁ ଆପତ୍ତିଜନକ ଭିଡିଓ ଉଦ୍ଧାର କରାଯାଇଛି। କାନ୍ଥରେ ଲାଗିଥିବା ଏକ୍‌ଜଷ୍ଟ ପଙ୍ଖାର ଗାତରେ କ୍ୟାମେରା ଲଗାଇ ଅଭିଯୁକ୍ତମାନେ ଭଡିଓ ଉତ୍ତୋଳନ କରିଥିଲେ ବୋଲି ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଛି। ଭିଡିଓରେ ଥିବା ଅଭିଯୁକ୍ତିମାନଙ୍କ ସ୍ୱର ସହ ନମୁନା ମେଳଖାଉଛି। ଘଟଣାସ୍ଥଳରେ ହିଁ ଅଭିଯୁକ୍ତର ମୋବାଇଲ ଫୋନ ଲୋକେଶନ ରହିଥିଲା। ସିକ୍ୟୁରିଟି ଗାର୍ଡଜଣକ ଏହି ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେବା ବଦଳରେ ଗାର୍ଡ ରୁମ୍‌ରେ ଚାବି ପକାଇଥିଲେ। ତେଣୁ ଚାର୍ଜସିଟ୍‌ରେ ତାଙ୍କ ନାମ ଉଲ୍ଲେଖ କରାଯାଇଛି। ଉଲ୍ଲେଖଥାଉ କି, ଏହି ଘଟଣା ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ରା ବିଭିନ୍ନ ମାମଲାରେ ୮ଥର ଗିରଫ ହୋଇଥିଲେ ମଧ୍ୟ ତାକୁ ବନ୍ଧୁମାନେ ଜାମିନରେ ବାହର କରିଥିଲେ। ମନୋଜିତ ଏହି ଲ କଲେଜର ପୂର୍ବତନ ଛାତ୍ର ଓ ସେ ଚୁକ୍ତିଭିତ୍ତିରେ କଲେଜରେ କାମ କରୁଥିଲା। ସେ ୨୦୧୨ରେ ଲ କଲେଜ ଛାତ୍ରସଂଘର ସାଧାରଣ ସମ୍ପାଦକ ରହିଥିଲେ। ସେ ମଧ୍ୟ ତୃଣମୂଳ କଂଗ୍ରେସର ଦକ୍ଷିଣ କୋଲକାତା ସଂଘର ସମ୍ପାଦକ ଥିଲେ।

**କୋଲକାତା ଲ' କଲେଜ ଦୁଷ୍କର୍ମ ମାମଲା**

**୬୫୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ**

## ମହଙ୍ଗା ହେଲା ଦିଲ୍ଲୀ ମେଟ୍ରୋ ଯାତ୍ରା

ନୂଆଦିଲ୍ଲୀ, ୨୫।୮(ଏଜେନ୍ସି): ଦିଲ୍ଲୀ ମେଟ୍ରୋର ଯାତ୍ର ସୋମବାରଠାରୁ ମହଙ୍ଗା ହୋଇଛି। ଦିଲ୍ଲୀ ମୋଟ୍ରୋ ରେଲ୍ କର୍ପୋରେସନ (ଡିଏମ୍‌ଆରସି) ଅଗଷ୍ଟ ୨୫ରୁ ୧ରୁ ୫ ଟଙ୍କା ପର୍ଯ୍ୟନ୍ତ ଟିକଟ ମୂଲ୍ୟରେ ବୃଦ୍ଧି କରିଛି। ସାଧାରଣ ରୁଟ୍‌ରେ ଭଡା ୧ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ୩୨ କିମିରୁ ଊର୍ଦ୍ଧ୍ୱ ପଥ ଯାତ୍ରା ପାଇଁ ଭଡାରୁ ୬୦ରୁ ୬୪ ଟଙ୍କା କରାଯାଇଛି। ୮ ବର୍ଷ ପରେ ମେଟ୍ରୋ ରେଲ୍‌ରେ ଭଡା ବୃଦ୍ଧି କରାଯାଇଛି। ଦୂରତା ଅନୁସାରେ ଭଡା ବୃଦ୍ଧି ହୋଇଛି। ସବୁଠାରୁ ଦୀର୍ଘ ପଥ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କୁ ୬୪ ଓ ୨ କିମି ପର୍ଯ୍ୟନ୍ତ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କୁ ୧୧ ଟଙ୍କା ଦେବାକୁ ହେବ।

## ଲକ୍ଷ୍ନୌରେ ଶୁଭାଂଶୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଲକ୍ଷ୍ନୌ, ୨୫।୮(ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଅନ୍ତରୀକ୍ଷରୁ ଫେରିବା ପରେ ୪୧ ଦିନ ପରେ ଲକ୍ଷ୍ନୌରେ ପହଞ୍ଚିଛନ୍ତି। ତାଙ୍କ ସହ ପତ୍ନୀ କାମନା ଓ ୬ ବର୍ଷର ପୁଅ କିଆଂଶ ମଧ୍ୟ ସାଥିରେ ଥିଲେ। ବିମାନ ବନ୍ଦରରେ ମହକାଶଚାରୀ ପୋଷାକ ପିନ୍ଧି ପିଲାମାନେ ଶୁଭାଂଶୁଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଉପ- ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଶୁଭାଂଶୁଙ୍କୁ ସ୍ୱାଗତ କରିଥିଲେ। ହଜାର ହଜାର ଲୋକ ତ୍ରିରଙ୍ଗା ଧରି ତାଙ୍କୁ ସ୍ୱାଗତ କରିବାକୁ ଉପସ୍ଥିତ ଥିଲେ। ଢ଼ୋଲ ଓ ବାଜା ବଜାଇବା ସହ ତାଙ୍କୁ ସ୍ୱାଗତ କରାଯାଇଥିଲା ଓ 'ଭାରତ ମାତାକି ଜୟ' ଧ୍ୱନୀରେ ବିମାନ ବନ୍ଦରରେ ପ୍ରକମ୍ପିତ ହୋଇଥିଲା।

## ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ

ପୁରୀ,୨୫।୮ (ସମିସ): ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥିରେ ସୋମବାର ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଆଜ୍ଞାମାଳ ପାଇ ଜଗମୋହନରେ ବିଜେ ହୋଇଥିଲେ। ସେଠାରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ କରାଯାଇଥିଲା। ହରଚଣ୍ଡୀ ସାହିବାସୀ ଏହି ଲୀଳା ପ୍ରସ୍ତାବ ଆଗତ କରିଥିଲେ। ପରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଥିଲେ। ପୌରାଣିକ କଥାବସ୍ତୁ ଅନୁଯାୟୀ, ମହାପ୍ରଭୁ କୃଷ୍ଣ ଅବତାରରେ ଗୋପୀମାନଙ୍କ ସହିତ ଲୀଳା କରୁଥିଲେ। ସେତେବେଳେ ଗୋପୀମାନେ ନିକୁଞ୍ଜ ବା ଲତାକୁଞ୍ଜରେ ରାଧାକୃଷ୍ଣଙ୍କୁ ବସାଇ ବିଭିନ୍ନ ପ୍ରକାର ଫୁଲରେ ସଜାଇ ତାଙ୍କ ସହିତ ଲୀଳା କରୁଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ଅନୁଷ୍ଠିତ ହେଉଛି।

## ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ

ପୁରୀ,୨୫।୮ (ସମିସ): ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଗତ ଶୁକ୍ରବାରଠାରୁ ଭଙ୍ଗା ଆରମ୍ଭ ହୋଇଛି। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗାଯାଉଥିଲା। ରବିବାର ଦେବଦଳନ ରଥ ଭଙ୍ଗା ସମ୍ପୂର୍ଣ୍ଣ ହେବା ପରେ ସୋମବାରଠାରୁ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୯ଜଣ ଭୋଇ ସେବକ ଏଥିରେ ନିୟୋଜିତ ହୋଇଛନ୍ତି। ଉପରଆଡୁ ରଥ ଭଙ୍ଗା ଯାଉଛି। ସୋମବାର ସୁଦ୍ଧା ରଥର ଖପୁରୀ, ପାରାଭାଡ଼ି, ପୋଟଳ, ପୋଟଳ ପାରେଣି, ଖମ୍ବି ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ତାଗ, କଇଁଚି, ପ୍ରଭା, ଦୁଆରବେଢ଼ା ପର୍ଯ୍ୟନ୍ତ ଭଙ୍ଗାଯାଇଛି। ରଥ ଭଙ୍ଗାଯାଇ ବାହାରୁଥିବା କାଠକୁ ମଶାଣୀ ଚଣ୍ଡୀ ଛକସ୍ଥିତ ଗୋଦାମ ଘରେ ରଖାଯାଉଛି। ତାଳଧ୍ୱଜ ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ତିନିଦିନ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି। ତାଳଧ୍ୱଜ ରଥ ଭଙ୍ଗାଯିବା ପରେ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ ଅନୁଯାୟୀ, ଖେଇ ବାବଦରେ ରଥର କିଛି ଅଂଶ ମହାରଣା, ରୂପକାର, କମାର ଓ ଭୋଇ ସେବକଙ୍କୁ ପ୍ରଦାନ କରାଯିବ। ସିଂହାସନ, ପ୍ରଭା, ନାଟଗୋଡ଼, ଗୁଜ ଓ ଚକକୁ ଷ୍ଟୋର୍ ରୁମ୍‌ରେ ରଖାଯିବ। ଏହାକୁ ବିକ୍ରି କରାଯିବ। ବଳକା କାଠକୁ ଚିରଟ କରାଯାଇ ଶ୍ରୀମନ୍ଦିର ରୋଷ ଶାଳାରେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବ।

### ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରୀ ସମ୍ମିଳନୀ

## ପୁରୀ ବିମାନବନ୍ଦର ହେବ ବିଶ୍ୱର ଆଧ୍ୟାତ୍ମିକ ଦ୍ୱାରପଥ

ଭୁବନେଶ୍ୱର,୨୫।୮ (ସମିସ): ପୁରୀରେ ଏକ ବିଶ୍ୱସ୍ତରୀୟ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି। ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଭୁବନେଶ୍ୱର ଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ନୂଆ ସରକାର ଗଠନର ବିଗତ ୧୪ ମାସ ମଧ୍ୟରେ, ଓଡିଶାର ବିମାନବନ୍ଦର ଗୁଡ଼ିକ, ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ଆମର ଏହି ନୀତି, ଓଡିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ବିମାନ ପରିବହନ ନେଟୱର୍କ ସହିତ ଯୋଡ଼ିବାରେ ସଫଳ ହୋଇଛି। ଆମେ ଏହି କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଭୂମିକା ସୃଷ୍ଟି ଓ କୌଶଳ ବିକାଶ ଉପରେ ମଧ୍ୟ ଜୋର ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଢେଙ୍କାନାଳ ଜିଲ୍ଲାର ବିରାଶୋଳ ଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ଝାରସୁଗୁଡା ବିମାନବନ୍ଦରର ବିସ୍ତାର ପାଇଁ ଜମି




ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଏକ ରକ୍ଷଣାବେକ୍ଷଣ ଉତ୍କର୍ଷ, ମରାମତି, ପୁନର୍ନିର୍ମାଣ କେନ୍ଦ୍ର ସ୍ଥାପନ କରୁଛୁ ବୋଲି କହିଛନ୍ତି। ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ 'ପ୍ରୋଗ୍ରେସିଭ ଲ୍ୟାଣ୍ଡ ଆଲଟମେଣ୍ଟ ପଲିସି' ଆଣିବାପାଇଁ ଯାଉଛନ୍ତି। ଏହି ନୀତି ଅନୁସାରେ ରାଜ୍ୟ ବିମାନ ବନ୍ଦରମାନଙ୍କ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ରାଜ୍ୟରେ ଅବ୍ୟବହୃତ ଅବସ୍ଥାରେ ଥିବା ବିମାନପଥଗୁଡ଼ିକୁ ବିମାନବନ୍ଦର ରୂପେ ବିକଶିତ କରାଯିବ। ଏହି ଆଧାରରେ ୧୪ଟି ବିମାନବନ୍ଦର ହେବ ଏବଂ ଯେଉଁ ଜିଲ୍ଲାରେ ବିମାନବନ୍ଦର ନାହିଁ, ସେଠାରେ ସମୁଦାୟ ୧୫ଟି ହେଲିପୋର୍ଟ ସ୍ଥାପନ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ଏହି କାର୍ଯ୍ୟକ୍ରମରେ କ୍ୟାଡେଟ୍ ପାଇଲଟ ପ୍ରୋଗ୍ରାମ ଆରମ୍ଭ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରୋଗ୍ରାମ ଅଧୀନରେ ଆଦିବାସୀ କନ୍ୟାମାନଙ୍କୁ ପାଇଲଟ ହେବା ପାଇଁ ଟ୍ରେନିଂ ଦିଆଯିବ। ଏହି ଅବସରରେ ରାଜ୍ୟ ସରକାର ଆଜି ଦେଶର ପ୍ରମୁଖ ବିମାନ ଏମ୍‌ଆରଓ ସେବାଦାତା ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ବଳରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍‌ଆରଓ ସୁବିଧା ସ୍ଥାପିତ ହେବ। ଏଥିସହିତ, ରାଜ୍ୟର ଯୁବମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ

**ଓଡ଼ିଆ ଆଦିବାସୀ ଝିଅଙ୍କୁ ପାଇଲଟ୍ ହେବାକୁ ଦିଆଯିବ ତାଲିମ୍**

ଚାକିରି ସୁଯୋଗ ସୃଷ୍ଟି କରିବା ନିମନ୍ତେ, ରାଜ୍ୟ ସରକାର ଏୟାର ୱାର୍କ୍ସ ସହିତ ମଧ୍ୟ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ବେସାମରିକ ବିମାନ ପରିବହନ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କେନ୍ଦ୍ର ରାଜ୍ୟମନ୍ତ୍ରୀ, ବେସାମରିକ ବିମାନ ପରିବହନ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ ପ୍ରକାଶ ଚୌଧୁରୀ ପ୍ରମୁଖ ଅଭିଭାଷଣ ରଖିଥିଲେ।

**କୂଳ ଲଙ୍ଘିଲା ବୈତରଣୀ**

## ୪ ପଞ୍ଚାୟତରେ ବନ୍ୟା ସ୍ଥିତି ଗମ୍ଭୀର

ଭଦ୍ରକ/ଆରଡି, ୨୫।୮ (ସମିସ): ଭଦ୍ରକ ଆଖୁଆପଦା ଆନିକଟରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇବା ପରେ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଧାମନଗର ଓ ଚାନ୍ଦବାଲି ବ୍ଲକ୍‌ର ବିଭିନ୍ନ ଗାଁରେ ବନ୍ୟାପାଣି ପ୍ରବେଶ କରିଛି। ଆରଡି, ଓଳଗ, ନାନ୍ଦପୁର, ସୁନ୍ଦରପୁରରେ ଲୋକଙ୍କ ଘରେ ଓ ଚାଷ ଜମିରେ ବନ୍ୟାପାଣି ପଶିଥିବା ବେଳେ ବୋଡ଼କ ନିକଟରେ ବୈତରଣୀ କୂଳ ଲଙ୍ଘିଛି। ଆଖଣ୍ଡଳମଣି-





- ନଦୀକୁ ଧସିଲା ୮୦ ଫୁଟ ସୁରକ୍ଷାବନ୍ଧ
- ରାଜପଥ ଉପରେ ୪ ଫୁଟ୍‌ର ପାଣି
- ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ
- ଶହଶହ ଏକର ଚାଷଜମି ଜଳମଗ୍ନ

କୁଆଖିଆ ୨୦ନଂ. ଜାତୀୟ ରାଜପଥର ପାଖାପାଖି ଦେଢ଼ କିମି ରାସ୍ତାରେ ୩/୪ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ୟା ଯୋଗୁଁ ଆଖଣ୍ଡଳମଣି ଓ ଯାଜପୁରର ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଦୋହରା ପାଟଣାଠାରେ ନଦୀକୁ ୮୦ ଫୁଟ୍‌ର ସୁରକ୍ଷା ବନ୍ଧ ଧସି ଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ତାହାର ମରାମତି କରାଯାଉଛି। ସେହିପରି, ବୋଡକ ତଳିଆ ଅଞ୍ଚଳ ସହ ମୁଆଁ, ସନ୍ତରା ଆଦି ୧୪ଟି ଗାଁରେ ବନ୍ୟାଜଳ ଲହଡ଼ି ମାରୁଛି। ଶହଶହ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଥିବା ବେଳେ ଗୃହପାଳିତ ପଶୁ ଗାଁ ଦାଣ୍ଡ ଓ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି।

ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ବନ୍ୟାଞ୍ଚଳ ବୁଲି ଦେଖିବା ସହ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ତଳିଆ ଅଞ୍ଚଳର ଲୋକଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀର ସହାୟତା ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ, ଆରଡି-ଚାନ୍ଦବାଲି ରାସ୍ତାର ମୁଖ ଘୋଷରାରେ ୩/୪ଫୁଟ୍ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେବା ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଆରଡି-ଧାନଖଣିଆ ରାସ୍ତାର ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

### ବାରିପଦାରେ ନିଆରା ପୂଜା

## ୨୦ ହଜାର ନାଲି ଟିକିଲିରେ ଗଣେଶ ମୂର୍ତ୍ତି

ବାରିପଦା, ୨୫।୮ (ସମିସ): ୨୦ହଜାର ନାଲି ଟିକିଲିରେ ତିଆରି ଚାଲିଛି ଗଜାନନଙ୍କ ମୂର୍ତ୍ତି। ମେଢ଼ରେ ରାଫେଲ୍, ଏସ-୪୦୦ ଓ ବ୍ରହ୍ମୋସ୍ ଭଳି ଅସ୍ତ୍ରଶସ୍ତ୍ରର ନକଲ। ବାରିପଦାର 'ଫ୍ରେଣ୍ଡସ ୟୁନିୟନ୍' ପକ୍ଷରୁ ତୁଳସୀଚଉରାଠାରେ ଏପରି ନିଆରା ଗଣେଶ ପୂଜା ପାଇଁ ସଜବାଜ ଚାଲିଛି। କ୍ଲବର ମୁଖ୍ୟ ପ୍ରତିଷ୍ଠାତା ସୌମ୍ୟରଞ୍ଜନ

**ମେଢ଼ରେ ଅପରେସନ୍ 'ସିନ୍ଦୂର'ର ଅସ୍ତ୍ରଶସ୍ତ୍ର**

ମିଶ୍ରଙ୍କ ଅଧ୍ୟକ୍ଷତାରେ ଦୀର୍ଘ ୧୮ ବର୍ଷ ଧରି ହୋଇଆସୁଥିବା ପୂଜା ଏଥର ୧୯ବର୍ଷରେ ପଦାର୍ପଣ କରିବ। ଏଥର ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱନାମଧନ୍ୟ ପ୍ରଚ୍ଛଦପଟ ଗାୟକ ହ୍ୟୁମାନ ସାଗର ଓ ତାଙ୍କ ଟିମ୍ ମନୋରଂଜନର ଭରପୂର୍ ଖୋରାକ୍ ଯୋଗାଇବେ। ସେହିପରି ୩ଦିନ ଧରି ମୁମ୍ବଇ, ନୂଆଦିଲ୍ଲୀ ଆଦି ମହାନଗରୀର ଜାତୀୟ ନୃତ୍ୟଶିଳ୍ପୀଙ୍କୁ ନେଇ ପ୍ରତିଯୋଗିତା ଆୟୋଜିତ ହେବ। ସୋନି ଟିଭିର ଇଣ୍ଡିଆ ବେଷ୍ଟ ଡ୍ୟାନ୍ସର୍ ଅଙ୍କିତ ଚୌହାନ ମଧ୍ୟ ବିଚାରକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଭାପତି ଶ୍ରୀ ମିଶ୍ରଙ୍କ ସମେତ ସମ୍ପାଦକ ଦେବାଶିଷ ଦାଶ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ ଓ ପୂଜାର କର୍ମକର୍ତ୍ତା ବୀରେନ୍ଦ୍ର ନାଥ, ବିଦ୍ୟାଧର ନାୟକ, ମନୋଜ ବାରିକ, ରମାକାନ୍ତ ଥାଟେଇ, ପବିତ୍ର ଗିରି, ନିହାର ରଞ୍ଜନ ନାୟକ, ଚାନ୍ଦ ମୁଲ୍ଲା, ସେକ ଆୟୁବ, ଶୁଭ୍ରାଂଶୁ ଶେଖର ସାହୁ, ଶିବଶଙ୍କର ବେହେରା, ସନୋଜ ମହାପାତ୍ର, ରାହୁଲ ସିଂ, ରବି ସିଂ, ଭଗବାନ ବେହେରା, ସଞ୍ଜୟ ସିଂ ପ୍ରମୁଖ ସହଯୋଗ କରୁଛନ୍ତି।



## ସୋମବାର ସୁଦ୍ଧା ୧୮.୫ ଲକ୍ଷ ଚାଷୀ କରିଛନ୍ତି ପଞ୍ଜୀକରଣ

ଭୁବନେଶ୍ୱର,୨୫।୮ (ସମିସ): ଆସନ୍ତା ଖରିଫ ଋତୁ ପାଇଁ ସୋମବାର ସୁଦ୍ଧା ୧୮ ଲକ୍ଷ ୫୦ ହଜାର ୯୮୩ ଚାଷୀ ପଞ୍ଜୀକରଣ କରିଛନ୍ତି। ଚାଷୀ ପଞ୍ଜୀକରଣରେ ରାଜ୍ୟରେ ଏହା ସର୍ବକାଳୀନ ରେକର୍ଡ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ସୋମବାର ରାତି ୧୨ଟା ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ରହିଛି। ଏହାକୁ ବିଚାରକୁ ନେଲେ ଆଜି ଆହୁରି ଲକ୍ଷେରୁ ଦେଢ଼ଲକ୍ଷ ଚାଷୀ ପଞ୍ଜୀକରଣ ସମ୍ଭାବନା ରହିଛି। ଗତବର୍ଷ ରାଜ୍ୟରେ ମୋଟ ୧୭ ଲକ୍ଷ ୫୦ହଜାର ୪୭୨ ଚାଷୀ ପଞ୍ଜୀକରଣ କରିଥିଲେ ବୋଲି ମନ୍ତ୍ରୀ ତଥ୍ୟ ରଖିଛନ୍ତି। ଧାନ ବିକ୍ରିରେ ମିଡଲ୍‌ମ୍ୟାନ୍ ଫାଇଦା ନ ନେବାକୁ ଏ ବର୍ଷ ଇ-କେୱାଇସି ବ୍ୟବସ୍ଥା କରାଯାଇଥିଲା। ତେବେ ପଞ୍ଜୀକରଣ ବେଳେ ସମସ୍ୟା ଉପୁଜିବାରୁ ଆମେ ସେଲଫ୍ ଡିକ୍ଲାରେସନ୍ ବ୍ୟବସ୍ଥା କଲୁ। ଯେଉଁଥିପାଇଁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଖରିଫ୍ ପଞ୍ଜୀକରଣ ପାଇଁ ସରକାର ଚଳିତଥର ଆପଣାଇଥିବା ବ୍ୟବସ୍ଥାକୁ ନେଇ ରାଜ୍ୟବ୍ୟାପୀ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ଚାଷୀମାନଙ୍କ ପ୍ରବଳ ବିରୋଧ ଯୋଗୁଁ ସରକାର ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବାକୁ ବାଧ୍ୟ ହୋଇଥିଲେ।

## ବଜ୍ରପାତରେ ବାପ ମୃତ; ଅଳ୍ପକେ ବର୍ତ୍ତିଲେ ପୁଅ

ବଡ଼ଚଣା, ୨୫।୮ (ସମିସ): ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ବାପାର ମୃତ୍ୟୁ ହୋଇଥିବା ବେଳେ ପୁଅ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ଗ୍ରାମର କୈଳାସ ଚନ୍ଦ୍ର ନାୟକ (୭୨) ଓ ତାଙ୍କ ପୁଅ ପ୍ରଶାନ୍ତ କୁମାର ନାୟକ(୪୨) ଆଜି ଦିନ ପ୍ରାୟ ୨ଟାରେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଆଘାତ ପାଇ କୈଳାସ ତଳେ ପଡ଼ି ଛଟପଟ ହେଉଥିବା ବେଳେ ପ୍ରଶାନ୍ତ ଲୋକମାନଙ୍କୁ ଡାକ ପକାଇଥିଲେ। ଗୁରୁତର କୈଳାଶଙ୍କୁ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପ୍ରଶାନ୍ତଙ୍କ ଅଭିଯୋଗ ଆଧାରରେ ବଡ଼ଚଣା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ କୈଳାଶଙ୍କ ଶବ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଝିଅାରୀକୁ ବଞ୍ଚାଇବାକୁ ଯାଇ ବଡ଼ବାପା ମୃତ

ତୁରୁମୁଙ୍ଗା, ୨୫।୮ (ସମିସ): ଲୁଗା ଶୁଖାଇବା ବେଳେ ଅଘଟଣ। ଝିଆରୀକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ବଡ଼ବାପାଙ୍କ ମୃତ୍ୟୁ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଚିନାମାଳିପଶି ଗ୍ରାମର ତଣ୍ଡିଆ ସାହିରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ଦୁର୍ଯ୍ୟୋଧନ ବେହେରା। ଆଜି ସକାଳେ ଦୁର୍ଯ୍ୟୋଧନଙ୍କ ଝିଆରୀ ଅଞ୍ଜଳି ଘର ବାହାରେ ଥିବା ଜିଆଇ ତାରରେ ଲୁଗା ଶୁଖାଉଥିଲେ। ତାରଟି କୌଣସି କାରଣରୁ ଘରକୁ ଆସିଥିବା ମେନ୍-ଲାଇନ୍ ସଂସ୍ପର୍ଶରେ ଆସିଥିଲା। ଅଞ୍ଜଳି ବିଦ୍ୟୁତ୍ ଆଘାତରେ ଛଟପଟ ହେଉଥିବା ଦେଖି ଦୁର୍ଯ୍ୟୋଧନ ଓ ତାଙ୍କ ଭାଇ ଦୁଃଶାସନ ତାକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଏଥିରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ଘଟିଥିବା ବେଳେ ଅଞ୍ଜଳି ଓ ଦୁଃଶାସନ ଗୁରୁତର ଆହତ ହୋଇଥିଲେ।

## ସରକାରଙ୍କ ବିଫଳତା ଲୁଚାଇବାକୁ ବିଜେପି ବିଧାୟକଙ୍କ ଅବାଞ୍ଛିତ ମନ୍ତବ୍ୟ: ବିଜେଡି

ଭୁବନେଶ୍ୱର,୨୫।୮ (ସମିସ): ବିଜେପି ବିଧାୟକ ସରୋଜ ପାଢ଼ୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ପ୍ରତି ଦେଇଥିବା ଅରୁଚିକର ଓ ଅଶାଳୀନ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ସରକାରଙ୍କ ବିଫଳତା ଲୁଚାଇବାକୁ ସେ ଅବାଞ୍ଛିତ ମନ୍ତବ୍ୟ ଦେଇଛନ୍ତି ବୋଲି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ଡ. ଲେନିନ୍ ମହାନ୍ତି କହିଛନ୍ତି। ବିଜେପିର ଏଭଳି କୁତ୍ସିତ ଉଦ୍ୟମକୁ ରାଜ୍ୟବାସୀ କେବେ ବି ଗ୍ରହଣ କରିବେ ନାହିଁ। ୨୦୨୭ ମସିହାରେ



ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଓ ୨୦୨୯ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେଡି ସଫଳତା ହାସଲ କରିବ ବୋଲି ଉଭୟେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଭୟେ ଆସ୍କା ବିଧାୟକ ସରୋଜ ପାଢ଼ୀ ଓ ବିଜେପି ଉପରେ ବର୍ଷିଥିଲେ।

ଶ୍ରୀ ପଣ୍ଡା କହିଥିଲେ ଯେ ଆସିକା ବିଧାୟକ ବିଭିନ୍ନ ଅସାମାଜିକ କାର୍ଯ୍ୟ ଯଥା ଜୁଆଖେଳ ଭଳି ଘୃଣ୍ୟ କାମରେ ଲିପ୍ତ ଥିବା ରେକର୍ଡ ରହିଛି। ୨୦୨୨ ମସିହାରେ ଶ୍ରୀ ପାଢ଼ୀ ଜୁଆଖେଳରେ ସମ୍ପୃକ୍ତି ପରେ ନିରୁଦ୍ଦିଷ୍ଟ ହୋଇଯାଇଥିଲେ। ତାଙ୍କ ପରିବାର ସଦସ୍ୟ ପୁଲିସରେ ଅଭିଯୋଗ କରିଥିଲେ। କିଛି ଦିନ ପରେ ସେ ରାମେଶ୍ୱରରୁ ଉଦ୍ଧାର ହୋଇଥିଲେ। ସେତେବେଳେ ନିଜର ମାନସିକ ସ୍ଥିତି ଠିକ୍ ନଥିବା ସେ ଗଣମାଧ୍ୟମକୁ କହିଥିଲେ। ବିଧାୟକ ହେବା ପରେ ବାଲି ମାଫିଆଙ୍କଠାରୁ ଜୋରଜବରଦସ୍ତି ଚାନ୍ଦା ମାଗୁଥିବାର ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଆସିକା ନିର୍ବାଚନମଣ୍ଡଳୀରେ ବିଚ୍ ରାସ୍ତାରେ ବି ସେ ପିସି ମାଗିବା ପାଇଁ ପଛଘୁଞ୍ଚା ଦେଉନାହାନ୍ତି, ଯେଉଁଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ହେଉଥିବା ଦୁର୍ନୀତିରେ ସେ ସିଧାସଳଖ ସମ୍ପୃକ୍ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଜେଡି ଓ ଓଡ଼ିଶାର ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେବା ପାଇଁ ବିଜେପି ଏଭଳି ଜଣେ ବ୍ୟକ୍ତିଙ୍କୁ ମନୋନୀତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ।

ଡ. ମହାନ୍ତି କହିଥିଲେ, ଗତ ୧୪ ମାସରେ ରାଜ୍ୟରେ ବିଜେପି ଶାସନରେ ସମସ୍ତ କ୍ଷେତ୍ରରେ ବିଫଳତା ଶିଖର ଛୁଇଁଛି। ବିଜେପି ଶାସନ ସମୟରେ କେନ୍ଦ୍ରୀୟ ଅନୁଦାନ ବଢ଼ିବା ପରିବର୍ତ୍ତେ ୧୮.୧୯ ପ୍ରତିଶତ କମିଛି। ନାରୀ

- ୨୦୨୭ ପଞ୍ଚାୟତ ଓ ୨୦୨୯ ସାଧାରଣ ନିର୍ବାଚନରେ ସଫଳତା ନେଇ ବିଜେଡିର ଦୃଢ଼ୋକ୍ତି
- ଡବଲ ଇଞ୍ଜିନ ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଛି

ନିର୍ଯ୍ୟାତନାକୁ ନେଇ ଓଡ଼ିଶା ସମଗ୍ର ଦେଶ ଓ ବିଶ୍ୱରେ ନିନ୍ଦିତ ହୋଇଛି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଓ ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ। ବାଲି, ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ବିଜେପି ନେତାଙ୍କ ସମ୍ପୃକ୍ତି ଲାଗି ସରକାରୀ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଖସି ଆସିଛି। ବିଜେପିର ଆଭ୍ୟନ୍ତରୀଣ କନ୍ଦଳ ଓ ସରକାର ଚଳାଇବାରେ ଅପାରଗତା ଜଳଜଳ ହୋଇ ଦିଶୁଛି। ରାଜ୍ୟର ଶାସନ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ନାହିଁ। ଦୀର୍ଘ ୧୫ ଦିନ ହେଲା ଅମଲା ଆନ୍ଦୋଳନ ଯୋଗୁଁ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ ରାଜସ୍ୱ ମନ୍ତ୍ରୀ ଏଥିରେ ବିଜେଡିର ସମ୍ପୃକ୍ତି ଅଭିଯୋଗ କରିଛନ୍ତି, ଯାହା ତାଙ୍କ ହତାଶାଭାବର ପରିଚୟ ଦେଉଛି। ସେ ଆହୁରି ମଧ୍ୟ କହିଥିଲେ ଯେ ବିଜେପି ପକ୍ଷରୁ ବାରମ୍ବାର ଭି.କେ ପାଣ୍ଡିଆନଙ୍କୁ ନେଇ ବିଭିନ୍ନ ବିଭ୍ରାନ୍ତିକର ଓ କଟୁ ମନ୍ତବ୍ୟ ଦିଆଯାଉଛି। ଓଡ଼ିଶାବାସୀ ଭଲ ଭାବେ ଜାଣନ୍ତି ଯେ ଭି.କେ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରୁ ନୁହଁ। ତେଣୁ ତାଙ୍କୁ ନେଇ କୁତ୍ସିତ ରାଜନୀତି ନ ହେଉ ବୋଲି ସେ କହିଛନ୍ତି।

**ଧରପଗଡ଼ କି ସଚେତନତା ନାହିଁ**

## ବିକ୍ରି ହେଉଛି ସିଡ୍ୟୁଲ-୧ ସାମୁଦ୍ରିକ ଜୀବ

ପୁରୀ,୨୫।୮ (ସମିସ): ବନ୍ୟପ୍ରାଣୀ ଆଇନ-୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଶ୍ରେଣୀଭୁକ୍ତ ସାମୁଦ୍ରିକ ଜୀବଙ୍କୁ ଧରିବା ଏବଂ ବିକ୍ରି କରିବା ଦଣ୍ଡନୀୟ ଅପରାଧ। ହେଲେ ଏ କ୍ଷେତ୍ରରେ ସଚେତନତାର ଅଭାବ ରହିଛି। ବନ୍ୟପ୍ରାଣୀ ଆଇନ ବିଷୟରେ ଅନେକ ଜାଣିନଥିବାରୁ ଖୋଲାଖୋଲି ସିଡ୍ୟୁଲ-୧ ଜୀବଙ୍କୁ ବିକ୍ରି କରାଯାଉଛି। ରାଜ୍ୟର ୪୮୦ କିମି ବେଳାଭୂମିରେ ଏମିତି ଖୁଲମଖୁଲା ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ହେଉଛି। ବିଶେଷକରି ଯେଉଁ ବେଳାଭୂମିକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି, ସେହିଠାରେ ଅନେକ ବ୍ୟବସାୟୀ ଏହାକୁ ବିକ୍ରି କରୁଛନ୍ତି। ପୁରୀ ବେଳାଭୂମି ହେଉଛି ସେଥିମଧ୍ୟରୁ ଅନ୍ୟତମ। ଏଠାରେ ଏକାଧିକ ବ୍ୟବସାୟୀ କୋରାଲ ବିକ୍ରି କରୁଛନ୍ତି। ବନ ବିଭାଗର ନିଷ୍କ୍ରିୟତା ଯୋଗୁ ପୁରୀରେ କୋରାଲ ବ୍ୟବସାୟ ବୃଦ୍ଧି ପାଉଛି।

ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ତଥ୍ୟ ଅନୁସାରେ, ଭାରତରେ ସାମୁଦ୍ରିକ ଜୀବମାନଙ୍କ ସଂଗ୍ରହ ଓ ବିକ୍ରି ଗତ କିଛି ବର୍ଷ ହେବ ବୃଦ୍ଧି ପାଇଛି। ଏହାର ପ୍ରତିଫଳନ ଓଡ଼ିଶାର ଉପକୂଳ ସମୁଦ୍ର ତଟରେ ଦେଖିବାକୁ ମିଳୁଛି। ପୁରୀ ହେଉ କି ଗୋପାଳପୁର, ଏମିତି ଅନେକ ବେଳାଭୂମିରେ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ବିକ୍ରି କରାଯାଉଛି। ଫଳରେ ବିପଦରେ ଏବେ ବିଲୁପ୍ତପ୍ରାୟ ଏହି ସାମୁଦ୍ରିକ ଜୀବ। ବାଘ, ହାତୀ ଭଳି



ସିଡ୍ୟୁଲ-୧ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଯେଉଁ ଆଇନକାନୁନ ରହିଛି, ସାମୁଦ୍ରିକ ଜୀବଙ୍କ କ୍ଷେତ୍ରରେ ବି ଏହା ଲାଗୁ ହେବ କଥା। ଉଲ୍ଲଂଘନକାରୀଙ୍କୁ ଆର୍ଥିକ ଜରିମାନା ସହ ୭ ବର୍ଷ ଜେଲ୍‌ଦଣ୍ଡର ପ୍ରାବଧାନ ରହିଛି। ହେଲେ ଏ ଦିଗରେ ସଚେତନତା କରାଯାଉନଥିବାରୁ ଶଙ୍ଖ, ଶାମୁକା ଖୋଲାଖୋଲି ବେଳାଭୂମିରେ ବିକ୍ରି ହେଉଛି। ଫଳରେ ଏହି ଶ୍ରେଣୀର ସାମୁଦ୍ରିକ ଜୀବ ଏବେ ଧୀରେଧୀରେ ହଜିଯିବାକୁ ବସିଲେଣି।

ବିଶେଷକରି ଘର ସଜାଇବା ପାଇଁ ଅନେକ ପର୍ଯ୍ୟଟକ କୋରାଲ କିଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ତେଣୁ କିଛି ବ୍ୟବସାୟୀ ଅଧିକ ଲାଭ ଆଶାରେ ବେଆଇନ ଭାବେ ଏହି ସିଡ୍ୟୁଲ-୧ ସାମୁଦ୍ରିକ ଜୀବଙ୍କୁ ବିକ୍ରି କରୁଛନ୍ତି। ପୁରୀ ବେଳାଭୂମିରେ ଅନେକ ଶଙ୍ଖ ଏବଂ ଶାମୁକା ବିକ୍ରି ଦୋକାନ ରହିଛି। ଏହି ବ୍ୟବସାୟୀମାନେ କୋରାଲ ବିକ୍ରି କରୁଛନ୍ତି। ଏହାର ଆକାର ଅନୁସାରେ ମୂଲ୍ୟ ଧାର୍ଯ୍ୟ କରୁଛନ୍ତି ବ୍ୟବସାୟୀ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କୋରାଲ ପୁରୀକୁ ଆସୁଛି କେମିତି? ଏହାକୁ ସମ୍ପୃକ୍ତ ବ୍ୟବସାୟୀମାନେ ପାଉଛନ୍ତି କିପରି?

ବିଶେଷଜ୍ଞଙ୍କ ମତରେ ସମୁଦ୍ର ଗର୍ଭରେ କୋରାଲ ରିପ୍ ରହିଛି। ସେଥିରେ ବିଭିନ୍ନ ପ୍ରକାର କୋରାଲ ରହିଥା'ନ୍ତି। ଏହାକୁ ଲାଇଭ୍ ଷ୍ଟୋନ କୁହାଯାଏ। ଏହାର ବିକ୍ରି ପଛରେ ଏକ ରାକେଟ୍ କାମ କରୁଛି। ଯେହେତୁ ଘର ସଜାଇବା ପାଇଁ ଅନେକ ଏହାକୁ ନେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି, ତେଣୁ କିଛି ମୁନାଫାଖୋର୍ ଏହି ବେଆଇନ କାରବାର ଚଳାଇଛନ୍ତି। ଓଡ଼ିଶାକୁ କୋଲକାତାରୁ ଚୋରାରେ ଏହା ଅଣାଯାଉଛି। ଏହି ବେଆଇନ କାରବାର ଯୋଗୁ ସମୁଦ୍ରରେ କୋରାଲ ରିପ୍ ପରିସୀମା କମି କମି ଯାଉଛି। କୋରାଲ ରିପ୍ ସମୁଦ୍ର ପାଇଁ ବଡ଼ ଉପଯୋଗୀ। ଏହା ଅଙ୍ଗାରକ୍ଲାମ ଶୋଷି ନେଇଥାଏ। ଫଳରେ ସମୁଦ୍ରରେ ସନ୍ତୁଳନ ରକ୍ଷାରେ ବଡ଼ ସାହାଯ୍ୟ କରେ। ଯେଉଁ ସମୁଦ୍ରରେ କୋରାଲ ରିପ୍ ରହିଛି, ତାହାର ଜୈବ ବିବିଧତା ସନ୍ତୁଳିତ ରହିଥାଏ। କିନ୍ତୁ ସଚେତନତା ଅଭାବରୁ ଏହାକୁ ଧରି ବିକ୍ରି କରାଯାଉଛି।

# ୧୦ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବାରିପଦା, ୨୫।୮ (ସମିସ):** ବାରିପଦା ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ତୁଳସୀଚଉରା ଆଞ୍ଚଳିକ ସାଧନକେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏମଟିକେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତୁଳସୀଚଉରା ଆଞ୍ଚଳିକ ସାଧନକର୍ମୀ ଭବାନୀ କୁମାର ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ମୟୂରଭଞ୍ଜ ଶିକ୍ଷକ ସମନ୍ୱୟ ସମିତି ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ବ୍ଲକ ସମନ୍ୱୟ ସମିତି ସଭାପତି ପ୍ରଦୀପ କୁମାର ନାଥ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବବିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦୀର୍ଘଦିନର କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କବିତା ସାହୁ, ବନଲତା ଦଣ୍ଡପାଟ, ଉର୍ମିଳା ମୁଦି, ନିରୁପମା ବେହେରା, ମଧୁମିତା ଦାସ, ପ୍ରେମିକା ଲେଙ୍କା, ରଞ୍ଜିତା ଓତା, ଅଞ୍ଜନା ବାରିକ, ଆବ୍ରାହମ ହୁସେନ ଓ ଗୁଲାମ ଅହମ୍ମଦଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ତନୁଜା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାହିସାହି-ବିର୍ସାମୁଣ୍ଡା ଛକ ରାସ୍ତା ମରଣଯନ୍ତା



**ବଡ଼ସାହି, ୨୫।୮ (ସମିସ):** ବଡସାହି ବ୍ଲକ ସଦର ମହକୁମାଠାରୁ ମାତ୍ର ୨ଶହ ମିଟର ଦୂର ଡାହିସାହି ଛକରୁ ବିର୍ସାମୁଣ୍ଡା ଛକ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ବଡସାହି ବଜାର ଓ ଗ୍ରାମର ଏକ ବାଇପାସ ରାସ୍ତା। ଏହି ରାସ୍ତା ଉପରେ ପ୍ରତିଦିନ ଶହଶହ ଲୋକ ଓ ଯାନବାହନ ଯିବ ଆସିବା କରୁଥିଲେ ହେଁ ପ୍ରଶାସନର ନଜର ପଡୁନାହିଁ। ପାଣି କାଦୁଅ ଓ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଜନସାଧାରଣ ଏବଂ ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବର୍ଷାଦିନେ ଏହି ରାସ୍ତା ଲୋକଙ୍କ ପାଇଁ ଦ୍ୱିଗୁଣ ସମସ୍ୟା ସୃଷ୍ଟି ହେଉଛି। ବିର୍ସାମୁଣ୍ଡା ଛକ ପଟୁ କିଛି ରାସ୍ତା କଂକ୍ରିଟ ହୋଇଥିଲେ ହେଁ ତାହା ଅତ୍ୟନ୍ତ ନିମ୍ନମାନର। ଫଳରେ ଏବେ ରାସ୍ତାରୁ ଚିପ୍ସ ଉଠି ଗଲାଣି। ଏହା ମାଣତ୍ରୀ-ବଡସାହି ଓ ବଡସାହି-ବେତନଟୀ ପୂର୍ତ୍ତ ରାସ୍ତାକୁ ସଂଯୋଗ କରୁଥିବା ଏକ ମୁଖ୍ୟ ରାସ୍ତା ହେଇଥିବା ବେଳେ ଏହାକୁ ତୁରନ୍ତ ନିର୍ମାଣ କରିବାକୁ ଦାବି ହେଲାଣି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ମଧ ଏହି ରାସ୍ତାର ମାନଚିତ୍ର ବଦଳୁ ନାହିଁ। ଫଳରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ଏହି ମାଟି ରାସ୍ତା ପାଣି କାଦୁଅରେ ପଚପଚ ହେବା ସହିତ ଅଠାଳିଆ ମାଟି ପାଇଁ ଦୁର୍ଘଟଣା ମଧ ଘଟୁଛି। ଏହି ରାସ୍ତା ପଞ୍ଚାୟତ ଅଧୀନରେ ଥିବା ବେଳେ ଏହା ଠିକାଦାରଙ୍କ ପାଇଁ ଲେଉଟିଆ ଶାଗ କିଆରି ପାଲଟିଛି। ତେଣୁ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ଦେଇ ଏହି ରାସ୍ତାକୁ ତୁରନ୍ତ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି ହେଉଛି। ରାସ୍ତା ଖରାପ ଥିବାରୁ ଲୋକେ ଦେଢ କିମି ଦେଇ ବୁଲିକରି ଯିବାକୁ ପଡୁଛି। ସରକାର ମୟୂରଭଞ୍ଜ ଜିଲାକୁ ସ୍ୱତନ୍ତ୍ର ବିକାଶ ପରିଷଦରେ ସ୍ଥାନିତ କରିଥିବା ବେଳେ ଅଞ୍ଚଳର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ଶିକ୍ଷାର ଉନ୍ନତି ପାଇଁ ଏହି ରାସ୍ତାର ଉନ୍ନତକରଣ ନିଶ୍ଚିତ ଆବଶ୍ୟକ ବୋଲି ଲୋକେ ଆଶାବ୍ୟକ୍ତ କରିଛନ୍ତି।


## ମୟୂରଭଞ୍ଜରେ ବଢୁଛି ରାସାୟନିକ ସାର ବ୍ୟବହାର

# ମାଟିର ଅମ୍ଳତା ଓ ଜୈବ ପଦାର୍ଥ ହ୍ରାସ ଆଶଙ୍କା

**ବାରିପଦା, ୨୫।୮ (ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ଜୈବିକ ଖତର ବ୍ୟବହାର ହ୍ରାସ ପାଇବା ଏବେ ଚିନ୍ତା ଜନକ ହୋଇଛି। ସ୍ୱଳ୍ପ ସମୟରେ ଅଧିକ ଅମଳ ପାଇଁ ରସାୟନିକ ସାରର ବ୍ୟବହାର ବହୁ ମାତ୍ରାରେ ହେଉଛି। ଫଳରେ ଆଗାମୀ ଦିନରେ ମାଟିରେ ଉର୍ବରତା କ୍ରମାଗତ ହ୍ରାସ ପାଇବା ସହିତ ମୌଳିକତା ହ୍ରାସ ପାଇବା ଭଳି ସ୍ଥିତି ଆସିବାକୁ ବସିଲାଣି। ଏକ ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି ଯେ, ଜିଲ୍ଲାରେ ଚଳିତ ଖରିଫ ଋତୁରେ ରାସାୟନିକ ସାର ବ୍ୟବହାର ହେକ୍ଟର ପିଛା ୧୧୧ କେଜି ହୋଇଛି। ଯାହା ଓଡ଼ିଶାର ହାରାହାରି (୫୫-୮୦ କେଜି/ହେକ୍ଟର) ତୁଳନାରେ ୧୬୪.୪% ଅଧିକ; କିନ୍ତୁ ଜାତୀୟ ହାରାହାରିକୁ ଅନୁଶୀଳନ କଲେ (୧୩୦୧୫୦ କିଲୋଗ୍ରାମ/ହେକ୍ଟର, ହାରାହାରି ୧୪୦ କିଲୋଗ୍ରାମ) ତୁଳନାରେ ୭୯.୩% କମ ରହିଛି। ଜିଲ୍ଲାରେ ମୋଟ ୪୫, ୧୦୦ ମେଟ୍ରିକ ଟନ୍ ରାସାୟନିକ ସାର ବ୍ୟବହୃତ ହେଉଛି; ଯେଉଁଥିରେ ୟୁରିଆ (୧୭ ହଜାର ମେଟ୍ରିକ ଟନ୍), ଡିଏପି (୧୧ହଜାର ମେଟ୍ରିକ ଟନ୍) ଏବଂ ଏନପିକେଏସ (୧୩ ହଜାର ମେଟ୍ରିକ ଟନ୍) ରହିଛି। ଅପରପକ୍ଷରେ ଜୈବିକ ସାର ଏବଂ ସବୁଜ ଖତର ବ୍ୟବହାର ହ୍ରାସ ପାଇବା ଜିଲ୍ଲା ପାଇଁ ନୂଆଁ ସଙ୍କଟ ଆଣିବ ବୋଲି ଆଶଙ୍କା କରାଯାଉଛି। ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ମାଟିର ଅମ୍ଳତା, ପୋଷଣରେ ଅସନ୍ତୁଳନ, ଜୈବ ପଦାର୍ଥ ହ୍ରାସ ଓ ଭୂଗର୍ଭ ଜଳ ପ୍ରଦୂଷଣର ଆଶଙ୍କା ସୃଷ୍ଟି କରୁଛି। ଏଥିସହିତ ୯୪% କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ରାସାୟନିକ ସାରର ବଢୁଥିବା ମୂଲ୍ୟ ଅର୍ଥନୈତିକ ଚାପ ସୃଷ୍ଟି କରୁଛି। ଖରିଫ ଋତୁରେ ମୋଟ ୪ ଲକ୍ଷ ୬ ହଜାର ୬୨୦ ହେକ୍ଟର ଜମିରେ ଚାଷ କରାଯାଇଛି; ଯେଉଁଥିରୁ ୨ ଲକ୍ଷ ୬୦ ହଜାର ୭୬୮ ହେକ୍ଟର (୬୪%) ଜଳସେଚିତ ଜମି ଏବଂ ୧ଲକ୍ଷ ୪୫ ହଜାର ୮୫୨ ହେକ୍ଟର (୩୬%) ବର୍ଷାଜଳ ଉପରେ ଚାଷ ହେଉଛି। ଫସଲ ଅମଳରେ ଧାନ ଚାଷ ପ୍ରାଧାନ୍ୟ ବିସ୍ତାର କରୁଛି। ଯେଉଁଥିରେ ଉଚ୍ଚ ଉତ୍ପାଦନଶୀଳ ଧାନ ୨, ୭୯, ୪୦୯ ହେକ୍ଟର (୬୮.୭%) ଏବଂ ସ୍ଥାନୀୟ ଧାନ ୧୩, ୪୭୧ ହେକ୍ଟର (୩.୩%) ଅଞ୍ଚଳରେ ପରିବେଷ୍ଟିତ ହୋଇଛି। ଏହା ବ୍ୟତୀତ, ଡାଲି ୨୪, ୯୮୦ ହେକ୍ଟର (୬.୧ଧ), ରାଗି ଓ ଅନ୍ୟ ମାଣ୍ଡିଆ ୯, ୭୦୦ ହେକ୍ଟର (୨.୩%), ପନିପରିବା ୫୬, ୬୪୦ ହେକ୍ଟର (୧୩.୯%), ଏବଂ ତୈଳବୀଜ, ତନ୍ତୁ ଓ ମସଲା ଫସଲ ୧୮, ୧୮୦ ହେକ୍ଟର (୪.୫%) ଜମିରେ ଚାଷ ହେଉଛି। ଧାନ ଚାଷର ଏହି ପ୍ରାଧାନ୍ୟ (୭୨% ଜମି) ଜିଲ୍ଲାରେ ରାସାୟନିକ ସାରର ଅଧିକ ଚାହିଦା ସୃଷ୍ଟି କରୁଛି; ଯାହା ଜଳସେଚିତ ଅଞ୍ଚଳରେ ଅଧିକ ପରିଲକ୍ଷିତ ହେଉଛି। ଜିଲ୍ଲାର ୬୪% ଜଳସେଚିତ ଜମି (୨, ୬୦, ୭୬୮ ହେକ୍ଟର) ଓ ୬୮.୭% ଉଚ୍ଚ ଉତ୍ପାଦନଶୀଳ ଧାନ ଚାଷ ଅଧିକ ସାର ବ୍ୟବହାରର ମୁଖ୍ୟ କାରଣ ବୋଲି କୁହାଯାଇଛି; ତଥାପି ମାଟିର ଅମ୍ଳତା, ପୋଷଣ ଅସନ୍ତୁଳନ ଓ ୯୪% କ୍ଷୁଦ୍ର/ନାମମାତ୍ର ଚାଷୀଙ୍କ ଅର୍ଥନୈତିକ ଚାପ ଭଳିକୁ ବହୁଗୁଣିତ କରିବ। ଜୈବିକ ସାର ଓ ଖତର ବ୍ୟବହାର ଦିନକୁ ଦିନ ହ୍ରାସ ପାଉଥିବାରୁ ଏହି ପଦ୍ଧତିର ପ୍ରୋତ୍ସାହନ ହେବା ନିହାତି ଆବଶ୍ୟକ। ରାସାୟନିକ ସାର ଅଧିକ ବ୍ୟବହାର ପରିବେଶ ଉପରେ ପ୍ରଭାବ ପକାଇବାକୁ ଯାଉଛି। ଥରେ ମାଟିରେ ଅମ୍ଳତା ବୃଦ୍ଧି ହେଲେ ହ୍ରାସ ହେବା ନିମନ୍ତେ ବହୁ ସମୟ ଲାଗିବ। ବିଶେଷକରି ୟୁରିଆ ଓ ଡିଏପି ଫସଲରେ ତୁରନ୍ତ ପୋଷଣ ଯୋଗାଇ ଉତ୍ପାଦନ ବଢ଼ାଇଥାଏ ଏବଂ ଜୈବିକ ସାର ଧୀରେ ଧୀରେ କାର୍ଯ୍ୟ କରେ। ରାସାୟନିକ ସାର ସହଜରେ ବଜାରରେ ମିଳୁଥିବାବେଳେ ଜୈବିକ ସାର ଓ ଗୋବର ଖତର ଉତ୍ପାଦନ ଓ ବଣ୍ଟନ ସୀମିତ ରହିଛି। ତେଣୁ ରାସାୟନିକ ସାର ଅଧିକ ବ୍ୟବହାର ହେଉଛି। ଜିଲ୍ଲାର ୯୪% ଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ଜୈବିକ ଚାଷ ଉପରେ ସଚେତନତା କମ୍ ରହିଛନ୍ତି। ମୟୂରଭଞ୍ଜରେ ୭୨% ଜମିରେ ଧାନ ଚାଷ ହେଉଛି। ଜୈବିକ ସାର ତିଆରି ପାଇଁ ପ୍ରାରମ୍ଭିକ ବିନିଯୋଗ ଓ ଶ୍ରମ ଆବଶ୍ୟକ। ଏନେଇ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି ଯେ, କୃଷି କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରରେ ମାଟି ପରୀକ୍ଷଣ ଓ ଚାଷୀ ପ୍ରଶିକ୍ଷଣ ବଢ଼ାଇବାକୁ ବ୍ୟବସ୍ଥା କରାଯାଉଛି। ଜୈବିକ ସାର ଓ ସବୁଜ ଖତର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା ମଧ ମଜଭୁତ କରାଯାଉଛି। ରାଗି ଓ ଡାଲି ଚାଷକୁ ପ୍ରୋତ୍ସାହନ ଦେଇ ରାସାୟନିକ ସାର ନିର୍ଭରତା କମାଯିବାକୁ ଯୋଜନା ଚାଲିଛି। ମୟୂରଭଞ୍ଜରେ ରାସାୟନିକ ସାରର ବ୍ୟବହାର ବର୍ତ୍ତମାନ ନିୟନ୍ତ୍ରଣାଧୀନ ଥିଲେ ମଧ ଅତ୍ୟଧିକ ବ୍ୟବହାର ମାଟି, ଜଳ ଓ ଚାଷୀଙ୍କ ଅର୍ଥନୀତି ପାଇଁ ବିପଜ୍ଜନକ। ଜୈବିକ ସାର ଓ ଟିକସମୀ ଚାଷ ପଦ୍ଧତିକୁ ଗ୍ରହଣ କରି ମୟୂରଭଞ୍ଜକୁ ଏକ ସ୍ୱାସ୍ଥ୍ୟକର ଓ ସମୃଦ୍ଧ କୃଷି ଜିଲ୍ଲା ଭାବେ ଗଢ଼ି ତୋଳାଯାଇପାରେ ବୋଲି ସେ କହିଛନ୍ତି।

**ଲୋପ ପାଉଛି ଜୈବିକ ସାରର ବ୍ୟବହାର**




## ଏମ୍‌ସିଏମ୍‌ରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

# ମାନବ ସମ୍ବଳ ବିକାଶ ପାଇଁ ଜୀବସମ୍ପଦର ସୁରକ୍ଷାକୁ ଗୁରୁତ୍ୱ



**ବାରିପଦା, ୨୫।୮ (ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଏକ ଦୁଇଦିନିଆ ଜାତୀୟସ୍ତରୀୟ ଆଲୋଚନାଚକ୍ର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଡ଼ କମଲ ଲୋଚନ ବାରିକ ମୁଖ୍ୟଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଅଧିବେଶନରେ ମୁଖ୍ୟଅତିଥି ପ୍ରଫେସର ଡ଼ ବାରିକ ଜୀବ ସମ୍ପଦର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ଡ. ହେମନ୍ତ କୁମର ସାହୁ ମୁଖ୍ୟବକ୍ତା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଡ଼ ବିଷ୍ଣୁପ୍ରିୟା ହାଁସଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମାନବ ସମ୍ବଳର ବିକାଶ ପାଇଁ ଜୀବସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍ଭିଦ ବିଜ୍ଞାନ ମୁଖ୍ୟ ରୂପମାଞ୍ଜରୀ ବେହେରା ସେମିନାର ବିଷୟ ବସ୍ତୁର ଯଥାର୍ଥତା ଉପରେ ଆଲୋକପାତ କରିଥିବା ବେଳେ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଅଭିସ୍ମା ନାୟକ ଅତିଥି ପରିଚୟ ଦେଇଥିଲେ। ଏହି ଉପଲକ୍ଷେ ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ମରଣିକା 'ବଟାନିକମ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶେଷରେ ଅଧ୍ୟାପିକା କସ୍ତୁରିବା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଷୟିକ ଅଧିବେଶନରେ କଲିକତା ସ୍ଥିତ ରାମକୃଷ୍ଣନ ମିସନ ବିବେକାନନ୍ଦ ସେଣ୍ଟିନାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼ ହରିଶଙ୍କର ଦେ ସମ୍ମାନିତ ଅତିଥି ତଥା ବିଶେଷଜ୍ଞ ଭାବେ ଯୋଗ ଦେଇ 'ବାୟୋ ସାଇନ୍ସ: ଇଟିସ ୟୁଟିଲାଇଜେସନ ଆଣ୍ଡ କଞ୍ଜରଭେସନ' ଉପରେ ନିଜର ସନ୍ଦର୍ଭ ପାଠ କରିଥିଲେ। ଡ଼ ଦେ ଜୀବବଜ୍ଞାନରେ ନାନୋ ଟେକନୋଲୋଜିର ପ୍ରୟୋଗ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନର ଗବେଷକ କେଶରୀ ପ୍ରସାଦ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜର ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଦୀପାଞ୍ଜଳି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପୋଷ୍ଟର ପ୍ରଦର୍ଶନୀକୁ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ପ୍ରଫେସର ଡ଼ ବିଷ୍ଣୁପ୍ରିୟା ହାଁସଦା ଓ ଡ଼ ଦେ ଉଦଘାଟନ କରିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପାତ୍ର ଓ ପୁରସ୍କାର ବିତରଣ କରିଥିଲେ।


# ୟୁଥ୍ ରେଡ୍‌କ୍ରସ ପକ୍ଷରୁ ପ୍ରବେଶ ଉତ୍ସବ

**ଶରତ, ୨୫।୮ (ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥ ରେଡକ୍ରସ ପକ୍ଷରୁ ଏକ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଭଗବାନ ପଣ୍ଡା ସଭାରେ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ଯୁବ ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ବିହାରୀ ରେଡକ୍ରସର ଇତିହାସ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଶୀତକଣ୍ଠ ଦାସ, ମୁଖ୍ୟବକ୍ତା ଭାବେ ଅର୍ଥନୀତି ଅଧ୍ୟାପକ ଡମ୍ବରୁଧର ନାଏକ ଓ ସମ୍ମାନିତ ଅତିଥି ଭାବେ ଦର୍ଶନ ଅଧ୍ୟାପିକା ପଙ୍କଜିନୀ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରେଡକ୍ରସର ଜନକ ଜିନ ହେନରୀ ଡୁନାଣ୍ଟଙ୍କ ପୃଥିବୀବାସୀଙ୍କ ପାଇଁ ସେବା ଓ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସ୍ୱେଚ୍ଛାସେବୀ ଚୟନ କରାଯାଇଥିଲା।

# ପିସିପୁର ସ୍କୁଲରେ ପୂଜା ପାଇବ ଛାତ୍ରଙ୍କ ହାତତିଆରି ମୂର୍ତ୍ତି



**ବାରିପଦା, ୨୫।୮ (ସମିସ):** ପ୍ରାୟ ସମସ୍ତ ବିଦ୍ୟାଳୟରେ ବଜାରରୁ କିଣାଯାଇଥିବା ମୂର୍ତ୍ତି ପୂଜା ପାଇଥାନ୍ତି; ମାତ୍ର କିଛିବର୍ଷ ହେଲା ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣେଶ ଓ ସରସ୍ୱତୀ ପୂଜାରେ ଛାତ୍ରଙ୍କ ହାତତିଆରି ମୂର୍ତ୍ତି ପୂଜା ପାଇଆସୁଛନ୍ତି। ଗତ ୭ବର୍ଷ ତଳେ ପ୍ରଥମେ ଆଦିତ୍ୟ ହାଁସଦାଙ୍କ ଭିତରେ ଚିତ୍ର ଓ ମାଟିରେ ଖେଳନା ତିଆରି କରିବାର ପ୍ରତିଭାକୁ ଲକ୍ଷ୍ୟ କରିଥିଲେ ତତ୍କାଳୀନ ପ୍ରଧାନ ଶିକ୍ଷକ ସୋମନାଥ ସିଂହ। ପରବର୍ତ୍ତୀ ସମୟରେ କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡିଙ୍କ ଦିଗଦର୍ଶନରେ ଆଦିତ୍ୟଙ୍କ ହାତତିଆରି ଗଣେଶ ଓ ସରସ୍ୱତୀ ମୂର୍ତ୍ତି ବିଦ୍ୟାଳୟରେ ପୂଜା ପାଇଥିଲେ। ପରେ ଆଦିତ୍ୟଙ୍କୁ ସାହାଯ୍ୟ କରୁଥିବା ଆଶିଷ ବିଶ୍ୱାଳଙ୍କ ହାତତିଆରି ମୂର୍ତ୍ତି ଏବଂ ଗତବର୍ଷ ଠାରୁ ଦେବାଶିଷ ଗିରିଙ୍କ ତିଆରି ମୂର୍ତ୍ତି ପୂଜା ପାଇଆସୁଛନ୍ତି। ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଭା ରହିଛି; ହେଲେ ଠିକ ସମୟରେ ପରଖି ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ନେଲେ ତାହା ଲୋକଲୋଚନକୁ ଆସିପାରିବ ବୋଲି ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଛନ୍ତି।



# ଲଗାଣ ବର୍ଷାରେ ୩୨ ଘରର କାନ୍ଥ ଭୁଶୁଡ଼ିଲା



**ଠାକୁରମୁଣ୍ଡା, ୨୫।୮ (ସମିସ):** ଲଗାଣ ବର୍ଷାର ପ୍ରଭାବରେ ଠାକୁରମୁଣ୍ଡା ଅଞ୍ଚଳରେ ୩୨ଟି କଚାଘରର କାନ୍ଥ ଭୁଶୁଡି ଥିବାବେଳେ ଏକ ଗାଇ ଆହତ ହୋଇଥିବା ଜଣାପଡ଼ିଛି। ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଙ୍କଡବେଡ଼ା ଗ୍ରାମରେ ଶନିବାର ରାତିରେ ପ୍ରବଳ ବର୍ଷା ହେବାରୁ ଶରତ ଚନ୍ଦ୍ର ମହାନ୍ତଙ୍କ ଗୁହାଳ ଘରର କାନ୍ଥ ଭୁଶୁଡି ଯାଇଥିଲା। ଫଳରେ ଗୁହାଳେ ବନ୍ଧା ହୋଇଥିବା ତାଙ୍କର ଏକ ଗାଇ ଆହତ ହୋଇଯାଇଛି। ପରେ ଦମକଳବାହିନୀ ପହଞ୍ଚି ଗାଇକୁ ଉଦ୍ଧାର କରିଥିଲେ। ସେହିପରି ସାନ ବାଲିପୋଷି ଗ୍ରାମର ଶଙ୍କର ହୋ, ଗୋବରା ହୋ ଓ ହରିଶ ଚନ୍ଦ୍ର ମହାନ୍ତଙ୍କ ଘରର କାନ୍ଥ ମଧ ଭୁଶୁଡିଯାଇଛି। ସେହିପରି ତରାମରା ପଞ୍ଚାୟତ ଜୁଡାମ୍ବ ଗ୍ରାମର ବୁଧୁନି ହୋ'ଙ୍କ ଘର ଉପରେ ଗଛ ପଡ଼ିବାରୁ ଘରଟି ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିଯାଇଛି। ତେବେ ଠାକୁରମୁଣ୍ଡା ତହସିଲ ଅଞ୍ଚଳର ସମୁଦାୟ ଦୁଇ ଦିନ ମଧ୍ୟରେ ୩୨ଟି ଘରର କାନ୍ଥ ଭାଙ୍ଗି ଥିବା ସୂଚନା ମିଳିଛି।

## ହିତାଧିକାରୀଙ୍କୁ ୬୦୦ ଗାଇ ବଣ୍ଟିଲେ ବିଧାୟକ

# ଆନ୍ତରିକତା ଅଭାବ; ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ବନ୍ଦ





**ଉଦଳା, ୨୫।୮ (ସମିସ)**

ଦୁଗ୍ଧ ଉତ୍ପାଦନ କରି ଆତ୍ମନିର୍ଭରଶୀଳ ହେବା ପାଇଁ ସରକାରୀସ୍ତରରେ ବହୁ ଯୋଜନା କରାଯାଇଛି। ଏହି କ୍ରମରେ ଗୋ ମାତା ସୁରକ୍ଷା ଓ ଆତ୍ମନିର୍ଭରଶୀଳ ଯୋଜନା ମାଧ୍ୟମରେ ଗାଇ ବଣ୍ଟନ ଚାଲିଛି। ସୋମବାର ରାଷ୍ଟ୍ରୀୟ ଗୋକୁଳ ମିଶନ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବଦାନ୍ୟ କାରଣରୁ ଜିଲ୍ଲାକୁ ଗାଇ ଆସିଥିବା ବେଳେ କପ୍ତିପଦା ଉପଖଣ୍ଡ ପାଇଁ ୬୦୦ ଗାଇ ବଣ୍ଟନ କରିଛନ୍ତି ବିଧାୟକ ଭାସ୍କର ମଢେଇ। ଗୋ ପାଳନ ସଫଳ ହେଲେ ଅଧିକ ଗାଇ ଆସିବ ବୋଲି ବିଧାୟକ ଆଶ୍ୱାସନା ଦେବା ସହିତ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଉଦଳା ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଦୀର୍ଘଦିନ ହେଲା ପୁନରୁଦ୍ଧାର ନ ହୋଇ ଅଚଳ ଅବସ୍ଥାରେ ରହିଛି। ଗତ ୧୯୯୬ ମସିହାରେ ଏହି କେନ୍ଦ୍ର ଦୈନିକ ୧୦୦୦ ଲିଟର କ୍ଷମତା ବିଶିଷ୍ଟ ଏହି ଶୀତଳିକରଣ ପ୍ଲାଣ୍ଟ କିଛି ଦିନ ଚାଲିବା ପରେ ବନ୍ଦ ହୋଇଯାଇଛି। କେତେବେଳେ ଯନ୍ତ୍ରାଂଶ ଖରାପ ତ ଅନ୍ୟ କେତେବେଳେ ବିଦ୍ୟୁତ ସମସ୍ୟା କାରଣରୁ ଗଚ୍ଛିତ ଦୁଗ୍ଧ ନଷ୍ଟ ହୋଇଯାଉଥିଲା। ଫଳରେ ଚାଷୀମାନେ ଏହି କେନ୍ଦ୍ର ପ୍ରତି ଆସ୍ଥା ହରାଇଥିଲେ। ଶେଷରେ ଗତ ୨୦୦୭ ମସିହାରେ ପ୍ରାଣ୍ଟ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଇତିମଧ୍ୟରେ ୧୮ ବର୍ଷ ବିତିଗଲାଣି; କିନ୍ତୁ ପୁନରୁଦ୍ଧାର ହୋଇପାରୁନାହିଁ। ଏବେ ଏବେ ଭୂତକୋଠି ପାଲଟିବା ସହିତ ଯନ୍ତ୍ରାଂଶ ସବୁ ନଷ୍ଟ ହୋଇଗଲାଣି। ଗତ ୨୦୨୦ମସିହାରେ ପୁଣି ଓମଫେଡ ପକ୍ଷରୁ ସର୍ଭେ କରାଯାଇଥିଲେ ମଧ ଅବସ୍ଥା ପୂର୍ବପରି ରହିଛି। ବିଧାୟକ ଶ୍ରୀ ମଢେଇ ପ୍ରଥମ ପାଳି ୨୦୦୭ରେ ୭ବର୍ଷ ଓ ଦ୍ୱିତୀୟ ପାଳି ୨୦୧୯ରୁ ୬ବର୍ଷ ସୁଯୋଗ ଥିବା ବେଳେ କାର୍ଯ୍ୟକ୍ଷମ ଦିଗରେ ଆନ୍ତରିକତା ଦେଖାଇନାହାନ୍ତି। ଏବେ ପୁଣି ନୂଆ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ନିର୍ମାଣ ପ୍ରସ୍ତୁତି କେତେ ସଫଳ ହେବ ତାହା ସମୟ କହିବ ବୋଲି ଆଲୋଚନା ଜୋର୍ ଧରିଛି।


୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ

ଅମଲାପଡା,୨ୟଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୁ ଗୁନି, ମଝିଆବୋହୂ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ଼,ନାତୁଣୀ ନୈନା, ନାତି ସୌନୁ
ଏବଂବନ୍ଧୁ ଓ ପରିବାର ବର୍ଗ ।

## ଫଟୋ ଭିଡିଓ ଓ ମଲ୍ଟିମିଡିଆ ସଂଘର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୫।୮ (ସମିସ): ଫଟୋ ଭିଡିଓ ଓ ମଲଟିମିଡ଼ିଆ ସଂଘର ନବମ ବାର୍ଷିକ ଉତ୍ସବ ସେଲିବ୍ରେସନ ମଣ୍ଡପରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଦେବାଂଶୁ ସିଦ୍ଧାନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ ଦତ୍ତ, ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକଙ୍କ ସମେତ ଓଡିଶା ଫୋଟୋଗ୍ରାଫିକ ସିଣ୍ଡିକେଟର ଉପ ସଭାପତି ଅଜିତ ପାଢ଼ୀ ମଞ୍ଚାସୀନ ଥିଲେ। ସଭାପତିତ୍ୱ କରିଥିଲେ ସଂଘର ସଭାପତି ଶିବାଜୀ ପ୍ରସାଦ ରାଓ ଓ ସମ୍ପାଦକ ସେକ ସାଦିକ। ମଞ୍ଚ ପରିଚାଳନା କରିଥିଲେ ଉପଦେଷ୍ଟା ବିକାଶ ପାଢ଼ୀ। ତତ୍ ସହିତ ବାଲେଶ୍ୱର ମାଟିର ଦୁଇ ଜଣ ଫଟୋଗ୍ରାଫର ଦେବେନ୍ଦ୍ର ସିଂହ ଓ ରବିନାରାୟଣ ମିସ୍ତ୍ରିଙ୍କୁ ଆଜୀବନ କୃତିତ୍ୱ ପୁରସ୍କାର ସହ ସମ୍ମାନିତ କରାଯାଇଥିଲା। ସଂଘର ସାଂସ୍କୃତିକ ସମ୍ପାଦକ ମନୋରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ଉପସଭାପତି ଗିରିଜା ଶଙ୍କର ଦାସ, ସହ ସମ୍ପାଦକ ଦେବାଶିଷ ରୟ, କୋଷାଧ୍ୟକ୍ଷ ତପନ ରାଉଳ, ସଭ୍ୟ ମନୋଜ କୁମାର ପାତ୍ର, ଉତ୍ତମ ପିରି ପ୍ରମୁଖ ମୁଖ୍ୟ କାର୍ଯ୍ୟନିର୍ବାହ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ଜିଲ୍ଲାରୁ ୩୦ରୁ ଅଧିକ ଆଗଧାଡିର ଫଟୋଗ୍ରାଫର ସଂଘ ଯୋଗ ଦେଇଥିଲା।

## ଜାତୀୟ ଶିକ୍ଷା ନୀତି ସମ୍ପର୍କିତ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ



ବାଲେଶ୍ୱର,୨୫।୮ (ସମିସ): ଜାତୀୟ ଶିକ୍ଷା ନୀତି-୨୦୨୦ (ଏନଇପି ୨୦୨୦) ଆଧାରରେ ଉଚ୍ଚଶିକ୍ଷାକୁ ନୂତନ ଆକାର ଦେବା ଲକ୍ଷ୍ୟରେ,ଫକୀର ମୋହନ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ଶିକ୍ଷା ବିଭାଗ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ଉଦ୍ୟମରେ ଅଧ୍ୟାପକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲ। ମୁଖ୍ୟଅତିଥି ପ୍ରଫେସର ହୃଷୀକେଶ ସେନାପତି (ଶିକ୍ଷା ବିଶେଷଜ୍ଞ, ଆର.ଆଇ.ଇ-ଭୁବନେଶ୍ୱର ଓ ପୂର୍ବତନ ନିର୍ଦ୍ଦେଶକ, ଏନ.ସି.ଇ.ଆର.ଟି) ଏନଇପି- ୨୦୨୦ ଉପରେ ନିଜର ଦୃଷ୍ଟିଭଙ୍ଗୀ ପ୍ରଦାନ ସହ ଓ ଏହାର ପ୍ରାୟୋଗିକ ପରିଚାଳନା ବିଷୟରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରିଥିଲେ। ସାତ ଦିନିଆ କର୍ମଶାଳାରେ ବିଶିଷ୍ଟ ଶିକ୍ଷାବିତ୍, ବିଶେଷଜ୍ଞ ଓ ଅନୁସନ୍ଧାନୀମାନେ ଜାତୀୟ ଶିକ୍ଷା ନୀତି- ୨୦୨୦ ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ସୁନୀଲ କୁମାର ପାଢ଼ୀ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏଥିସହ ଡକ୍ଟର ସୁଶାନ୍ତ କୁମାର ପ୍ରଧାନ (ଜିଏସସିଇଆରଟି-ଗୋଆ)ଙ୍କ ଦ୍ୱାରା ଏକ ଅତିରିକ୍ତ ଅଧ୍ୟାପନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସଂପାଦକ ଓ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ସଂଯୋଜକ ଡକ୍ଟର ପ୍ରତିମା ପ୍ରଧାନ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ଡ. ରଣୀନ୍ଦ୍ର କୁମାର ନାୟକ କହିଥିଲେ ଏହି ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ସମାପ୍ତ ହୋଇଛି ଓ କାର୍ଯ୍ୟକ୍ରମକୁ ସମୟୋପଯୋଗୀ ଓ ଦୃଷ୍ଟିଭଙ୍ଗୀମୟ ପଦକ୍ଷେପ ଭାବେ ଆୟୋଜିତ କରଯାଇଛି।

### ବାଲେଶ୍ୱରକୁ ମିଳିଲାନି କୃଷି ମହାବିଦ୍ୟାଳୟ

# ସରକାରଙ୍କ ବୈମାତୃକ ମନୋଭାବର ତୀବ୍ର ସମାଲୋଚନା

ବାଲେଶ୍ୱର, ୨୫।୮ (ସମିସ)



ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ଦାବିରେ ଗତ ତିନିବର୍ଷ ଧରି ଦାବି ଓ ଆନ୍ଦୋଳନ କରିଆସୁଥିବା ବହୁ ବିଶିଷ୍ଟ ବ୍ୟକ୍ତି ବାଲେଶ୍ୱର ଷ୍ଟେସନ ଛକ ପାଖରେ ଧାରଣାରେ ବସି ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାର ଓଡ଼ିଶାର ଅନ୍ୟ ଦୁଇଟି ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରବିବାର ଦିନ ଘୋଷଣା କରିବା ପରେ ବାଲେଶ୍ୱର ଜିଲ୍ଲାବାସୀଙ୍କ ମଧ୍ୟରେ ଭୀଷଣ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରତୀକ ଗଣଧାରଣାରେ ବାଲେଶ୍ୱରର ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣସଙ୍ଗଠନମାନେ ଯୋଗ ଦେଇଥିଲେ। ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଯଦି ରାଜ୍ୟ ସରକାର ଘୋଷଣା ନ କରନ୍ତି ତେବେ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବାଲେଶ୍ୱରବାସୀ ଅସହଯୋଗ କରିବାକୁ ଧାରଣାସ୍ଥଳରେ ବହୁ ବକ୍ତା ଆହ୍ୱାନ ଦେଇଛନ୍ତି। ଜିଲ୍ଲା କ୍ରିୟାନୁଷ୍ଠାନ ସମିତିର ଏକ ଜରୁରୀ ବୈଠକ ସୋମବାର ଅପରାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା କର୍ମକର୍ତ୍ତାମାନଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ନେତୃବୃନ୍ଦ ଓ ବିଭିନ୍ନ ଗଣସଙ୍ଗଠନଙ୍କ ପ୍ରତିନିଧି ସରକାରଙ୍କର ଏହି ବୈମାତୃକ ମନୋଭାବକୁ ଦୃଢ଼ ସମାଲୋଚନା କରିଥିଲେ। ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମୀନର ଜିଲ୍ଲା ଭାବେ କୁହାଯାଉଥିବା ବେଳେ ଏହି ଜିଲ୍ଲାରେ କୃଷି ସମ୍ପର୍କିତ କୌଣସି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ନ ହେବା ରାଜ୍ୟ ସରକାରଙ୍କର ଏକ ଚରମ ଅବହେଳା ଏବଂ ଜିଲ୍ଲାପ୍ରତି ଏହି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଧାରଣାରେ ନିରଞ୍ଜନ ପରିଡ଼ା, ଅଭୟ ଚନ୍ଦ୍ର ମିଶ୍ର, ଡ କ୍ଷିତୀଶ୍ୱର ଦାଶ, ଶ୍ୟାମସୁନ୍ଦର ଜେନା, କବି ଡ କାଳୀପଦ ପଣ୍ଡା, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଦିଲ୍ଲୀପ ଗିରି, ବିଜୟମିଶ୍ର, ଅବନୀ କୁମାର ଚାନ୍ଦ, କମଳ ଚକ୍ରବର୍ତ୍ତୀ, ଗୋବିନ୍ଦ ଚନ୍ଦ୍ର ଭୋଇ, ଇଂ ବନମାଳୀ ନାୟକ, ସରସ୍ୱତୀ ପଣ୍ଡା, ଭାଗବତ ପ୍ରତିହାରୀ, ଦୁଷ୍ମନ୍ତ କୁମାର ଦାସ, ଦାମୋଦର ନାୟକ, ସୀତାରାମ ପ୍ରଧାନ, ନିରଞ୍ଜନ ରାଉତ, ପ୍ରଭାକର ସାହୁ, ପ୍ରଫୁଲ୍ଲ ଦାସ, ଭାସ୍କର ପାଢ଼ୀ ଓ ସଂଯୁକ୍ତା ବେହେରା ପ୍ରମୁଖ ଏହି ବୈଠକରେ ସରକାରଙ୍କ ଅବିଚାର ବିରୁଦ୍ଧରେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥତବା ବେଳେ ଅପର୍ଣ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ● 'ଅକ୍ଷର'ର କଥା ସାହିତ୍ୟ ପର୍ବ ଓ 'କଥାକାର ସମ୍ମାନ' ପ୍ରଦାନ ଉତ୍ସବ

## ପଦ୍ମଜ ପାଳଙ୍କୁ 'ପ୍ରଜାପତି ଅକ୍ଷର ସମ୍ମାନ'



ବାଲେଶ୍ୱର,୨୫।୮ (ସମିସ): 'ପ୍ରଜାପତି ଅନୁଷ୍ଠାନର ସାହିତ୍ୟ ଶାଖା "ଅକ୍ଷର'ର କଥା ସାହିତ୍ୟ ପର୍ବ ଓ "କଥାକାର ସମ୍ମାନ' ପ୍ରଦାନ ଉତ୍ସବ ଆତିଥ୍ୟ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। "ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ହରିକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ। ଲେଖକଟିଏ ଏକାନ୍ତ ଓ ଶାନ୍ତ ମୁହୂର୍ତ୍ତରେ ନିଜ ଭିତର ଓ ନିଜ ବାହାରେ ଥିବା ଅନେକ କଥାକୁ ଉପଲବ୍‌ଧି କରେ। ତାହା ହିଁ ତାର ଲେଖନୀୟ ଜୀବନକୁ ବିକାଶିତ କରିଥାଏ ବୋଲି ସେ କହିଥିଲେ। ପ୍ରାରମ୍ଭରେ "ପ୍ରଜାପତି'ର ସଂଯୋଜକ ବିପ୍ଳବ ଦାସ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ "ଅକ୍ଷର କଥାକାର ସମ୍ମାନ' ପ୍ରଦାନ ଉତ୍ସବ ସମ୍ପର୍କରେ କହିଥିଲେ। ସମ୍ପାଦକ ରାଜେଶ ଗିରି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ଔପନ୍ୟାସିକ ପଦ୍ମଜ ପାଳଙ୍କ ଲେଖକୀୟ କୃତି ସମ୍ପର୍କରେ ବିଶେଷ କଥନ ରଖିଥିଲେ। ଏହି ଅବସରରେ ଅତିଥି କବି ଶ୍ରୀଦେବ, ଗାଳ୍ପିକ ତପନ ମହାପାତ୍ର, ଗାଳ୍ପିକ ନିବାରଣ ଜେନା, ଗାଳ୍ପିକ ସୃଷ୍ଟିଧର ପରିଡା, କବି ଉତ୍ପଳ ମହାନ୍ତି, ସୁଲଗ୍ନା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଘନଶ୍ୟାମ ବିଶ୍ୱାଳ, ଆଇନଜୀବୀ ପର୍ଶୁରାମ ପ୍ରଧାନ ବକ୍ତବ୍ୟ ରଖିଥିଲେ। ଔପନ୍ୟାସିକ ପଦ୍ମଜ ପାଳଙ୍କୁ ଚଳିତବର୍ଷ ରାଜ୍ୟସ୍ତରୀୟ ମର୍ଯ୍ୟାଦାଜନକ 'ଅକ୍ଷର କଥାକର ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ତାଙ୍କୁ ପୁରସ୍କାର ଅର୍ଥରାଶି, ମାନପତ୍ର, ଉପଢୌକନ ଓ ଉତ୍ତରୀୟ ଅତିଥିମାନେ ପ୍ରଦାନ କରିଥିଲେ। ସମ୍ମାନ ଗ୍ରହଣ କରି ଔପନ୍ୟାସିକ ଶ୍ରୀ ପାଳ କହିଲେ ଯେ କଥାକାରର ଜୀବନ ଶବ୍ଦ ଓ ଭାବର ଅକ୍ସ ପ୍ରକାଶ। ଲେଖକର ଜିଜ୍ଞାସାଭାବ ଯେତେ ଗଭୀର ହୁଏ ସୃଷ୍ଟିକାର ସେତେ ଅର୍ଥପୂର୍ଣ୍ଣ ହୋଇପାରେ। ଏହି ସମ୍ମାନ ପ୍ରଦାନ ଉତ୍ସବରେ ଶ୍ରୀ ପାଳଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବାଲେଶ୍ୱରର କଥାକାରଙ୍କ ପକ୍ଷରୁ ଶ୍ରୀ ପାଳ ଓ ତାଙ୍କ ପତ୍ନୀଙ୍କୁ 'ପ୍ରଜାପତି' ଉପହାର ପ୍ରଦାନ କରାଯାଇଥିଲା। 'ପ୍ରଜାପତି'ର ସଦସ୍ୟା ସରସ୍ୱତୀ ଭୋଇ, ପ୍ରତିମା ତ୍ରିପାଠୀ, ପାର୍ଥସାରଥୀ ସାହୁ ଓ ଅମରଜିତ ଦାସ ନିଜ ନିଜର ଉପହାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ 'ରାଗିଣୀ' ଅନୁଷ୍ଠାନର ଶିଳ୍ପୀଗଣ ଗୁରୁ ମୋନାଲିସା ମହାନ୍ତିଙ୍କ ପରିଚାଳନାରେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ନନ୍ଦିତା ନାୟକ, ସୁପ୍ରଭା ବେହେରା, ରଞ୍ଜନ ଘୋଷ, ଶୁଚିସ୍ମିତା ବେହେରା, ସଞ୍ଜିବ ନାୟକ, ସୁଜାତା ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ଟିକଟ ଯାଞ୍ଚ ଅଭିଯାନ ୨ ଲକ୍ଷ ଜରିମାନା ଆଦାୟ



ବାଲେଶ୍ୱର,୨୫।୮ (ସମିସ): ଖଡ଼ଗପୁର ଡିଭିଜନ ପକ୍ଷରୁ ଆଜି ଏହାର କ୍ଷେତ୍ର ଅଧୀନରେ ଆସୁଥିବା ବିଭିନ୍ନ ମେଲ୍/ ଏକ୍ସପ୍ରେସ୍ ଏବଂ ଉପନଗରୀୟ ଟ୍ରେନଗୁଡ଼ିକରେ ଏକ ସ୍ୱତନ୍ତ୍ର ଟିକଟ ଯାଞ୍ଚ ଅଭିଯାନ କରାଯାଇଛି। ବାଣିଜ୍ୟିକ ନିରୀକ୍ଷକ ଏବଂ ଟିକେଟ ଯାଞ୍ଚ ସ୍କ୍ୱାଡ୍ ସଦସ୍ୟମାନଙ୍କୁ ନେଇ ଗଠିତ ଏକ ଟିମ୍ ଟ୍ରେନ୍ ନମ୍ବର ୧୨୫୦୩, ୧୨୫୦୪, ୧୨୭୦୩, ୧୨୮୬୪, ୧୨୦୭୪, ୧୨୮୬୦, ୧୨୦୭୩, ୧୨୮୫୯, ୧୨୬୬୩, ୧୨୮୪୧ ସହିତ ଉପନଗରୀୟ ଟ୍ରେନଗୁଡ଼ିକରେ ଶଟଲିଂ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ଅଭିଯାନ ସମୟରେ ବିନା ଟିକେଟରେ କିମ୍ବା ଯାତ୍ରା କରୁଥିବା ଯାତ୍ରୀଙ୍କ ୩୬୨ ମାମଲା ଚିହ୍ନଟ ହୋଇଥିଲା। ଏହିମାନଙ୍କଠାରୁ ଘଟଣାସ୍ଥଳରୁ ୧ ଲକ୍ଷ ୯୬ ହଜାର ୨୩୫ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିନା ଟିକେଟରେ ଯାତ୍ରା କରିବାର ଅନୈତିକ ଅଭ୍ୟାସକୁ ରୋକିବା ପାଇଁ ନିୟମିତ ଭାବରେ ଏପରି ଅଭିଯାନ ଜାରି ରହିବ। ଯାହା ରେଳବାଇକୁ ରାଜସ୍ୱ କ୍ଷତି ପହଞ୍ଚାଇବା ସହିତ ପ୍ରକୃତ ଯାତ୍ରୀମାନଙ୍କୁ ଅସୁବିଧାରେ ପକାଏ। ଜରିମାନା ଏଡାଇବା ଏବଂ ଏକ ଅସୁବିଧାମୁକ୍ତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଡିଭିଜନ ସମସ୍ତ ଯାତ୍ରୀଙ୍କୁ ଉପଯୁକ୍ତ ଏବଂ ବୈଧ ଟିକେଟ୍ ସହିତ ଯାତ୍ରା କରିବାକୁ ଖଡ଼ଗପୁର ଡିଭିଜନ ନିବେଦନ କରିଛି।

## ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲେଶ୍ୱର,୨୫।୮ (ସମିସ): ଅନୁଦାନ ସହାୟତା ଦାବିକୁ ନେଇ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଡାକରାରେ ସମଗ୍ର ରାଜ୍ୟର ୪୮୮ ଓ ୬୬୨ ବର୍ଗର କଲେଜରେ ଗତ ୧୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱରର ବିଭିନ୍ନ ବେସରକାରୀ



କଲେଜରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ବଡଖୁଆସ୍ଥିତ ବଳାଙ୍ଗୀ ମହାବିଦ୍ୟାଳୟରେ ଅନୁଦାନର ବଂଚିତ ହୋଇ ରହିଥିବା ଅଧ୍ୟାପକ ଓ କର୍ମଚାରୀମାନେ କଲେଜର ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସି ରହିବା ସହିତ ସେମାନଙ୍କ ନ୍ୟାଯ୍ୟ ତଥା ନ୍ୟାୟସଙ୍ଗତ ଦାବି ପୂରଣରେ ସରକାରଙ୍କ ଉଦାସୀନତାକୁ ତୀବ୍ର ସମାଲୋଚନା କରିଛନ୍ତି। ବେସରକାରୀ କଲେଜଗୁଡିକରେ ୨୦୦୮ ମସିହା ପର ଠାରୁ କାର୍ଯ୍ୟରେ ଯୋଗଦେଇଥିବା ଅଧ୍ୟାପକ ଓ କର୍ମଚାରୀମାନେ ଆଜକୁ ଦୀର୍ଘ ୧୭ ବର୍ଷ ଧରି ସରକାରୀ ଅନୁଦାନରୁ ବଂଚିତ ହୋଇ ରହିଥିବା ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ରାଜ୍ୟ ସଂଘର ନିଷ୍ପତି କ୍ରମରେ ସମଗ୍ର ରାଜ୍ୟର ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜମାନଙ୍କରେ ପ୍ରାୟ ୫ହଜାରୁ ଅଧିକ ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବା ସୂଚନା ଦେଇଛନ୍ତି। ଏହି ସମୟରେ ଶିକ୍ଷାଦାନ ବ୍ୟାହାତ ହେବାର ଆଶଙ୍କା ଥିବାରୁ ଏଥି ପ୍ରତି ସରକାର ଦାୟୀ ରହିବେ ବୋଲି ଧାରଣାକାରୀ ଅଧ୍ୟାପକମାନେ କହିଛନ୍ତି। ବିଶ୍ୱଜିତ ପ୍ରଧାନ, ଅଜୟ ମହାକୁଡ, ଶ୍ରୀନିତା ଘୋଷ, ସୁରୁଚି ମହାନ୍ତି, ତନୁଶ୍ରୀ ପୋଥାଳ, ବି ସୁବ୍ରତ କୁମାର ଦାସ, ସଞ୍ଜୟ ଦେ, ରୁପକ ବେହେରା, ମନସ୍ୱିନୀ ଦାସ, ଗୋପାଳୀ ଦାସ, ମୋନାଲିସା ଦାସ, ଇପସିତା ପାତ୍ର, ପ୍ରିୟଙ୍କା ପାତ୍ର, ପ୍ରିତିରେଖା ପାତ୍ର, ପ୍ରହଲ୍ଲାଦ କୁଅଁର, ସତ୍ୟବ୍ରତ ସାମଲ, ସୁଶାନ୍ତ ଦାସ, ହରେକୃଷ୍ଣ ବାରିକ, ରତ୍ନାକର ବେହେରା, ପ୍ରବନ୍ଧ ପତି ପ୍ରମୁଖ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣାରେ ସାମିଲ ହୋଇଛନ୍ତି।

## ଆସୁଛନ୍ତି ଗଜାନନ


# ଦିନକ ପରେ ଗଣେଶ ପୂଜା; ସରିଲା ପ୍ରସ୍ତୁତି



ବାରବାଟୀ ଯଓ୍ୱାନ କ୍ଲବ୍



ଅମର ଜ୍ୟୋତି କ୍ଲବ୍



ବୁଲୁମ୍ ବଏଜ କ୍ଲବ୍



ନାଗେଶ୍ୱର କ୍ଲବ୍

ବାଲେଶ୍ୱର, ୨୫।୮ (ସମିସ)



ଗଣପତି କ୍ଲବ୍



ଆଉ ଗୋଟିଏ ଦିନ ପରେ ପାଳିତ ହେବାକୁ ଯାଉଛି ଶ୍ରୀଗଣେଶ ଚତୁର୍ଥୀ। ଏଥିପାଇଁ ସହର ସମେତ ଗାଁ ଗହଳିରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି କ୍ରମରେ ବାରବାଟୀ ଯଓ୍ୱାନ କ୍ଲବର ଶ୍ରୀ ଗଣେଶ ପୂଜା ୫୮ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ବାରବାଟୀ ବୁଢ଼ା କାର୍ତିକ ମଣ୍ଡପ ପରିସରରେ ଅନୁଷ୍ଠିତ ହେବ। ୧୨ରୁ୧୩ଫୁଟ ଉଚ୍ଚତାର ମୂର୍ତ୍ତି ପେଣ୍ଡାଲରେ ପୂଜା ପାଇବେ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଭସାଣୀରେ କେବଳ ଘଣ୍ଟ ବଜାଇ ଶ୍ରୀ ଗଣେଶଙ୍କୁ ବିସର୍ଜନ କରାଯିବ। ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ ସହ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି କ୍ଲବର ସଭାପତି ଅକ୍ଷୟ କର, ସମ୍ପାଦକ କାର୍ତିକ ମହାନ୍ତି କହିଛନ୍ତି।

**ଗଣପତି କ୍ଲବ୍ ପାଳିବ ରୌପ୍ୟ ଜୟନ୍ତୀ:** ସହରର ପାତ୍ରପଡା ଛକସ୍ଥିତ ଗଣପତି କ୍ଲବ ପାଳନ କରିବ ରୌପ୍ୟ ଜୟନ୍ତୀ। ୨୫ବର୍ଷର ସ୍ୱତନ୍ତ୍ର ଉତ୍ସବ ପାଳନ ପାଇଁ ଗଣେଶଙ୍କ ମୂର୍ତି ସବୁଠାରୁ ଆକର୍ଷଣୀୟ ଭାବେ ଗଢିବା ପାଇଁ ପଶ୍ଚିମବଙ୍ଗରୁ ଆସିଛନ୍ତି ମୂର୍ତ୍ତି କାରିଗର। ୧୨ଫୁଟ ଉଚ୍ଚତାର ବିଶାଳ ମୂର୍ତ୍ତି। ଏଥର ପ୍ରଭୁ ଗଣେଶ ସ୍ୱୟଂ ଶ୍ରୀମଦ୍ ଭାଗବତ ଗ୍ରନ୍ଥ ଲେଖୁଥିବା ରୂପରେ ଦର୍ଶନ ଦେବେ। ଗଣେଶଙ୍କ ମେଢରେ ବହୁ ଦେବତାଙ୍କୁ ସ୍ଥାନିତ କରାଯାଇଛି। ମେଢ ଉପରେ ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ସାରଥୀ ଭାବେ ବିରାଜିତ ଅର୍ଜୁନଙ୍କ ରଥ ମଧ୍ୟ ଦୃଶ୍ୟମାନ ହେବ। ଏହା ସହିତ ଏକାଧିକ କୁଞ୍ଜ ପାଇଁ ମଧ ମୂର୍ତ୍ତି ନିର୍ମିତ ହୋଇଛି। ବିଶେଷ ଭାବେ ଗଣେଶଙ୍କ ବାଲ୍ୟ ଲୀଳା ସମ୍ବଳିତ ମୂର୍ତ୍ତି ବିଭିନ୍ନ କୁଞ୍ଜରେ ସ୍ଥାନିତ କରାଯିବା ନେଇ ବ୍ୟବସ୍ଥା ହୋଇଛି। ସେହପରି ତୋରଣକୁ ଆକର୍ଷଣୀୟ କରିବା ପାଇଁ ଧାମରାରୁ ଆସିଛନ୍ତି କାରିଗର। ସେମାନେ ସପ ମଶିଣାରେ ତୋରଣକୁ ଏକ ସୃଦୃଶ୍ୟ ମନ୍ଦିରର ରୂପ ଦେବାର ଲାଗିଛନ୍ତି। ଅନୁରୂପ ଭାବେ ଆଲୋକସଜ୍ଜାକୁ ମଧ ମନ ମୁଗ୍ଧକର କରିବା ଉପରେ ମଧ କ୍ଲବର କର୍ମକର୍ତାମାନେ ଗୁରୁତ୍ୱ ଦେଇଛନ୍ତି। ଆସନ୍ତା ୨୭ ତାରିଖ ଠାରୁ ୩ଦିନ ବ୍ୟାପୀ ଯଜ୍ଞାଦି କର୍ମ ଅନୁଷ୍ଠିତ ହେବ। ସନ୍ଧ୍ୟା ସମୟରେ ଭଜନ ପରିବେଷଣ ସହ ନୃତ୍ୟ ସଙ୍ଗୀତ ଭିତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତଯୋଗିତା ଅନୁଷ୍ଠିତ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି। ପ୍ରଶାସନର ନିଷ୍ପତି ଅନୁସାରେ ଭସାଣୀ ଦିନ ଧାର୍ଯ୍ୟ ହେବ। ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଭସାଣୀ ସମ୍ପନ୍ନ ହେବ। ସଭାପତି ନାରାୟଣ ଦାସ, ସମ୍ପାଦକ ସୁଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଅଶୋକ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଯୋଗେନ୍ଦ୍ର ପାତ୍ର, ମଳୟ ଗିରି, ଜୟନ୍ତ ଦାସ, ରାମଚନ୍ଦ୍ର ପାଢୀ, ତନ୍ମୟ ଗିରି, ଚନ୍ଦନ ଦାସ, ସୁବ୍ରତ ମାଝୀ ପ୍ରମୁଖଙ୍କ ସହ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

**ଦୁଇ କୁନି କାରିଗର ଗଢ଼ିଛନ୍ତି ଗଣେଶ:** ଗଣେଶ ପୂଜା ପାଇଁ ଦୁଇ ଜଣ କୁନି କାରିଗର ତଥା ଛାତ୍ର ନିଜ ହାତରେ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି। ସ୍ଥାନୀୟ କସିମିଳା ଗ୍ରାମର ଗୌରାଙ୍ଗ ଚନ୍ଦ୍ର ଦାସ ଓ ମମତା ଦାସଙ୍କ ପୁଅ ବାସୁଦେବ ଦାସ(୭) ଚିକିଟା ମାଟି ଓ ପାଣି ରଙ୍ଗ ସାହାଯ୍ୟରେ ମାତ୍ର ଦୁଇ ଦିନରେ ଗଣେଶଙ୍କ ମୂର୍ତ୍ତି ଗଢ଼ିଛନ୍ତି। ସେହିପରି ଆଉ ଜଣେ ସାନପାଟପୁର ହାଇସ୍କୁଲର ଷଷ୍ଠ ଶ୍ରେଣୀରେ ପଢୁଥିବା ହିତେଶ କୁମାର ବିଶ୍ୱାଳ(୧୩) ମଧ୍ୟ ସୁନ୍ଦର ଗଣେଶ ମୂର୍ତ୍ତି ତିଆରି କରିଛନ୍ତି। ବାପା ମନୋରଞ୍ଜନ ବିଶାଳ ଜଣେ ପେସାଦାର ପଥର କାରିଗର ଓ ମାଆ ପୂର୍ଣ୍ଣିମା ବିଶ୍ୱାଳ ଗୃହିଣୀ। ଉଭୟ ପିତାମାତା ତାଙ୍କୁ ପାଠ ପଢା ସହ ବିଜ୍ଞାନ ଭିତ୍ତିକ ଗବେଷଣା ତଥା ମୂର୍ତ୍ତି ନିର୍ମାଣ ପାଇଁ ଉତ୍ସାହିତ କରିଥାନ୍ତି।

**୪୩ ବର୍ଷରେ ଅମର ଜ୍ୟୋତି କ୍ଲବ ଗଣେଶ ପୂଜା:** ଚଳିତବର୍ଷ ୪୩ ବର୍ଷ ଗଣେଶ ପୂଜା ପାଳନ କରିବ କଂଗ୍ରେସ୍ ଗଳିସ୍ଥିତ ଅମର ଜ୍ୟୋତି କ୍ଲବ। କ୍ଲବ୍ ପକ୍ଷରୁ ୧୯୮୩ ମସିହାରୁ ପୂଜା ଆରମ୍ଭ ହୋଇଥିଲା। ଏଥର ମୂର୍ତ୍ତି ଉଚ୍ଚତା ୨୦ ଫୁଟ୍ ରହିଥିବା ବେଳେ ମୁମ୍ବାଇ ସ୍ଥିତ ଲାଲବାଗ ଗଣେଶ ରୂପେ ପୂଜା ପାଇବେ ବୋଲି ସଭାପତି ବିଶ୍ୱନାଥ ବେହେରା କହିଛନ୍ତି। ଏହି ମୂର୍ତ୍ତି ଶିଳ୍ପକାର (ଅଜୟ ନାୟକ) ନିର୍ଦ୍ଦେଶ କ୍ରମେ ଅନ୍ୟ ୨ ଜଣ ବଙ୍ଗୀୟ ଶିଳ୍ପକାର ସହାୟତାରେ ନିର୍ମିତ ହେଉଛି। ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା ଓ ଆଲୋକମାଳ। ଉପସଭାପତି ସୁଜିତ୍ ନାୟକ, ଅକ୍ଷୟ ନାୟକ, ସିଦ୍ଧାର୍ଥ ନାୟକ, ମନୋଜ ବେହେରା, ଦୀପକ ବେହେରା, ରମେଶ ବେହେରା, ଚିତ୍ତ ରଂଜନ ପଟ୍ଟନାୟକ ପ୍ରମୁଖଙ୍କ ସହଯୋଗରେ ପୂଜା ହୋଇଥାଏ।

**ବୁଲୁମ୍ ବଏଜ କ୍ଲବ:** ୧୭ ବର୍ଷ ଗଣେଶ ପୂଜା ପାଳନ କରିବ କନଭେଣ୍ଟ ସ୍କୁଲ ନିକଟ ବୁଲୁମ୍ ବଏଜ କ୍ଲବ। ମୂର୍ତ୍ତି ଉଚ୍ଚତା ୧୨ ଫୁଟ୍ ରହିଛି। ଏଥର ପ୍ରଭୁ ଗଜାନନ ମୁମ୍ବାଇ ଶୈଳୀରେ ପୂଜା ପାଇବେ ବୋଲି କ୍ଲବ ସଭାପତି ଦିନେଶ ପଣ୍ଡା କହିଛନ୍ତି। ମୂର୍ତ୍ତୀ ଶିଳ୍ପକାର (ଗୋପୀନାଥ ଦତ୍ତ) ନିର୍ଦ୍ଦେଶକ୍ରମେ ଅନ୍ୟ ୨ ଜଣଙ୍କ ସହାୟତାରେ ନିର୍ମିତ ହେଉଛି। କ୍ଲବର ୨୦୦ରୁ ଅଧିକ ସଦସ୍ୟ ଥିବାବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ଉପସଭାପତି ଦେବବ୍ରତ ଭୂୟାଁ, ସମ୍ପାଦକ ମନୋହର ମହାନ୍ତି, ସିଦ୍ଧାର୍ଥ ସା, ଅଭିଷେକ ଧିର, ଶାନ୍ତନୁ ଚକ୍ରବର୍ତ୍ତୀ, ଶୁଭମ୍ ରାଉତ, ସୌମ୍ୟ ରଂଜନ, କିରଣ ଶତପଥୀ, ଶଶି ଶେଖର, ଗୌରବ ମିଶ୍ର , ସିତାଂଶୁ ମହାପାତ୍ର, ରାଜୀବ ପୃଷ୍ଟି, ସୌରଭ ବେହେରା, ସବ୍ୟସାଚୀ ରାଉତ ପ୍ରମୁଖଙ୍କ ସହଯୋଗରେ ପୂଜା ହୋଇଥାଏ।

**୫୦ ବର୍ଷରେ ନାଗେଶ୍ୱର କ୍ଲବ ପୂଜା:** ଚଳିତବର୍ଷ ୫୦ ବର୍ଷ ଗଣେଶ ପୂଜା ପାଳନ କରିବ ଓଟି ରୋଡସ୍ଥିତ ନାଗେଶ୍ୱର କ୍ଲବ୍। ସହର ସ୍ଥିତ ହରି ପ୍ଲାଜା ନିକଟରେ କ୍ଲବ ପକ୍ଷରୁ ପ୍ରତିବର୍ଷ ଗଣେଶ ପୂଜା ପାଳିତ ହୋଇଆସୁଛି। ମୂର୍ତ୍ତି ଉଚ୍ଚତା ୨୨ ଫୁଟ୍ ରହିଛି। ଏଥର ପ୍ରଭୁ ଗଜାନନ ଲାଲ ବାଗ ବୁଢା ଗଣେଶ ଶୈଳୀରେ ପୂଜା ପାଇବେ ବୋଲି ସଭାପତି ସନ୍ତାଷ ଦାସ କହିଛନ୍ତି। ମୂର୍ତ୍ତି ଶିଳ୍ପକାର ବାପି, ଗୋରାଙ୍ଗଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟ ୨ ଜଣଙ୍କ ସହାୟତାରେ ନିର୍ମିତ ହେଉଛି। କ୍ଲବର ୩୦୦ରୁ ଅଧିକ ସଦସ୍ୟ ଥିବାବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ଉପସଭାପତି ଅରୁଣାଂଶୁ ଦାସ, ସଂପଦ ଦାସ, ଜୀବନ ଦାସ, ଦୀପକ ଦାସ, ଗୌତମ ସେଠୀ, ସୁରେଶ ଦାସ, ଶରତ ସେଠୀ, କମଳ ଲୋଚନ ସେଠୀ ରାଜେଶ ବାରିକୀ, ଜୀବନ ସଂଗ୍ରାମ ମିଶ୍ର, ରମେଶ ସେଠୀ, ମାନସ ଦାସ, ସନ୍ଦିପ ସେଠୀ ପ୍ରମୁଖଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି।



# ସମ୍ପାଦକୀୟ



ମହାକାଶ ଯାତ୍ରାର ସଫଳତା ତୁଳନାରେ ଲକ୍ଷ୍ୟ ହାସଲ ଅଧିକ ଗୁରୁତ୍ୱପୂର୍ଣ୍ଣ।
-କଳ୍ପନା ଚାୱଲା

ସକାଳ THE SAKALA

## ନିଶା କବଳରେ ଓଡ଼ିଶା

ନିଶା ସେବନ ଯେ ମଣିଷକୁ ପଶୁରେ ପରିଣତ କରେ ତାହାର ଦୃଷ୍ଟାନ୍ତ ଅନେକ। ପାରିବାରିକ ଓ ସାମାଜିକ ଜୀବନରେ ଅପରାଧ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜଣେ ସାଧାରଣ ଲୋକ ସ୍ୱାଭାବିକ ଅବସ୍ଥାରେ ରହି ଯେଉଁ ଅପରାଧ କରିପାରିବ ନାହିଁ ନିଶାସକ୍ତ ଅବସ୍ଥାରେ ତାହା ନିର୍ବିଘ୍ନରେ ଭିଆଇ ପାରିବ। ଆମ ଜୀବନ ପ୍ରବାହରେ ସଂପର୍କ ଓ ସଂପ୍ରତି କ୍ରମେ ଦିଗହରା ହେଉଛି। ତେଣୁ ଅଚିନ୍ତନୀୟ ଓ ଅକଳ୍ପନୀୟ ଅପରାଧ ସମ୍ମୁଖକୁ ଆସୁଛି। ଦିନକୁ ଦିନ ଅପରାଧ ବୃଦ୍ଧି ପାଇବା ପଛରେ ଏହି ନିଶାର କରାମତି ଅଧିକ। ବର୍ତ୍ତମାନର ନିଶା ଆଉ ମଦ, ଗଞ୍ଜେଇ ଓ ଭାଙ୍ଗରେ ସୀମିତ ନାହିଁ ଡ୍ରଗ୍ସ ପ୍ରତି ନିର୍ଭରଶୀଳତା ବୃଦ୍ଧି ପାଉଛି। ତଥାକଥିକ ଡ୍ରଗ୍ସ ବ୍ରାଉନ ସୁଗର, ହେରୋଇନ, କୋକେନ ଓ ମାରିଜୁଆନାର ମୂଲ୍ୟ ଆକାଶଛୁଆଁ ହେଇଥିଲେ ମଧ୍ୟ ତାହାର ପ୍ରସାର ଆମ ରାଜ୍ୟରେ ବଢ଼ି ଚାଲିଛି। ଏହି ଅର୍ଥ ପାଇଁ ତଥାକଥିତ ନିଶାଡ଼ି ଯେକୌଣସି ଅପରାଧ ଭିଆଇ ପାରିବ। ନିଶା ମୁକ୍ତି ପାଇଁ ପ୍ରଚଳିତ ବ୍ୟବସ୍ଥାର ସକ୍ରିୟତା ସତ୍ତ୍ୱେ କବଳିତଙ୍କୁ ବାଟକୁ ଫେରାଇ ଆଣାଯାଇ ପାରିନି। ବିଳାସପୂର୍ଣ୍ଣ ଜୀବନଧାରାକୁ ଆପଣାଇ ନେଇଥିବା ପରିବାରରେ ଏପ୍ରକାର ଡ୍ରଗ୍ସ ପ୍ରଥମେ କାୟାବିସ୍ତାର କରି ତାହା ଅନ୍ୟମାନଙ୍କୁ ସଂକ୍ରମିତ କରୁଛି। ଏକଥା ଉଲ୍ଲେଖ କରିବା ସକାଶେ ଆମ ରାଜ୍ୟରେ ଉପୁଜୁଥିବା କିଛି ଘଟଣାବଳୀ ବାଧ୍ୟବାଧକତା ସୃଷ୍ଟି କରିଛି। ନିର୍ବାଧାରେ ଗଞ୍ଜେଇ ଚାଷ ଓ ଚାଲାଣ ମାଧ୍ୟମରେ ବିପୁଳ ଉପାର୍ଜନରେ ସୁଯୋଗ ସୃଷ୍ଟି ହୋଇଛି। ମାଓବାଦୀଙ୍କ ପାଇଁ ଏହା ପାଣ୍ଠି ସଂଗ୍ରହ ସୁଯୋଗ ସୃଷ୍ଟି କରିଥିବା ବେଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ମାରିଜୁଆନା ଚାଲାଣର କେନ୍ଦ୍ରସ୍ଥଳରେ ପରିଣତ ହେବା ଚିନ୍ତା ଓ ଉଦ୍‌ବେଗର ବିଷୟ।

ଭୁବନେଶ୍ୱର ବିମାନ ବନ୍ଦର ଦେଇ ଦକ୍ଷିଣପୂର୍ବ ଏସିଆରୁ ମାରିଜୁଆନା ଚାଲାଣ ହେଉଥିବା ବେଳେ ଗୁଜୁରାଟର ମୁନ୍ଦ୍ରା ବନ୍ଦରକୁ ଇରାନ ଓ ଆଫଗାନିସ୍ତାନରୁ ଆସୁଥିବା ବ୍ରାଉନସୁଗର ଓ ହେରୋଇନ ସମସ୍ତଙ୍କୁ ଚକିତ କରିଛି। ଭୁବନେଶ୍ୱରରେ ଅପେକ୍ଷାକୃତ କମ କଟକଣା ଓ ଯାଞ୍ଚର ସୁଯୋଗ ନେଇ ବ୍ୟାଙ୍କକ୍ ଓ ସିଙ୍ଗାପୁରରୁ ମାରିଜୁଆନା ଆସିବା ବୃଦ୍ଧି ପାଇଛି। ଏହି ଚାଲାଣରେ ସଂପୃକ୍ତ ଥିବା ଅପରାଧ ଯେ ଓଡ଼ିଶାର ଏକଥା ନୁହେଁ। ଅନ୍ୟ ରାଜ୍ୟର ନିଶା ବେପାରୀ ଦକ୍ଷିଣ-ପୂର୍ବ ଏସିଆରୁ ଆଣୁଥିବା ମାରିଜୁଆନା ଭୁବନେଶ୍ୱର ବିମାନ ବନ୍ଦରକୁ କାହିଁକି ପସନ୍ଦ କରନ୍ତି? ତା'ର କାରଣ ହେଲା ବିନା ପ୍ରତିବନ୍ଧକରେ ଚାଲାଣର ସୁଯୋଗକୁ ନିଶାବେପାରୀ ଆପଣାଇ ନେଇଛନ୍ତି। ତେବେ ଗତ କିଛିମାସ ହେଲା କଠୋର କଟକଣା ଲାଗୁ ହୋଇଥିବାରୁ ଜଣକ ପରେ ଜଣେ ନିଶା ବେପାରୀ ଧରାପଡ଼ୁଛନ୍ତି। ହସ୍ତଗତ ହୋଇଥିବା ତଥ୍ୟରୁ ପ୍ରକାଶ ଯେ ଗତ ୬ ମାସ ମଧ୍ୟରେ ପ୍ରାୟ ୫୦ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି। ଏଥିରୁ ସ୍ପଷ୍ଟ ଯେ ଦକ୍ଷିଣ ପୂର୍ବ ଏସିଆରେ ବ୍ରାଉନ ସୁଗାର କିମ୍ବା ହିରୋଇନ ଚାଲାଣ କ୍ୱଚିତ ପରିଲକ୍ଷିତ ହୋଇଥାଏ। କାରଣ ଏହି ଡ୍ରଗ୍ସର ପେଣ୍ଠସ୍ଥଳ ହେଉଛି ଆଫଗାନିସ୍ତାନ। ତେଣୁ ସେସବୁ ଜଳପଥରେ ଭାରତ ଆସିଥାଏ। ଗତ ଶନିବାର ଦୁଇ ପଞ୍ଜାବୀ. ପ୍ରେମୀଯୁଗଳ ବ୍ୟାଙ୍କକରୁ ୪କୋଟି ଟଙ୍କାର ମାରିଜୁଆନା ନେଇ ଆସୁଥିବା ବେଳେ ବହିଃଶୁଳ୍କ କର୍ତ୍ତୃପକ୍ଷଙ୍କ ଯାଞ୍ଚ ବେଳେ ଧରା ପଡ଼ିଛନ୍ତି। ଗତ ଜୁଲାଇ ୨୯ରେ ୨୫ କେଜି ମାରିଜୁଆନା ନେଇ ଆସୁଥିବା ୩ଜଣ ଯୁବକଙ୍କୁ ଏହି ବିମାନ ବନ୍ଦରରୁ ଏୟାରପୋର୍ଟ ପୁଲିସ ଜବତ କରିଥିଲା। ସେହି ଭଳି ଅଗଷ୍ଟ ୨ରେ ଦୁଇଟି ଧରପଗଡ଼ ହୋଇଥିଲା ଏବଂ ୮ କୋଟି ୧୦ କୋଟିଟଙ୍କାର ମାରିଜୁଆନା ଜବତ ସହ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଏଭଳି କ୍ରମାଗତ ଘଟଣାରୁ ସ୍ପଷ୍ଟ ହେଉଛି ଯେ କର୍ତ୍ତୃପକ୍ଷଙ୍କ ଅସାବଧାନତାର ସୁଯୋଗ ନେଇ କିଛି ଅପରାଧୀ ଖସିଯାଥିବାରୁ ତାହା ଏବେ ମଧ୍ୟ ଜାରି ରହିଛି।

ଏବେ ଆସିବା ଗୁଜୁରାଟର ମୁନ୍ଦ୍ରା ବନ୍ଦର ପ୍ରସଙ୍ଗକୁ। ଦେଶର ପଶ୍ଚିମ ଉପକୂଳରେ ଏକାଧିକ ବନ୍ଦର ଥିବାବେଳେ ଡ୍ରଗ୍ସ ଚାଲାଣକାରୀ ମୁନ୍ଦ୍ରା ବନ୍ଦରକୁ କାହିଁକି ପସନ୍ଦ କରନ୍ତି? କାରଣ ହେଲା, ସେହି ଏକା କଥା। ବିନା କଟକଣା ବା ଧରପଗଡ଼ରେ ଖସିଯିବାର ସୁଯୋଗ ରହୁଥିବାରୁ ଜାହାଜ କଣ୍ଟେନରରେ ଆସୁଛି ବିପୁଳ ପରିମାଣର ବ୍ରାଉନସୁଗାର ଓ ହେରୋଇନ। ଏପରିକି ଅଶୋଧିକ ଡ୍ରଗ୍ସ ମୁନ୍ଦ୍ରା ବାଟ ଦେଇ ସ୍ଥଳପଥରେ ମୁମ୍ବାଇକୁ ଚାଲାଣ ହେଉଛି। ସେଠାରେ ଥିବା ବେଆଇନ କାରଖାନାରେ ଶୋଧନ କରାଯାଇ ଦେଶର ବିଭିନ୍ନ ଅଞ୍ଚଳକୁ ଚାହିଦା ଅନୁଯାୟୀ ପ୍ରେରଣ କରାଯାଉଛି। ଲୋକସଭାରେ ବିରୋଧୀଦଳ ନେତାଙ୍କ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଥିଲା ଯେ ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ବନ୍ଦରରୁ ୧୯ଟି ମାମଲାରେ ୧୧,୩୧୧ କୋଟି ଟଙ୍କାର ଡ୍ରଗ୍ସ ଧରାପଡ଼ିଥିଲା। ଡ୍ରଗ୍ସ କାରବାରକୁ ନିୟନ୍ତ୍ରଣ କରିବା ସକାଶେ ରାଜ୍ୟ, କେନ୍ଦ୍ରୀୟ ଏଜେନ୍ସି ଓ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏବଂ ଉପକୂଳ ବାହିନୀ ଓ ନୌସେନା ସହାୟତାରେ ନିୟମିତ ଚଢ଼ଉ ଜାରିରହିଛି। କିନ୍ତୁ ଲୋକସଭା ଉତ୍ତରରୁ ବାଦ ପଡିଥିବା ତଥ୍ୟ ହେଉଛି ୨୦୨୧ ରେ ମୁନ୍ଦଅର ବନ୍ଦରରୁ ୨୯୮୮ କିଲୋଗ୍ରାମ ହେରୋଇନ ଜବତ ହୋଇଥିଲା, ଯାହାର କି ମୂଲ୍ୟ ହେବ ୨୧,୦୦୦ କୋଟି ଟଙ୍କାରୁ ଅଧିକ। ଆଫଗାନିସ୍ତାନରୁ ଏହି ହିରୋଇନ ଇରାନ ବନ୍ଦର ଦେଇ ଭାରତକୁ ପଠାଯାଇଥିବା ନିର୍ଦ୍ଦିଷ୍ଟ ତଥ୍ୟ ହସ୍ତଗତ ହୋଇଛି। ଏନ୍‌ଆଇଏ ପକ୍ଷରୁ ଦର୍ଶାଯାଇଥିଲା ଯେ ଏହି ଡ୍ରଗ୍ସ ଅର୍ଥ ବେଆଇନ ଘୋଷିତ ଲସ୍କର-ଇ-ତୋଇବାର ଅଗ୍ରଣୀ ଏଜେନ୍ସିକୁ ହସ୍ତାନ୍ତର କରାଯାଇଥିବାର ନିର୍ଦ୍ଦିଷ୍ଟ ତଥ୍ୟ ମିଳିଛି। ପରବର୍ତ୍ତୀ ସମୟରେ ପହଲଗାମ ଆତଙ୍କବାଦୀ କାର୍ଯ୍ୟ ପଛରେ ମଧ୍ୟ ଏହି ଅର୍ଥ ବିନିଯୋଗ ହୋଇଥିଲା ଦର୍ଶାଯାଇଥିଲା।

ଅନ୍ୟପକ୍ଷରେ ଓଡ଼ଇଶାରେ ଗଞ୍ଜେଇ ଚାଲାଣ ବିରୋଧରେ ଜୋରଦାର ଧରପଗଡ଼ ଜାରି ରହିଛି। ଗଞ୍ଜେଇ ଚାଷକୁ ନିଷିଦ୍ଧ କରି ତୃଣମୂଳ ସ୍ତରରୁ ପଦକ୍ଷେପ ଗ୍ରହଣ କରାଗଲେ ଏହି ଧରପଗଡ଼ର କୌଣସି ଆବଶ୍ୟକତା ରହିବ ନାହିଁ। ଜଙ୍ଗଲ ଅବକାରୀ ଓ ପୁଲିସ ବିଭାଗର ସଲାସୁତୁରାରେ ଏହି ଗଞ୍ଜେଇ ଚାଷ ଏବଂ କୋଟି କୋଟି ଟଙ୍କାର କାରବାର ତଳୁ ଉପର ପର୍ଯ୍ୟନ୍ତ ଚାଲିଥିବାର ଅଭିଯୋଗ ହୁଏ। ଧରପଗଡ଼ କେବଳ ଧୂଆଁବାଣ। ଉପାନ୍ତ ଅଗମ୍ୟ ଅଞ୍ଚଳରେ ଅବଶ୍ୟ ମାଓବାଦୀଙ୍କ ପୁଞ୍ଜି ଆହରଣର ସୂତ୍ର ପାଲଟିଛି ଏହି ଗଞ୍ଜେଇଚାଷ। ଗଞ୍ଜେଇ ଉପରେ ଥିବା ନିଷେଧାଦେଶ ପ୍ରତ୍ୟାହାର ସକାଶେ ପାଶ୍ଚତ୍ୟ ରାଷ୍ଟ୍ରରେ ଜନମତ ସୃଷ୍ଟି ହେଲାଣି। ତାହାର ଔଷଧୀୟ ଗୁଣ ଓ ଅନ୍ୟାନ୍ୟ ଉପକାରିତା ପ୍ରତି ଏପର୍ଯ୍ୟନ୍ତ ସଠିକ ଧ୍ୟାନ ଦିଆଯାଇ ନାହିଁ। ଯେତେଦୂର ମନେହୁଏ ନିଷେଦ୍ଧାଦେଶ ପୃଷ୍ଠଭାଗରେ ବିପୁଳ କଳା ଅର୍ଥର କାରସାଦୀ ରହିଛି। ଏହା ଉଭୟ ଶାସନ ଓ କ୍ଷମତା କେନ୍ଦ୍ରକୁ ପ୍ରଭାବିତ କରି ରଖିଛି।

## ବ୍ୟାବସାୟିକ ବିବାଦରୁ ବିକଳ୍ପ ଶକ୍ତି ସମ୍ଭାବନା

ଡ. ସନ୍ତୋଷ କୁମାର ସାହୁ

ଅଖଣ୍ଡ ଭାରତ ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ତାରିଫ ପ୍ରହାର ଏକ ବ୍ୟାବସାୟିକ ବିବାଦ ରୂପେ ଆପାତତଃ ଜଣାପଡୁଥିଲେ ହେଁ ଏହା ସିଧାସଳଖ ଦେଶର ଶକ୍ତି ଉତ୍ସ ଉପରେ ପ୍ରହାର ଷଡ଼ଯନ୍ତ୍ର ଭାବେ ଅଭିହିତ କରାଯାଇପାରେ। ତେବେ ଭାରତର କୂଟନୀତି, ଯୋଜନାବଦ୍ଧ ରଣନୀତି, ଆତ୍ମନିର୍ଭରଶୀଳତା, ବିବିଧ ବ୍ୟବସାୟ, ଅନ୍ତର୍ଜାତୀୟ ବଜାରରେ ଭାରତର ପ୍ରମୁଖ ଭୂମିକା, ବିପୁଳ ବଜାର ଓ ଭୌଗୋଳିକ ସ୍ଥିତିକୁ ଅବଲୋକନ କଲେ ଭାରତର ସୁରକ୍ଷା ପ୍ରାଚୀର ଭେଦିବାକୁ ଆମେରିକାର ପ୍ରୟାସ ଯେ ପଣ୍ଡ ହେବ ଏଥିରେ ସନ୍ଦେହ ନାହିଁ।

୨୦୨୫, ଅଗଷ୍ଟ ୭ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ପଣ୍ୟ ଉପରେ ୨୫% ଶୁଳ୍କ ଲାଗୁ କଲେ। ମାତ୍ର ଛ' ଦିନ ପରେ ଆଉ ୨୫% ବଢ଼ାଇ, ମୋଟ ୫୦% ଶୁଳ୍କ ଲାଗୁ କରାଗଲା। ବାରଣ ସତ୍ତ୍ୱେ ଭାରତ ରୁଷରୁ ବିପୁଳ ପରିମାଣର ଇନ୍ଧନ କିଣୁଥିବାରୁ ଭାରତ ଉପରେ ଜୋରିମାନା ଆକାରରେ ଏହି ବର୍ଦ୍ଧିତ ଶୁଳ୍କ ଲାଗୁ କରାଯାଇଥିବା ଆମେରିକା ପକ୍ଷରୁ ସ୍ପଷ୍ଟୀକରଣରେ କୁହାଗଲା। କିନ୍ତୁ ଆମେରିକାର ଏହି ପଦକ୍ଷେପ ଭାରତ ଉପରେ କେବଳ ବ୍ୟାବସାୟିକ ଚାପ ନୁହେଁ, ଭାରତର ଶକ୍ତି ସୁରକ୍ଷାକୁ ଦୋହଲାଇ ଦେବା ପାଇଁ ଉଦ୍ଦିଷ୍ଟ ବୋଲି ମତ ପ୍ରକାଶ ପାଇଛି।

ସାମ୍ପ୍ରତିକ ସ୍ଥିତିରେ ଭାରତ ଏହାର ଅଶୋଧିତ ତୈଳ ଚାହିଦାର ୮୮.୨% ଏବଂ ପ୍ରାକୃତିକ ବାଷ୍ପର ୫୦.୮% ଆମଦାନୀ କରୁଛି। ରୁଷିଆର ଅଶୋଧିତ ତୈଳ ଉପରେ ଭାରତ ନିର୍ଭରଶୀଳତା ବୃଦ୍ଧିର ପଛରେ ତିନୋଟି ପ୍ରମୁଖ କାରଣ ରହିଛି। ପ୍ରଥମତଃ, ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସାଉଦୀ ଆରବ ତୁଳନାରେ ରୁଷର ଅଶୋଧିତ ତୈଳ ଭାରତ ପାଇଁ ଶସ୍ତା ରହୁଛି। ୨୦୨୫ ମେ'ରେ ସାଉଦୀ ଆରବ ତୁଳନାରେ ରୁଷରୁ ଉତ୍ପାଦିତ ଅଶୋଧିତ ତୈଳ ବ୍ୟାରେଲ ପିଛା ୪.୫୦ଡଲାର କମ୍ ଥିଲା। ଦ୍ୱିତୀୟତଃ, ପାରମ୍ପରିକ ମଧ୍ୟପ୍ରାଚ୍ୟ ଯୋଗାଣକାରୀଠାରୁ ଦୂରେଇ ଏହାକୁ ବିବିଧିକରଣ କରିବା ଦ୍ୱାରା ୟୁରୋପୀୟ ଚାହିଦା ବିଶ୍ୱ ତୈଳ ପ୍ରବାହକୁ ପୁନଃଗଠନ କରିଛି। ଭାରତ ଅଶୋଧିତ ତୈଳ ଆମଦାନୀ କରି ଏବେ ବିଶୋଧିତ ତୈଳ ରପ୍ତାନି କରିବା ଦ୍ୱାରା ଏହା ନିଜସ୍ୱ ଚାହିଦା ମେଣ୍ଟାଇ ଶକ୍ତି ସୁରକ୍ଷା ଦିଗରେ ଏକ ବଡ଼ ମାଇଲ ଖୁଣ୍ଟ ସ୍ଥାପନ କରିପାରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୪୪.୩ ବିଲିୟନ ଡଲାର ମୂଲ୍ୟର ପେଟ୍ରୋଲିୟମ ଉତ୍ପାଦ ଜି୭ ଦେଶମାନଙ୍କୁ ଭାରତ ରପ୍ତାନି କରିଥିଲା। ତୃତୀୟ, ଭାରତର ମତରେ, ରୁଷିଆରୁ ତୈଳ କ୍ରୟ ଦ୍ୱାରା ବିଶ୍ୱ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୨୦/୧୩୦ ଡଲାର ଭିତରେ ସୀମିତ ରଖିଛି। ଫଳରେ ଏହାର ଦର ବୃଦ୍ଧି ହେଉନି ଏବଂ ବିଶ୍ୱ ବଜାରରେ ସ୍ଥିରତା ଆଣିଛି। ଏହି ପରିପ୍ରେକ୍ଷୀରେ ଭାରତ ରୁଷିଆର ଅଶୋଧିତ ତୈଳରୁ ଦୂରେଇବାର ଅର୍ଥ, ପ୍ରତିବର୍ଷ ୯ରୁ ୧୧ ବିଲିୟନ ଡଲାର ମୂଲ୍ୟର ଅତିରିକ୍ତ ବୋଝ ମୁଣ୍ଡାଇବା। ଏହାର ସିଧାସଳଖ ପ୍ରଭାବ ଭାରତର ବିଶୋଧନ ଶିଳ୍ପ ଉପରେ ପଡ଼ିବ।

ଅପରପକ୍ଷରେ ଆମେରିକାର ଶୁଳ୍କ ବୃଦ୍ଧି ଏବଂ ବ୍ୟବସାୟିକ ବିବାଦ ଯୋଗୁଁ ଭାରତର ଶକ୍ତି ଶିଳ୍ପ ପୁନଃ ନବୀକରଣର ଏକ ବଡ଼ ସୁଯୋଗ ଆଣିଛି। ଯୁକ୍ତରାଷ୍ଟ୍ର ସ୍ୱଚ୍ଛ ଶକ୍ତି ପ୍ରୋତ୍ସାହନ କମାଇଲେ, ୮୦ ବିଲିୟନ ଡଲାରର ବିଶ୍ୱ ବଜାର ଖୋଲିବାର ସମ୍ଭାବନା ସୃଷ୍ଟି ହେବ। ଫଳରେ ଭାରତୀୟ କମ୍ପାନିଗୁଡ଼ିକ ଏହି ସୁଯୋଗକୁ ହାତେଇପାରିବେ। ଏହାସହିତ, ୨୦୪୭ ସୁଦ୍ଧା ଭାରତର ପରମାଣୁ କ୍ଷମତାକୁ ୮.୨ ଜିଡବ୍ଲୁରୁ ୧୦୦ ଜିଡବ୍ଲୁକୁ ବଢ଼ାଇବାର ଯୋଜନା ଜୀବାଶ୍ମ ଇନ୍ଧନ ବିପଦ ବିରୋଧରେ ଏକ ରଣନୈତିକ ସୁରକ୍ଷା, ଯାହାର ଲକ୍ଷ୍ୟ ହେଉଛି ଦୀର୍ଘକାଳୀନ ଶକ୍ତି ସୁରକ୍ଷାକୁ ବୃଦ୍ଧି କରିବା ଏବଂ କାର୍ବନମୁକ୍ତ ଯୋଜନାକୁ ସମର୍ଥନ ଦେବା। ସେହିପରି ଆମେରିକାର ତାରିଫ୍ ବିବାଦ ବ୍ରିକ୍ସ ରାଷ୍ଟ୍ରମାନଙ୍କ ସହ ଭାରତର ସମ୍ପର୍କକୁ ଆହୁରି ମଜଭୂତ କରିଛି। ଏହି ରାଷ୍ଟ୍ରମାନେ ଆମେରିକାର ତାରିଫକୁ ଡବ୍ଲୁଟିଓ ନିୟମ ଉଲ୍ଲଂଘନକାରୀ 'ଏକପାଖିଆ ଓ ବାଧ୍ୟତାମୂଳକ ପଦକ୍ଷେପ' ବୋଲି ବର୍ଣ୍ଣନା କରିଛନ୍ତି। ଏହା 'ବ୍ରିକ୍ସ ପେ' ଏବଂ ଚୀନର 'ସିଆଇପିଏସ' ପରି ବିକଳ୍ପ ଦେୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାର ସମ୍ଭାବନାକୁ ଉଜ୍ଜ୍ୱଳ କରିଛି।

ଏସବୁରୁ ସ୍ପଷ୍ଟ ଯେ, ସାମ୍ପ୍ରତିକ ସ୍ଥିତି ଭାରତକୁ ସ୍ୱଳ୍ପକାଳୀନ ଆର୍ଥିକ ବ୍ୟୟ ସହିତ ଦୀର୍ଘମିଆଦୀ କୌଶଳାତ୍ମକ ସ୍ୱାଧୀନତାର ଲକ୍ଷ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଯୋଗାଣ ଶୃଙ୍ଖଳର ବିବିଧିକରଣ ଜରିଆରେ ଦେଶର ନିଜସ୍ୱ ଶକ୍ତି ଉତ୍ପାଦନରେ ବୃଦ୍ଧି ଘଟାଇବ ଏବ ପୁନଃନବୀକରଣ ଶକ୍ତିରେ ତ୍ୱରିତ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ଏହି ପଦକ୍ଷେପ ଭବିଷ୍ୟତରେ ଭାରତକୁ ଶକ୍ତି ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭିତ୍ତି ସାବ୍ୟସ୍ତ ହେବ।

୨୦୨୫-୨୬ର କେନ୍ଦ୍ରୀୟ ବଜେଟକୁ ଅନୁଶୀଳନ କଲେ ଉପରୋକ୍ତ ଯୋଜନାଭିତ୍ତିକ ଲକ୍ଷ୍ୟ ହାସଲ ପାଇଁ ରଣନୀତି ପ୍ରସ୍ତୁତ ହୋଇଥିବା ଜଣାପଡ଼ିବ। ଯାହାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ତାରିଫ୍ ପ୍ରଣାଳିକୁ ସରଳ କରିବା ଓ ଶୁଳ୍କ ସନ୍ତୁଳନ ରକ୍ଷା କରିବା। ଏହି ପରିବର୍ତ୍ତନ ଦେଶୀୟ ଉତ୍ପାଦ ବୃଦ୍ଧି ଓ ମୂଲ୍ୟ ସୃଷ୍ଟିକୁ ଉନ୍ନତ କରିବ, ରପ୍ତାନି ପ୍ରତିଯୋଗିତାକୁ ଗତିବାନ କରିବ, ବ୍ୟାବସାୟକୁ ସହଜ କରିବ ଓ ସାଧାରଣ ନାଗରିକଙ୍କୁ ସିଧାସଳଖ ଲାଭ ଦେବ। ୨୦୨୩-୨୪ ବଜେଟର ପଦଚିହ୍ନକୁ ଅନୁସରଣ କରି, ଶିଳ୍ପ ପଦାର୍ଥ ପାଇଁ ୭ଟି ଅତିରିକ୍ତ ଶୁଳ୍କ ହାରକୁ ବିଲୋପ କରାଯାଇଛି। ୨୦୨୫-୨୬ ବଜେଟର ଶୁଳ୍କ ନୀତିକୁ କେବଳ ଆୟ ସଂଗ୍ରହ କିମ୍ବା ସାଧାରଣ ସୁରକ୍ଷା ରୂପେ ନୁହେଁ, ବରଂ ଶିଳ୍ପ ଉନ୍ନତିର ପ୍ରୟୋଜନରେ ଏକ ସୁଦୃଢ଼ ଉପକରଣ ଭାବେ ବ୍ୟବହାର କରାଯାଇଛି, ଯାହାକି ଦେଶ ପାଇଁ ଏକ ଶୁଭ ସଙ୍କେତ।

ସେହିପରି ବୈଦ୍ୟୁତିକ ଯାନ((ଇଭି) ଗତିଶୀଳତା ଆଡ଼କୁ ଭାରତର ପରିବର୍ତ୍ତନକୁ ଦ୍ରୁତ ଗତିରେ ଆଗେଇ ନେବା ପାଇଁ ପୁଞ୍ଜିଗତ ସାମଗ୍ରୀ ଛାଡ଼ ତାଲିକାରେ ଏବେ ଇଭି ବ୍ୟାଟେରୀ ଉତ୍ପାଦନ ଲାଗି ଗୁରୁତ୍ୱପୂର୍ଣ୍ଣ ୩୫ଟି ଏବଂ ମୋବାଇଲ୍ ଫୋନ୍ ବ୍ୟାଟେରୀ ଉତ୍ପାଦନ ପାଇଁ ୨୮ଟି ସାମଗ୍ରୀ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଘରୋଇ ଲିଥିୟମ-ଆୟନ ବ୍ୟାଟେରୀ ଉତ୍ପାଦନକୁ ଯଥେଷ୍ଟ ବୃଦ୍ଧି କରିବା, ଯାହା ଏହି ଦ୍ରୁତ ବିସ୍ତାରଶୀଳ ଶିଳ୍ପରେ ନିଯୁକ୍ତି ବୃଦ୍ଧିରେ ସହାୟକ ହେବ। କଞ୍ଚାମାଲର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ସରକାର କୋବାଲ୍ଟ ପାଉଡର, ଲିଥିୟମ-ଆୟନ ବ୍ୟାଟେରୀ ଅପଚୟ ଏବଂ ସ୍କ୍ରାପ୍, ସୀସା, ଜିଙ୍କ୍ ଆଦି ୧୨ଟି ଅନ୍ୟାନ୍ୟ ପ୍ରମୁଖ ଖଣିଜ ପଦାର୍ଥ ଉପରେ ମୌଳିକ ସୀମା ଶୁଳ୍କ (ବିସିଡି)କୁ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। ଏହା ଜୁଲାଇ ୨୦୨୪ରେ ୨୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ପୂର୍ବରୁ ଦିଆଯାଇଥିବା ଛାଡ଼ ଉପରେ ଆଧାରିତ। ଏହି ପଦକ୍ଷେପ ଘରୋଇ ଉତ୍ପାଦନ ପାଇଁ ଅତ୍ୟାବଶ୍ୟକୀୟ ସମ୍ବଳଗୁଡ଼ିକର ସ୍ଥିର ଯୋଗାଣକୁ ସୁନିଶ୍ଚିତ କରିବ। ଯ'ଦ୍ୱାରା ନିଯୁକ୍ତି ସୃଷ୍ଟି ସମ୍ଭାବନା ବୃଦ୍ଧି ପାଇବ।

୨୦୨୫-୨୬ କେନ୍ଦ୍ର ବଜେଟରେ ଆମଦାନୀ ଖର୍ଚ୍ଚ ଏବଂ ସରକାରୀ ରାଜସ୍ୱକୁ ବିସ୍ତାରିତ ଭାବରେ ପ୍ରଭାବିତ କରିବା ପାଇଁ ଏକ ଶୃଙ୍ଖଳିତ ଶୁଳ୍କ ସଂସ୍କାର ପ୍ରଚଳନ କରାଯାଇଛି। ଶିଳ୍ପ ଉତ୍ପାଦ, ଜୀବନ ରକ୍ଷାକାରୀ ଔଷଧ, ଇଭି ଓ ମୋବାଇଲ୍ ବ୍ୟାଟେରୀ ଉତ୍ପାଦନ ପାଇଁ ପୁଞ୍ଜି ସାମଗ୍ରୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ବୟନ ଯନ୍ତ୍ରପାତି ସମେତ ବିଭିନ୍ନ ପ୍ରକାରର ସାମଗ୍ରୀ ଉପରେ ମୌଳିକ ସୀମା ଶୁଳ୍କ (ବିସିଡି) ହ୍ରାସ କିମ୍ବା ସମ୍ପୂର୍ଣ୍ଣ ଛାଡ଼ କରି ଆମଦାନୀ ଖର୍ଚ୍ଚ ହ୍ରାସ କରିବାର ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଅତ୍ୟାବଶ୍ୟକୀୟ ଇନପୁଟ୍‌ଗୁଡ଼ିକୁ ଅଧିକ ସୁଲଭ କରି ଘରୋଇ ଶିଳ୍ପଗୁଡ଼ିକୁ ସମର୍ଥନ କରିବ ଏବଂ ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ କମ କରିବା ପାଇଁ ଏହାକୁ ବ୍ୟବସ୍ଥିତ କରାଯାଇଛି। ବିଶେଷକରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଉତ୍ପାଦ ପାଇଁ ଏହା ସହାୟକ ହେବ।

ବର୍ତ୍ତମାନର ବର୍ଦ୍ଧିତ ଆମେରିକା ଶୁଳ୍କ ଦୃଶ୍ୟପଟରେ ଭାରତ ନିଜର ଆର୍ଥିକ ଭବିଷ୍ୟତ ପାଇଁ ଅନେକ ରଣନୈତିକ ପ୍ରାଥମିକତାକୁ ଗୁରୁତ୍ୱ ଦେଉଛି। ପ୍ରଥମତଃ, ଏକକ ବଜାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଦ୍ୱାରା ଏକ ସ୍ଥିର ବିଶ୍ୱ ଗଠନ କରିବା ପାଇଁ ବାଣିଜ୍ୟ ସହଭାଗିତାକୁ ବିବିଧ କରିବାର ଗୁରୁତ୍ୱକୁ ଉଜ୍ୱଳ କରିଥାଏ। ଦ୍ୱିତୀୟତଃ, ଏହା ବିଶ୍ୱ ପୁଞ୍ଜିକୁ ଆକର୍ଷିତ କରିବା ସହ ଅନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳରେ ଅଧିକ ଗଭୀର ଭାବରେ ସଂହତ କରିବା ପାଇଁ ଆଭ୍ୟନ୍ତରୀଣ ସଂସ୍କାର, ବିଶେଷକରି 'ଚୁକ୍ତି ପ୍ରବର୍ତ୍ତନ ଏବଂ ବିଦେଶୀ ନିବେଶ ଢାଞ୍ଚା'ର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉଛି। 'ସ୍ୱଦେଶୀ' ଆତ୍ମନିର୍ଭରଶୀଳତା ପାଇଁ ଭାରତର ପ୍ରୟାସ, ନବସୃଜନ, ଗୁଣବତ୍ତା ଓ ପ୍ରତିଯୋଗିତା ଆଦି ଯୋଡ଼ି ହେଲେ ବାହ୍ୟ ଶୁଳ୍କ ଚାପକୁ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ସ୍ପ୍ରିଙ୍ଗବୋର୍ଡରେ ପରିଣତ କରିପାରିବ। ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ବହୁପାକ୍ଷିକ ପ୍ରତିଷ୍ଠାନ ସହିତ ନିରନ୍ତର ସମ୍ପର୍କ, ଜାତୀୟ ସ୍ୱାର୍ଥକୁ ଦୃଢ଼ ଭାବରେ ରକ୍ଷା କରିବା ସହିତ ବାଣିଜ୍ୟ ବିବାଦ ପରିଚାଳନା ଏବଂ ଏକ ସ୍ଥିର ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟାବଶ୍ୟକ ହେବ। ଶେଷରେ, ଦେଶର ଭୂରାଜନୈତିକ ବିଚାର ସମ୍ବଳ-ସମୃଦ୍ଧ ଅର୍ଥନୀତି, ଶକ୍ତି ଓ ସମ୍ପର୍କ, ବ୍ୟାପକ ଆର୍ଥିକ ଅଭିବୃଦ୍ଧିକୁ ବଳ ଦେବା ସହ ଏକ କ୍ରମବର୍ଦ୍ଧିଷ୍ଣୁ ଜଟିଳ ବିଶ୍ୱ ପରିବେଶରେ ଅବିଭାଜିତ ବୈଦେଶିକ ବାଣିଜ୍ୟ ରଣନୀତି ଗଠନ କରିବାରେ ଭାରତର ଭୂମିକା ଏକ ପ୍ରମୁଖ କାରଣ ହେବ।

(ସହାୟକ ପ୍ରାଧ୍ୟାପକ, ଅର୍ଥନୀତି, ଆଇଆଇଟି ମାଦ୍ରାସ)
ଚେନ୍ନାଇ, ମୋ: ୯୭ ୯୧୧୭୦୪୩୧

## ବହି ଖୋଲା ପରୀକ୍ଷା, ମନ ଖୋଲା ଲେଖା

ଡ. ସୀତାକାନ୍ତ ତ୍ରିପାଠୀ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆସନ୍ତା ବର୍ଷ ନବମ ଶ୍ରେଣୀ ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ବହି ଖୋଲି ଉତ୍ତର ଲେଖିବେ ବୋଲି ନିଷ୍ପତ୍ତି ନେଇଛି। ଯାହାଫଳରେ ପିଲାମାନଙ୍କର ପରୀକ୍ଷା ପ୍ରତି ଥିବା ଭୟ ଦୂରେଇ ଯିବା ସହିତ ସେମାନଙ୍କର ବିଶ୍ଳେଷଣାତ୍ମକ, ପ୍ରୟୋଗାତ୍ମକ ତଥା ସୃଜନାତ୍ମକ ଗୁଣଗୁଡ଼ିକ ବିକଶିତ ହେବ ବୋଲି ବିଶ୍ୱାସ କରାଯାଉଛି। ସାଧାରଣତଃ ପିଲାମାନଙ୍କର ମନେ ରଖିବାର ଶକ୍ତି, ବ୍ୟାଖ୍ୟାକରଣ ସୃଜନାତ୍ମକ କଳା, କାର୍ଯ୍ୟକାରଣ ସମ୍ପର୍କର ପରିମାପ ଆଦିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ମାପଦଣ୍ଡରେ ଧାର୍ଯ୍ୟ କରିବା ହେଉଛି ପରୀକ୍ଷାର ମୂଳ ଲକ୍ଷ୍ୟ। ତେବେ ଜ୍ଞାନ ଆହରଣ କରିବାକୁ କେବଳ କାଗଜ କଲମରେ ସୀମିତ ନରଖି ତା'କୁ କେମିତି ଦୈନନ୍ଦିନ ଜୀବନ ତଥା ପରୀକ୍ଷାଗାରରେ ପ୍ରୟୋଗ କରାଯାଇ ପାରିବ ସେ ସମ୍ପର୍କିତ ଜ୍ଞାନ ଆହରଣ କରିବା ବିଶେଷ ଜରୁରୀ।

ଏସବୁକୁ ଲକ୍ଷ୍ୟ କରି ପିଲାମାନଙ୍କୁ ପରୀକ୍ଷା ସମୟରେ ବହି ଯୋଗାଇ ଦିଆଗଲେ ମଧ୍ୟ ସେଗୁଡ଼ିକରୁ ଉତ୍ତର ଖୋଜି ତା'କୁ ସଠିକ ଭାବେ ଲେଖିବା ମଧ୍ୟ ପରୀକ୍ଷାର ପ୍ରସଙ୍ଗ। ପୂର୍ବରୁ କେବଳ ଆଇନ ପରୀକ୍ଷାରେ ଏହିଭଳି ଢଙ୍ଗରେ ପରୀକ୍ଷା ହେବାର ବ୍ୟବସ୍ଥା ଥିଲେ ମଧ୍ୟ ବର୍ତ୍ତମାନ ତାହା ନବମ ଶ୍ରେଣୀରେ ପ୍ରଚଳନ ହେବା ଏକ ଆହ୍ୱାନ ବୋଲି ମନେ ହୁଏ। ପ୍ରକୃତରେ କେବଳ ମନେ ରଖିବା ବଡ଼ ନା ତତ୍ତ୍ୱ ଓ ତଥ୍ୟକୁ ବୁଝି ତା'କୁ ଠିକ୍ ସମୟରେ କାର୍ଯ୍ୟରେ ଲଗାଇବା ବଡ଼, ସେକଥା ନିର୍ଣ୍ଣୟ କରିବା କାଠିକର ପାଠ।

ଖୋଲାବହି ପରୀକ୍ଷାରେ ଅନେକ ସମସ୍ୟା ଥିବା ଭଳି ମନେହୁଏ। ପିଲାମାନେ ବହି ଦେଖିବାର ସୁଯୋଗ ଥିବାରୁ ସେମାନେ ଖାମଖିଆଲି ଭାବେ ପାଠ ପଢ଼ିବାର ଆଶଙ୍କା ରହିଛି। ବହି ଉପରେ ଭରସା କରିବା ଦ୍ୱାରା ନିଜର ମୂଲ୍ୟବାନ ସମୟ ଅପଚୟ ହେବା ସହିତ ସୃଜନଶୀଳତାକୁ ହରାଇ ବସିବାର ମଧ୍ୟ ଆଶଙ୍କା ରହିଛି। ଏହି ବ୍ୟବସ୍ଥାରେ ପିଲାମାନେ ସଠିକ ସମୟରେ ଉତ୍ତର ଲେଖି ସାରିବାର କଳା କୌଶଳକୁ ଠିକ୍ ଭାବେ ଜାଣି ନପାରନ୍ତି। ଗଣିତ, ଚିକିତ୍ସା ବିଜ୍ଞାନ, ଭାଷା, ସାହିତ୍ୟ ଆଦି ଅନେକ କ୍ଷେତ୍ରରେ ଖୋଲା ବହିର ଉପଯୋଗିତା ପ୍ରାୟତଃ ନଥାଏ। ସର୍ବୋପରି ପରୀକ୍ଷାର୍ଥୀ ଜଣକ ନିଜ ଭିତରେ ଥିବା ଧୀଶକ୍ତି ବା ମନେ ରଖିବାର କଳାକୁ ହରାଇ ଦେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ କେବଳ କଳା ଓ ସାହିତ୍ୟକୁ ଛାଡ଼ିଦେଲେ ଅନ୍ୟକୌଣସି ବିଷୟରେ ମନଖୋଲା ଲେଖିବାର ସୁବିଧା ସୁଯୋଗ ନଥାଏ। କେବଳ ପୁସ୍ତକ ବିଦ୍ୟାକୁ କଣ୍ଠସ୍ଥ, କାଗଜ କଲମ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ଉତ୍ତର ଲେଖିବା ଦ୍ୱାରା ପରୀକ୍ଷାର୍ଥୀ ମନରେ ଥିବା ଅନେକ ଉତ୍ତର, ଚିନ୍ତାଧାରା, ବିଶ୍ଳେଷଣ ଆଦି ଅବ୍ୟକ୍ତ ହୋଇ ରହିଯାଇଥାଏ।

ପ୍ରତ୍ୟେକ ମଣିଷ ମନରେ ପାଠପଢ଼ା ବ୍ୟତୀତ ଅସୁମାରୀ ଚିନ୍ତା, ଚେତନା ଓ ଭାବଧାରା ଥାଏ, ଯାହାକୁ ଆଧାର କରି ନୂତନତ୍ୱର ସନ୍ଧାନ ମିଳିପାରେ। ଚାପମୁକ୍ତ ନହୋଇ ମନ ଖୋଲା ରହିଲେ ଭୟ କମିଯାଏ ଏବଂ ପାଠ ଓ ପରୀକ୍ଷାକୁ ନିଜ ଜୀବନର ଅଙ୍ଗ ଭାବେ ଗଣନା କରିବାର ସୁଯୋଗ ମିଳିଥାଏ। ଅନ୍ୟ ପରୀକ୍ଷାର୍ଥୀମାନଙ୍କ ତୁଳନାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ପିଲାଟି ବିଚାର କରିଥାଏ। ବିଦ୍ୟା କେବଳ ପରୀକ୍ଷା ଏବଂ ବହି ମଧ୍ୟରେ ସୀମିତ ନୁହେଁ ବୋଲି ପ୍ରମାଣ ମିଳିଥାଏ। ଏ ପ୍ରକାର ମାନସିକତାରୁ ନୂତନ ଚିନ୍ତା ଚେତନା ଜାଗ୍ରତ ହେବାର ଅବସର ମିଳିଥାଏ।

ସମସ୍ତେ ଜାଣନ୍ତି ସନ୍ଧ୍ୟା ହେଲେ ସୂର୍ଯ୍ୟ ଅସ୍ତ ହୁଅନ୍ତି। କିନ୍ତୁ ପୂର୍ବର ବଦ୍ଧମୂଳ ଧାରଣାର ବଶବର୍ତ୍ତୀ ହୋଇ ଯଦି କେହି ଜଣେ ସୂର୍ଯ୍ୟ ସ୍ଥିର, ପୃଥିବୀ ଘୁରୁଛି ବୋଲି ଚିନ୍ତା କରି କହି ନଥା'ନ୍ତେ କିମ୍ବା ଲେଖି ନଥା'ନ୍ତେ ତା'ହେଲେ ହୁଏତ ଆଜିପର୍ଯ୍ୟନ୍ତ ପୃଥିବୀ ସ୍ଥିର, ସୂର୍ଯ୍ୟ ଏହାର ଚାରିପଟେ ଘୁରୁଛି ବୋଲି ଆମେ ମାନି ନେଇଥା'ନ୍ତେ। ଚିରାଚରିତ ବିଧି, ବ୍ୟବସ୍ଥା, ଚିନ୍ତାଧାରା ଉପରେ ସମୀକ୍ଷା ଏବଂ ଏଥିରୁ ବାହାରିଯାଇ ଏକ ନୂଆ ଚେତନାର ଦିଗ୍‌ବଳୟରେ ପହଞ୍ଚିବାର ସୁବିଧା ସୁଯୋଗ ମନଖୋଲା ଲେଖାରୁ ଆରମ୍ଭ ହୁଏ। ରାଜନୀତି, ଅର୍ଥନୀତି, କଳା, ବିଜ୍ଞାନ, ଦର୍ଶନ, ତର୍କ, ଜ୍ୟୋତିଷ, ଆୟୁର୍ବେଦ ଆଦି ପ୍ରତ୍ୟେକ କ୍ଷେତ୍ରରେ ମନଖୋଲା ଅନୁଭୂତିସମ୍ପନ୍ନ ଲେଖାର ଆବଶ୍ୟକତା ରହିଛି, ଯାହାକୁ ଭିତ୍ତି କରି ମଣିଷକୁ ଆଗକୁ ଯିବା ପାଇଁ ରାହା ମିଳିଥାଏ। ଆବିଷ୍କାର ଓ ଉଦ୍ଭାବନକୁ ଆହୁରି ଅଧିକ ମାତ୍ରାରେ କରିବା ପାଇଁ ମଣିଷକୁ ଏହା ଖୋରାକ ଯୋଗାଇଥାଏ।

ତେଣୁ କେତେବେଳେ ବହିଖୋଲା ପରୀକ୍ଷା ଆଉ କେତେବେଳେ ମନ ଖୋଲା ଲେଖା କରାଯାଇ ପରୀକ୍ଷାର୍ଥୀମାନଙ୍କର ମାନସିକ ଫଳାଫଳ ନିର୍ଦ୍ଧାରଣ କରାଯିବା ଦରକାର ସେ ବିଷୟରେ ବିତର୍କ ହେବାର ସମୟ ଉପଗତ। ଉଦାହରଣ ସ୍ୱରୂପ କୌଣସି ମନ୍ଦିର ସମ୍ପର୍କରେ ବର୍ଣ୍ଣନା ସମୟରେ ତା'କୁ କିଏ, କେବେ, କାହିଁକି ନିର୍ମାଣ କରିଥିଲେ ସେ ବିଷୟରେ ଆମେ ପଢ଼ିଥାଉ। କିନ୍ତୁ ଗଢ଼ିଥିବା କାରିଗର ସେସମୟର ସାମାଜିକ ସ୍ଥିତି, ରାଜନୈତିକ ପୃଷ୍ଠଭୂମି, ଆର୍ଥିକ ଅବସ୍ଥା ସମ୍ପର୍କିତ ଆଲୋଚନା ପ୍ରାୟତଃ ହୋଇ ନ ଥାଏ। ମନଖୋଲା ଲେଖା ଜିଜ୍ଞାସୁକୁ ପ୍ରଶ୍ନୀଳ କରିବାରେ ସାହାଯ୍ୟ କରିଥାଏ, ଯାହା ନୂତନ ତତ୍ତ୍ୱ ଓ ତଥ୍ୟ ପାଇଁ ପଥ ପ୍ରଦର୍ଶକ ହୋଇଥାଏ।

ଅର୍ଣ୍ଣପାଳ(ଭଦ୍ରକ), ମୋ: ୯୭୭୮୭୬୪୩୯୪

## ରଙ୍ଗ ଓ ମନ

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ବିଭିନ୍ନ ରଙ୍ଗର ଆଲୋକ ଅଲଗା ଅଲଗା ତୀକ୍ଷ୍ଣଲମ୍ବଯୁକ୍ତ ରଶ୍ମି। ସୂର୍ଯ୍ୟକିରଣ ଆମକୁ ଗୋଟିଏ ରଙ୍ଗ ଭଳି ମନେ ହେଲେ ହେଁ ଏହା ପ୍ରକୃତରେ ସାତୋଟି ରଙ୍ଗର ସମାହାର। ଏହାର ବର୍ଣ୍ଣଳୀରେ କ୍ଷୁଦ୍ରତମ ତରଙ୍ଗ ଲମ୍ବଯୁକ୍ତ ରଶ୍ମି ହେଲା ବାଇଗଣୀ ବା ଭାଓଲେଟ୍ ଏବଂ ବୃହତ୍ତମଟି ହେଲା ଲୋହିତ ବା ଲାଲ୍। ଭାଓଲେଟ୍‌ଠାରୁ କ୍ଷୁଦ୍ରତମ ତରଙ୍ଗ ଲମ୍ବ ବିଶିଷ୍ଟ ରଶ୍ମିକୁ ଆମେ ଅଲଟ୍ରାଭାଓଲେଟ୍ ବା ଅତିଘନ ବାଇଗଣୀ ଏବଂ ଲୋହିତ ବା ରେଡ୍‌ଠାରୁ ଅଧିକ ତରଙ୍ଗ ଲମ୍ବଯୁକ୍ତ ରଶ୍ମିକୁ ଇନଫ୍ରାରେଡ ବା ପାରଲୋହିତ ବୋଲି କହୁ। ଆମ ଆଖି ଏ ଦୁଇଟିକୁ ଦେଖି ପାରେ ନାହିଁ।

କୌଣସି ବସ୍ତୁ ଉପରେ ଆଲୋକ ପଡ଼ିଲେ ତାହା ସେଥିରୁ ପ୍ରତିଫଳିତ ହୁଏ। ଏଣୁ ଆମ ଆଖି ତାହା ଦେଖିପାରୁ। ବସ୍ତୁ ସୂର୍ଯ୍ୟକିରଣ ବା ଆଲୋକର ଯେଉଁ ରଙ୍ଗଟି ଶୋଷଣ କରି ନ ପାରେ ତାହା ଆମକୁ ସେ ରଙ୍ଗର ଦେଖାଯାଏ। ବିବିଧ ଗବେଷଣାରୁ ଜଣାପଡ଼ିଛି ଯେ ରଙ୍ଗମାନଙ୍କର ଆମ ମସ୍ତିଷ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବମାନ ରହିଛି। ତହିଁରୁ ଗୋଟିଏ ହେଲା ଯେ ଏହା ତାହାର 'ଫ୍ୟୁଜିଫର୍ମ ଗାଇରସ୍' କେନ୍ଦ୍ରକୁ ଉତ୍ତେଜିତ କରେ। ଅତଏବ ତହିଁରେ ସେରୋଟୋନିନ ନାମକ ରସାୟନରେ କ୍ଷରଣ ଘଟେ, ଯାହାକି ମାନସିକ ଅବସ୍ଥାକୁ ଉଦ୍‌ବେଳିତ କରିବା, କୌଣସି ବିଷୟ ପ୍ରତି ଧ୍ୟାନ ଦେବା ଏବଂ ବିବିଧ ଚୟାପଚୟ ପ୍ରକ୍ରିୟା ବୃଦ୍ଧି କରିବାରେ ସାହାଯ୍ୟ କରେ।

ବିଭିନ୍ନ ରଙ୍ଗର ପ୍ରଭାବ ଭିନ୍ନ ଭିନ୍ନ। ତାହା ଉପରେ ନିର୍ଭର କରି ସେଗୁଡ଼ିକୁ ବିବିଧ ଶ୍ରେଣୀଭୁକ୍ତ କରାଯାଇଛି। ଉଦାହରଣସ୍ୱରୂପ, ଲାଲ୍, ଗୋଲାପୀ, ହଳଦିଆ ଓ ନାରଙ୍ଗୀକୁ - 'ଉଷ୍ମ'; ନୀଳ, ସବୁଜ, ବାଇଗଣୀ ଓ ନୀଳ ଲୋହିତକୁ - 'ଶୀତଳ'; ଧୂସର, ଧଳା ଓ କଳାକୁ - 'କ୍ଲୀବ' ରୂପେ ନାମିତ କରାଯାଇଛି। ସେସବୁ ନିମ୍ନୋକ୍ତ ମତେ ଆମକୁ ପ୍ରଭାବିତ କରିଥା'ନ୍ତି।

ଉଷ୍ମ ରଙ୍ଗ: ଏଗୁଡ଼ିକ ଉଦ୍ଦୀପନା, ଶକ୍ତି ଓ ହୃତ୍ସ୍ପନ୍ଦନ ହାର ବୃଦ୍ଧି କରନ୍ତି ଏବଂ ସ୍ମରଣଶକ୍ତି ବୃଦ୍ଧି କରିଥା'ନ୍ତି। କିନ୍ତୁ ତାହା ଅଧିକ ତୀବ୍ର ହେଲେ ଦୁର୍ଦ୍ଦମ୍ୟ ଓ ବିରକ୍ତିକର ବୋଧ ହୋଇପାରେ।

ଶୀତଳ ରଙ୍ଗ: ଏହି ରଙ୍ଗ ସାଧାରଣତଃ ମନକୁ ହାଲୁକା କରି ତା'କୁ ପ୍ରଶାନ୍ତି ପ୍ରଦାନ କରେ ଏବଂ ମାନସିକ ଚାପ ହ୍ରାସ କରେ। ଏସବୁ କୌଣସି କାର୍ଯ୍ୟ ପ୍ରତି ଆମର ମନୋନିବେଶ କରିବା ଏବଂ ସେଥିପ୍ରତି ଧ୍ୟାନ ଦେବାରେ ସାହାଯ୍ୟ କରୁଥିବାରୁ ତାହା ଅଧ୍ୟୟନ କିମ୍ବା ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ଲାଗି ପରିବେଶକୁ ଉତ୍ତମ କରେ। ତେବେ ତାହା ଅତ୍ୟଧିକ ହୋଇଗଲେ ଦୁଃଖଭାବ ଓ ଆଳସ୍ୟର କାରଣ ହୁଏ।

କ୍ଲୀବ ରଙ୍ଗ: ପରିସ୍ଥିତି ଉପରେ ନିର୍ଭର କରି ଏଗୁଡ଼ିକ ମନକୁ ଅଶାନ୍ତ କରିବା କିମ୍ବା ଦୁଶ୍ଚିନ୍ତାର ହ୍ରାସ ନତୁବା ରୁଚି ସଂପନ୍ନ କାର୍ଯ୍ୟରେ ନିବେଶ କରିବାକୁ ଦିଏ ଏବଂ ସନ୍ତୁଳିତ ପରିବେଶ ସୃଷ୍ଟି କରେ। କିନ୍ତୁ ତାହା ଅତ୍ୟଧିକ ହୋଇଗଲେ ନୀରସ ଭାବ ଉତ୍ପନ୍ନ ହୋଇପାରେ।

ବିଭିନ୍ନ ରଙ୍ଗ ପାଇଁ ଆମର ଆଗ୍ରହ ଆମ ସଂସ୍କୃତିକ ପୃଷ୍ଠଭୂମି ବ୍ୟକ୍ତିଗତ ଅନୁଭୂତି ଏବଂ ବ୍ୟକ୍ତିବିଶେଷଙ୍କ ସହିତ ସଂପୃକ୍ତି ଉପରେ ନିର୍ଭର କରେ। ନାନାଦି ପରିବେଶ ମଧ୍ୟରେ ନାନାଦି ରଙ୍ଗ ଆମକୁ ଭଲ ଲାଗିପାରେ। ଏହା ଆମ ମାନସିକ ଅବସ୍ଥା ଓ ନିଷ୍ପତ୍ତିକୁ ମଧ୍ୟ ପ୍ରଭାବିତ କରେ। ରଙ୍ଗକୁ ଏବେ ଭାବପ୍ରବଣତା ତଥା ବିବିଧ ମାନସିକ କିମ୍ବା ଶାରୀରିକ ରୋଗ ବ୍ୟାଧିର ଚିକିତ୍ସା କ୍ଷେତ୍ରରେ ନିୟୋଜିତ କରାଗଲାଣି। ବଜାରରେ କୌଣସି ଦ୍ରବ୍ୟ ଆଦୃତ ହେବାରେ ମଧ୍ୟ ରଙ୍ଗର ବିଶେଷ ଭୂମିକା ଥିବାର ଦେଖାଯାଉଛି। ଏଣୁ ଏହାକୁ ବିଜ୍ଞାପନ ପାଇଁ ବ୍ୟବହାର କରାଯାଉଛି।

ଏସବୁରୁ ରଙ୍ଗର ଆମ ମନସ୍ତତ୍ତ୍ୱ ସହିତ ଗଭୀର ସମ୍ପର୍କ ଥିବାର ସ୍ପଷ୍ଟ ପ୍ରମାଣିତ ହେଉଛି। ସେଥିପାଇଁ ଆଜିକାଲି କାର୍ଯ୍ୟାଳୟ, ବାସଗୃହ, ବିଦ୍ୟାଳୟ ଆଦିକୁ ଉପଯୁକ୍ତ ମନେ ହେଉଥିବା ବିଭିନ୍ନ ରଙ୍ଗରେ ରଞ୍ଜିତ କରାଯାଉଛି। ଏପରିକି କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦିଷ୍ଟ ରଙ୍ଗର ପୋଷକମାନ ପିନ୍ଧିବାକୁ ପ୍ରୋତ୍ସାହନ କରାଯାଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା

# ବଡ଼ମ୍ବା ଏବଂ ବଲାଙ୍ଗିର ଚିନିକଳ କାର୍ଯ୍ୟକ୍ଷମ ଦାବି

ଭୁବନେଶ୍ୱର,୨୫।୮ (ସମିସ): ପ୍ୟାକ୍ସର ଋଣ ପରିଶୋଧ ସମୟସୀମାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରାଯାଉ। ବଡ଼ମ୍ବା ଏବଂ ବଲାଙ୍ଗୀରର ଚିନିକଳକୁ କାର୍ଯ୍ୟକ୍ଷମ କରିବା ସହ ଗୋପାଳପୁରଠାରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସାଟେଲାଇଟ୍ ସେଣ୍ଟର୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସମବାୟ (ରାଷ୍ଟ୍ର) ମନ୍ତ୍ରୀ ମୁରଲୀଧର ମୋହୋଲଙ୍କୁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଲୋକସେବା ଭବନରେ ଶ୍ରୀ ମୋହୋଲ୍ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପକ୍ଷରୁ ଏକାଧିକ ଦାବି ଉପସ୍ଥାପନ କରିଥିବା ଜଣାପଡ଼ିଛି।



ପ୍ରତି ଜିଲ୍ଲା ତଥା ସବ୍‌ଡିଭିଜନ୍‌ରେ ଶୀତଳଭଣ୍ଡାର ଏବଂ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ସଂପର୍କରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ।

ବୈଠକରେ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସମବାୟ କ୍ଷେତ୍ରରେ ହାସଲ ସଫଳତାଗୁଡ଼ିକ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କ ସମବାୟ କ୍ଷେତ୍ରର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ ଭାରତ ସରକାର ବିଭିନ୍ନ ରାଜ୍ୟରେ ସମବାୟ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କିଛି ରାଜ୍ୟକୁ ମଧ୍ୟ ପାଇଲଟ୍ ପ୍ରକଳ୍ପ ଭାବେ ଗ୍ରହଣ କରାଯାଇଛି। ସେସବୁ ରାଜ୍ୟଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ଓଡ଼ିଶା ସରକାରଙ୍କ ପକ୍ଷରୁ ସମବାୟ ବିକାଶ ପାଇଁ ଯାହା ଆବଶ୍ୟକ ହେବ, କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ କହିଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର, ଆନନ୍ଦ ଝା ଏବଂ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨ ଦୁଷ୍କର୍ମକାରୀଙ୍କୁ ଆଜୀବନ ଜେଲ୍

ବାରିପଦା, ୨୫।୮ (ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ପେଶାଲ ପୋକସୋ କୋର୍ଟରେ ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ଏହି ମାମଲାରା ବିଚାର କରି ୨ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୬୦ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ଅଢ଼େଇ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାକୁ ୬ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀଦ୍ୱୟ ହେଲେ, ଉଦଳା ଥାନା ଚଡଦା ଅଞ୍ଚଳର ସାମାୟ ମୁର୍ମୁ (୩୩) ଓ ମୋଟୁ ମୁର୍ମୁ (୩୩)।

ସୂଚନାଯୋଗ୍ୟ, ୨୦୨୧ ଏପ୍ରିଲ ୬ ତାରିଖରେ ଜଣେ ନାବାଳିକା ନିକଟସ୍ଥ ଖେଳ ପଡ଼ିଆକୁ ଯାଇଥିବା ବେଳେ ଅଭିଯୁକ୍ତଦ୍ୱୟ ତାକୁ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ପୀଡିତାଜଣଙ୍କ ସମ୍ପର୍କୀୟ ଖୁଡ଼ୀଙ୍କୁ ଏ ସଂପର୍କରେ ଜଣାଇବା ପରେ ଗ୍ରାମରେ ବୈଠକ ଡକାଯାଇଥିଲା। ମାତ୍ର ସେଥିରେ କୌଣସି ସମାଧାନ ନ ହେବାରୁ ପରିବାରଲୋକେ ୧୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ପରେ ଉଭୟଙ୍କ ଡାକ୍ତରୀମାଇନା କରିଥିଲା। ୨୨ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

## ରାଜ୍ୟରେ ସାର ସଙ୍କଟ, କଳାବଜାରୀ ସକ୍ରିୟ

# ଚଢ଼ାଦରରେ ଚାଷୀ କିଣୁଛନ୍ତି ନକଲି ସାର

ଭୁବନେଶ୍ୱର,୨୫।୮ (ସମିସ): ସାର ପାଇଁ ସାରା ରାଜ୍ୟରେ ଭୟାବହ ସ୍ଥିତି ଉପୁଜିଛି। ଅଧିକାଂଶ ଜିଲ୍ଲାରେ ଚାଷୀଙ୍କୁ ସାର ମିଳୁନି। ଏଣୁ ସୋସାଇଟି ସମ୍ମୁଖରେ ଚାଷୀ ଧାରଣା ଦେଲା ଭଳି ଦିନ ରାତି ବସୁଛନ୍ତି। ସୋସାଇଟି କର୍ମଚାରୀ ସାର ଦେବେ କଣ ଓଲଟା କବାଟ ବନ୍ଦ କରି ଦେଉଛନ୍ତି। ଅନୁଗୋଳ, ସମ୍ବଲପୁର, କୋରାପୁଟ, ନବରଙ୍ଗପୁର, କନ୍ଧମାଳ ପ୍ରଭୃତି ଜିଲ୍ଲାରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଛି। ମାଲକାନଗିରିରେ ଚାଷୀମାନେ ହରତାଳକୁ ଓହ୍ଲାଇଛନ୍ତି । ଏହି ସମୟରେ ଫାଇଦା ଉଠାଉଛନ୍ତି କଳାବଜାରୀ। ଚୋରାରେ ଦୁଇଗୁଣା ଟଙ୍କାରେ ସାର ବିକ୍ରି କରୁଥିଲା ବେଳେ ଏହାମଧ୍ୟରୁ ଅଧିକାଂଶ ସାର ନକଲି ବୋଲି ଅଭିଯୋଗ ହୋଇଛି।

ଚଳିତ ବର୍ଷ ଆଗୁଆ ମୌସୁମୀ ଆସିଥିଲା। ପ୍ରକୃତି ଚାଷୀଙ୍କ ପାଇଁ ମନ ଖୋଲା ବର୍ଷା କରାଉଥିଲା ବେଳେ ସରକାର ସାର ଯୋଗାଇବାରେ ହାତକୁ ଚାପି ଦେଲେ। ଏହାକୁ ନେଇ ଚାଷୀ ସଂଗଠନ ଗୁଡ଼ିକ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ବିଭିନ୍ନ ସୋସାଇଟି ପକ୍ଷରୁ ସାର ନେବା ପାଇଁ ଚାଷୀଙ୍କୁ ଟୋକନ ଦିଆଯାଇଛି। ଟୋକନ ପାଇ ଚାଷୀ ଦିନ ଦିନ ଧରି ଧାଡିରେ ଛିଡା ହେଉଛନ୍ତି। ରାତି ଅନିଦ୍ରା ହୋଇ ୪ ଦିନ ଧାଡ଼ିରେ ଛିଡା ହେବା ପରେ ବି ସାର ମିଳୁନି। ଯେଉଁଥିପାଇଁ ମାଲକାନଗିରି ମାଥିଲିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଚାଷୀ। ଆଗକୁ ପରିଣାମ ଆହୁରି ଭୟାବହ ହେବ ବୋଲି ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ ସଂଗଠନ ଚେତାବନୀ ଦେଇଛି।

ସାର ନ ମିଳିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଥିଲା ବେଳେ କଳାବଜାରୀ ବ୍ୟବସାୟୀଙ୍କ ପାଇଁ ଏଭଳି ସ୍ଥିତି ମୋଟା ଅଙ୍କର ମୁନାଫା କମାଇବାକୁ ଏକ ଅବସର ସୃଷ୍ଟି କରିଛି। କଳାବଜାରୀ ବ୍ୟବସାୟୀ ମାନେ ସାର ପାଇଁ ଚାଷୀଙ୍କ ଠାରୁ ମନଇଚ୍ଛା ଟଙ୍କା ନେଉଛନ୍ତି। ସମସ୍ତ ଜିଲ୍ଲାରେ ବ୍ୟବସାୟୀ ୟୁରିଆ, ଗ୍ରୋମର, ପଟାସ ଏବଂ ଡିଏପିର ଦାମ୍ ବୃଦ୍ଧି କରିଛନ୍ତି। ୟୁରିଆ ମୂଲ୍ୟ ୨୩୩ଟଙ୍କା ଥିବା ବେଳେ ୫୬୦ଟଙ୍କାରୁ ୭ଶହ ମଧ୍ୟରେ ବିକ୍ରି କରାଯାଉଛି। ରାଜ୍ୟ ସାରା ଏଭଳି କାରବାର ଚାଲିଥିଲା ବେଳେ ସରକାର ମାତ୍ର ୫୬ଜଣଙ୍କ ଡିଲରସିପ୍‌କୁ ରଦ୍ଦ କରିଛନ୍ତି ।

ଅନ୍ୟପକ୍ଷରେ ସାର ଅଭାବୀ ସମୟରେ ବଜାରରେ ନକଲି ସାରକୁ ନେଇ ଚାଷୀମାନେ ଭୟଭୀତ ଅଛନ୍ତି। କୋରାପୁଟ ଜିଲ୍ଲା ଜୟପୁର ସହରରେ ନକଲି ପଟାସ ସାର ମିଳୁଛି। ବାଲିରେ ରଙ୍ଗ ମିଶାଇ ଏଭଳି ନକଲି ପଟାସ ପ୍ରସ୍ତୁତ କରାଯାଉଛି। ଏହି ସାରକୁ ବିଲରେ ପକାଇଲା ବେଳକୁ ରଙ୍ଗ ପାଣିରେ ଭାସୁଛି କେବଳ ବାଲି ରହିଯାଉଛି ବୋଲି ଅଭିଯୋଗ ହେଉଛି। ମାତ୍ର ପ୍ରଶାସନ ଏଭଳି ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

# ଖୁଦ ବୋଝେଇ ଟ୍ରକ୍‌ରେ ୧ କୋଟିର ଗଞ୍ଜେଇ

ବଲାଙ୍ଗିର/ତୁଷୁରା, ୨୫।୮(ସମିସ): ତୁଷୁରା-ଗୁଡଭେଲା ରାସ୍ତା ତେନ୍ତୁଲିଖୁଣ୍ଟି କଲେଜ ନିକଟରୁ ତୁଷୁରା ଥାନା ପୁଲିସ୍ ଆଜି ଏକ ଖୁଦ ବୋଝେଇ ଗାଡ଼ିରୁ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଏହି ଗଞ୍ଜେଇ ବୌଦ୍ଧରୁ ଛତିଶଗଡ଼ ଚାଲାଣ ହେଉଥିଲା ବୋଲି ପୁଲିସ୍ କହିଛି। ଉକ୍ତ ଗାଡ଼ିରୁ ଶହେ ବସ୍ତା ଖୁଦ ଚାଉଳ ମଧ୍ୟ ଜବତ ହୋଇଛି।



ସୂଚନାନୁସାରେ, ଏକ ମିନିଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ତୁଷୁରା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ତେଣୁ ଗାଡ଼ିକୁ ଧରିବା ପାଇଁ ପୁଲିସର ଏକ ଟିମ୍ ତୁଷୁରା-ଗୁଡଭେଲା ରାସ୍ତାର ତେନ୍ତୁଲିଖୁଣ୍ଟି କଲେଜ ନିକଟରେ ଛକି ବସିଥିଲେ। ସେହି ସମୟରେ ଏକ ମିନିଟ୍ରକ୍‌କୁ ଦେଖି ସନ୍ଦେହ ହେବାରୁ ପୁଲିସ ତାକୁ ଅଟକାଇଥିଲା। ଯାଞ୍ଚ କରିବାରୁ ପ୍ରଥମେ ପୁଲିସ୍‌କୁ ସେମିତି କିଛି ମିଳିନଥିଲା। ଆଗରେ ଖୁଦ ବୋଝେଇ ବସ୍ତା ଥିବାରୁ ପୁଲିସ୍ ନିରାଶ ହୋଇଥିଲା। କିନ୍ତୁ କିଛି ବସ୍ତା ଖୁଦ ବାହାର କରିବା ପରେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଏହାର ସୁଯୋଗ ନେଇ ଚାଳକଜଣଙ୍କ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବାରୁ ତାହା ୧୧ କ୍ୱିଣ୍ଟାଲ ବୋଲି ଜଣାପଡ଼ିଥିଲା। ଏହାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ମନୋଜ ପଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶନିବାର ଲୋଇସିଂହା ପୁଲିସ ରାଜପଥରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଚଢ଼ଉ କରି ଦୁଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିଲା।

**ବୌଦ୍ଧରୁ ଛତିଶଗଡ଼ ହେଉଥିଲା ଚାଲାଣ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢୁଛି ବନ୍ୟା...

ବର୍ତ୍ତମାନ ସୁବର୍ଣ୍ଣରେଖା ଉଭୟ ଜାମଶୋଳାଗେଟ୍ ଓ ରାଜଘାଟଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାସହିତ ବୈତରଣୀ ମଧ୍ୟ ଆଖୁଆପଦାଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ଉତ୍ତର ଓଡ଼ିଶାର ଅଧିକ ଅଞ୍ଚଳରେ ବର୍ତ୍ତମାନ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଯାଜପୁରଠାରୁ ଆରମ୍ଭ କରି ଭଦ୍ରକ, କେନ୍ଦୁଝର, ବାଲେଶ୍ୱର ଆଦି ଜିଲ୍ଲାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଆଖୁଆପଦାରେ ବୈତରଣୀ ଓ ରାଜଘାଟରେ ସୁବର୍ଣ୍ଣରେଖା ବିପଦ ସଂକେତ ଉପରେ ଅଛି। ଆସନ୍ତାକାଲି ବିପଦ ସଂକେତ ତଳକୁ ଖସିବାର ଆଶା କରାଯାଉଛି। ହେଲେ ଜାମସୋଲା ଘାଟରେ ବର୍ଷା ଯୋଗୁଁ ରାଜଘାଟଠାରେ ସୁବର୍ଣ୍ଣରେଖା ବଢିବ। ଯାଜପୁର ଦଶରଥପୁର ନିକଟରେ କାଣୀ ନଦୀରେ ଘାଇ ହୋଇଛି। ପାଣି କମିଲେ ମରାମତି କାମ ଆରମ୍ଭ ହେବ। ହୀରାକୁଦର ୧୨ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ଉପରମୁଣ୍ଡରୁ ୨.୧୧ ଲକ୍ଷ କ୍ୟୁସକ ଜଳ ପ୍ରବେଶ କରୁଥିବା ବେଳେ ୨.୨୨ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରେଙ୍ଗାଲିରେ ୯୩ ପ୍ରତିଶତ ପାଣି ଭରିବାରୁ ଡ୍ୟାମ ଉପରେ ନଜର ରହିଛି। ସେଠାରେ ଦୁଇଟି ଗେଟ ଖୋଲା ଅଛି। ଆବଶ୍ୟକ ପଡିଲେ ରେଙ୍ଗାଲିର ଆଉ ଏକ ଗେଟ ଖୋଲା ହେବ। ମୁଣ୍ଡଳୀରେ ୧.୮୪ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ଭୋଗରାଇ, ବସ୍ତା, ବାଲିଆପାଳ ପ୍ରଭାବିତ ହୋଇଛି। ବୈତରଣୀ ଯୋଗୁଁ ଯାଜପୁର, ଦଶରଥପୁର ଓ ଭଦ୍ରକ ଜିଲ୍ଲାର ଧାମନଗର ପ୍ରଭାବିତ ହୋଇଛି।

ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଅଗଷ୍ଟ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ଉତ୍ତର ବଙ୍ଗୋପସାଗରରେ ଘଣ୍ଟାପ୍ରତି ୪୦-୬୦ କିଲୋମିଟର ବେଗରେ ପବନ ବହିବା ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିବ। ଏଥିପାଇଁ ସମୁଦ୍ର ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ରାୟଗଡା, କନ୍ଧମାଳ,ଗଜପତି ଓ ନୟାଗଡ଼ ଜିଲ୍ଲାରେ ବର୍ଷା ପବନ ପ୍ରଭାବରେ ଫସଲକୁ କ୍ଷତି ପହଞ୍ଚାଇପାରେ। ମାଟିକାନ୍ଥ କ୍ଷତିଗ୍ରସ୍ତ ହୋଇପାରେ। ବିଦ୍ୟୁତ୍ ଏବଂ ଯୋଗାଯୋଗ ଲାଇନର ସାମାନ୍ୟ କ୍ଷତି, କଚ୍ଚା ରାସ୍ତା କ୍ଷତି ଏବଂ ପକ୍କା ରାସ୍ତାର ସାମାନ୍ୟ କ୍ଷତି ହେବାର ସମ୍ଭାବନା ଥିବାରୁ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

### କାଣୀ ନଦୀରେ...

ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ବୈତରଣୀ ନଦୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଯୋଗୁଁ ଦଶରଥପୁର ବ୍ଲକର ୧୩ଟି ଓ ଯାଜପୁର ବ୍ଲକର ୧ଟି ରିଲିଫ ସେଣ୍ଟର୍ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ବନ୍ୟା ବିପନ୍ନମାନଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ ସହିତ ୨ଟି ମେଡିକାଲ ଟିମ୍ ଓ ୯ଟି ଭେଟେରୀନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୨ଟି ଓଡ୍ରାଫ୍ ଓ ଗୋଟିଏ ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ବିଜେପି ନେତା ଗୌତମ ରାୟ ପ୍ରମୁଖ ପହଞ୍ଚି ବନ୍ୟା ବିପନ୍ନମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି।

### ନବୀନଙ୍କୁ ଭେଟିଲେ...

ଅବଗତ କରାଇଥିଲେ। ଉଭୟଙ୍କ ମଧ୍ୟରେ ଆଲୋଚନା ବନ୍ଧୁତ୍ୱପୂର୍ଣ୍ଣ ଏବଂ ଅନୌପଚାରିକ ରହିଥିଲା ବୋଲି ଜଣାପଡ଼ିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ଆଶୁ ଆରୋଗ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି।

### ଓଡ଼ିଶା ହେବ ଦେଶର...

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସୂଚନା ଅନୁସାରେ ଓଡ଼ିଶା ଆଇଟି ନୀତି ୨୦୨୫ ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପିତ କରିବାକୁ ଉଦ୍ଦିଷ୍ଟ। ଏଥିରେ ଆଇଟି/ଆଇଟିଇଏସ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା ହୋଇଛି। ନିବେଶ ଆକର୍ଷିତ କରିବା ପାଇଁ ଏହି ନୀତି ପୁଞ୍ଜି ଏବଂ ସୁଧ ସବସିଡି, ଜମି ଏବଂ ଭଡା ସହାୟତା ଏବଂ ଏସଜିଏସଟି ପୁନଃପୈଠ ଭଳି ବ୍ୟବସାୟ ଅନୁକୂଳ ପ୍ରୋତ୍ସାହନ ପ୍ରଦାନ କରିବ। ସେହିପରି ଅତିରିକ୍ତ ସୁବିଧା ଗୁଡ଼ିକ ମଧ୍ୟରେ ଉପଯୋଗିତା ଚାର୍ଜ ଛାଡ଼, ମାର୍କେଟିଂ ସହାୟତା, ପେଟେଣ୍ଟ ପଞ୍ଜୀକରଣ ପ୍ରୋତ୍ସାହନ ଏବଂ ଦକ୍ଷତା ବିକାଶ, ଉତ୍କର୍ଷ କେନ୍ଦ୍ର, କୁଲ ଲ୍ୟାଣ୍ଡିଂ ଷ୍ଟେସନର ବିକାଶ ପାଇଁ ସହାୟତା, ବୃହତ୍ ଏବଂ ମେଗା ଆଇଟି ନିବେଶ ପାଇଁ ପ୍ରୋତ୍ସାହନ ଆଦି ରହିଛି। ଏହି ନୀତିର କାର୍ଯ୍ୟକାରିତା ପାଇଁ ଏକ ପଲିସି ଆଡଭାଇଜରୀ ଏବଂ ଭିଜନ ଗ୍ରୁପ କାର୍ଯ୍ୟ କରିବ ।

ସେହିପରି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର(ଓକାକ୍) ଏହାର ନୋଡାଲ ଏଜେନ୍ସି ଭାବରେ କାର୍ଯ୍ୟ କରିବ ଏବଂ ଇ ଆଣ୍ଡ ଆଇଟି ବିଭାଗ ଏହାର ନିୟମିତ ସମୀକ୍ଷା କରିବ। ଅନ୍ୟପକ୍ଷରେ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକଚରିଂ ନୀତି-୨୦୨୫ରେ ଉଚ୍ଚ-କୁଶଳୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଆମଦାନୀ ହେଉଥିବା ଯନ୍ତ୍ରାଂଶ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ପରିଯୋଜନା (ଇସିଏମଏସ) ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତାର ସମତୁଲ ସହାୟତା ପ୍ରଦାନ କରିବା ଏହାର ପ୍ରମୁଖ ଲକ୍ଷ୍ୟ । ନିବେଶକମାନେ ପ୍ରଥମ ୧୦ଟି ମେଗା ପ୍ରକଳ୍ପ ପାଇଁ ୫୦ ପ୍ରତିଶତ ପୁଞ୍ଜି ସବସିଡି କିମ୍ବା ଟର୍ଣ୍ଣଓଭର ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବସିଡି ଦ୍ୱାରା ପରିପୂରକ ସବସିଡି ମଧ୍ୟରୁ ଗୋଟିଏ ଚୟନ କରିବେ। ଏହି ଯୋଜନା ଜମି ଆବଣ୍ଟନ, ଭଡା ସହାୟତା, ବିଦ୍ୟୁତ୍ ଶୁଳ୍କରେ ୧୦ ବର୍ଷର ଛାଡ଼ ଏବଂ ବିଦ୍ୟୁତ୍ ଶୁଳ୍କ ପ୍ରତିପୂର୍ତ୍ତି ମାଧ୍ୟମରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରାଯିବ, ଯାହା ପ୍ରକଳ୍ପ ନିବେଶର ୭୫ ପ୍ରତିଶତ ମଧ୍ୟରେ ସୀମିତ ରହିବ। ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କିମ୍ବା ୧୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ମେଗା ପ୍ରକଳ୍ପଗୁଡ଼ିକ ପାଇଁ ମଧ୍ୟ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ଅପରପକ୍ଷରେ ରାଜ୍ୟ ଲୋକସେବା ଆୟୋଗରେ ୩ ଜଣ ସଦସ୍ୟ ଉଦୟ ନାରାୟଣ ଦାସ, ମିହିର ପ୍ରସାଦ ମିଶ୍ର ଓ ମନୋଜ କୁମାର ମହାନ୍ତିଙ୍କ ନିଯୁକ୍ତିକୁ କ୍ୟାବିନେଟ୍ ଅନୁମୋଦନ କରିଛି।

## ଚାଷୀଙ୍କୁ ସାର ଯୋଗାଇବାରେ ସରକାର ବିଫଳ

# ରାଜରାସ୍ତାରେ ଚାଷୀଙ୍କ ପ୍ରତିବାଦ

ମାଲକାନଗିରି, ୨୫।୮ (ସମିସ): ସାରା ରାଜ୍ୟରେ ବର୍ତ୍ତମାନ ଚାଷୀଙ୍କ ମୁଣ୍ଡରେ ସାର ପାଇଁ ଚଡ଼କ ପଡିଛି। ଚାଷ କାର୍ଯ୍ୟ ଚାଲୁଥିବା ବେଳେ ୟୁରିୟା ସାର ପାଇଁ ଚାଷୀ ବ୍ୟାକୁଳ ହୋଇପଡିଛି। ସାର ଯୋଗାଇବା ଦାୟିତ୍ୱ ରାଜ୍ୟ ସରକାରଙ୍କର ହୋଇଥିବା ବେଳେ ଚାଷୀଙ୍କୁ ସଠିକ ପରିମାଣର ସାର ମିଳୁନି। ତେଣୁ ଧାନ ସମେତ ବିଭିନ୍ନ ଫସଲ ନଷ୍ଟ ହେବା ଆଶଙ୍କା କରୁଛି ଚାଷୀ। ବାରମ୍ବାର ଅନୁରୋଧ



ସତ୍ତ୍ୱେ ସାର ମିଳୁ ନଥିବାରୁ ରାଜରାସ୍ତାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଚାଷୀ। ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି।

ମାଲକାନଗିରି ଜିଲ୍ଲାରେ ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଚାଷୀ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆଜି ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଶିଖପାଲି ଛକରେ ରାସ୍ତାରୋକ କରଯାଇଥିଲା। ଶତାଧିକ ପୁରୁଷ ଓ ମହିଳା ଚାଷୀ ଉପସ୍ଥିତ ହୋଇ ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ବିକ୍ଷୋଭ କରିବାରୁ ମାଲକାନଗିରି ଠାରୁ ମୋଟୁକୁ ୩୨୬ ନମ୍ବର ଜାତୀୟ ରାଜପଥ ଦେଇ ଯାତାୟତ ଠପ୍ ହୋଇଯାଇଥିଲା। ନବ ନିର୍ମାଣ କୃଷକ ସଂଗଠନର ସଭାପତି ଏରା ପଡିଆମୀଙ୍କ ନେତୃତ୍ୱରେ ଶିଖପାଲୀ, ଗୋରାଖୁଣ୍ଟା, ତଣ୍ଡାପାଲି, ମାଟାପେକା, ବଦଲି, ମାନ୍ଦାପାଲୀ, ଚାଲାଣଗୁଡା, ତଣ୍ଡିକି ଭଳି ମୋଟ ୮ଟି ପଞ୍ଚାୟତର ୧ ହଜାରରୁ ଅଧିକ ମହିଳା ଓ ପୁରୁଷ ଚାଷୀ ଏହି ବିକ୍ଷୋଭ କରିଥିଲେ। ଚାଷୀଙ୍କୁ ରିହାତି ମୂଲ୍ୟରେ ତୁରନ୍ତ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବା ପାଇଁ ଦାବି କରି ସକାଳ ୧୦ଟା ଠାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଷୀ ରାସ୍ତାରୋକ କରିଥିଲେ। ଘଟଣା ସ୍ଥଳରେ ମାଲକାନଗିରି ତହସିଲଦାର ବିଶ୍ୱ ରଞ୍ଜନ ବିଶ୍ୱାସ, ଥାନା ଅଧିକାରୀ ରିଗାନ କିଣ୍ଡୋ ଓ ଅନ୍ୟାନ ଅଧିକାରୀ ପହଞ୍ଚି ଚାଷୀ ମାନଙ୍କୁ ବୁଝାଇ ଆସନ୍ତା ୧୦ ଦିନ ମଧ୍ୟରେ ସାର ସମସ୍ୟାକୁ ଦୂର କରାଯିବ ଓ ସମସ୍ତ ଚାଷୀଙ୍କୁ ସାର ମିଳିବ ବୋଲି ପ୍ରତିଶୃତି ଦେଇଥିଲେ। ଏଭଳି ଚିତ୍ର ଜିଲ୍ଲାରେ ନୀତିଦିନିଆ ହୋଇଥିବା ବେଳେ ପୂର୍ବରୁ କାଲିମେଳା, ପଡିଆ, ମାଥିଲି, କୋରକୁଣ୍ଡା, ଖଇରପୁଟ ଭଳି ବିଭିନ୍ନ ସ୍ଥାନରେ ୟୁରିଆ ସାରର ଘୋର ଅଭାବ ଯୋଗୁଁ ଚାଷୀ ହତାଶ ହୋଇ ପଡିଥିବା ଦେଖିବାକୁ ମିଳିଛି। ପ୍ରତିଦିନ ବିଭିନ୍ନ ଲ୍ୟାମ୍ପସ ଓ ସାର ଦୋକାନ ସମ୍ମୁଖରେ ଶହ ଶହ ଚାଷୀ ସାର ପାଇଁ ଖରା ବର୍ଷାରେ ଲମ୍ବା ଲାଇନ୍‌ରେ ଛିଡା ହୋଇଥିବାର ଦେଖିବାକୁ ମିଳୁଛି। ତେବେ ସରକାର ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସ୍ଥିତି ଅଣାୟତ୍ତ ହୋଇପଡ଼ିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।


GOVT. OF ODISHA
O-653
OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR
e-mail ID :- eerwrairangpur@yahoo.com
" e " procurement notice for Building works
Bid Identification No- RWDRRP-07 of 2025-26

1. Name of the work : Maintenance of building & periodical maintenance for the year 2025-26
2. Estimate Cost : Rs.1.68 lakhs 8.40 lakhs (approximately)
3. Class of Contractor : "D" & "C" Class or relevant of works license.
4. Period of Completion : 01 (One) calendar months
5. Tender Paper Cost : As per Annexure

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur. | RWDRRP-07/2025-26 | 27.08.2025 at 11.00 A.M. | 08.09.2025 Up to 5.00 P.M. | 06.09.2025 Up to 5.00 P.M. | 09.09.2025 at 11.30 A.M |

Further details can be seen from the website www.tendersodisha.gov.in
-Sd-
Er. Sanjeet Naik
Executive Engineer,
R.W. Division, Rairangpur.
OIPR-25107/11/0027/2526



**Notice**
(Above 18 years of age)
By Virtue of an Affidavite sworn before the Notary Public, Udala, Mayurbhnaj, dated 25-08-2025 I, Samita Behera, Address At-Murali, Po- Kamali, Ps- Khunta, Dist- Mayurbhanj, Pin- 757075 declare that I have changed my name Sasmita Behera to Samita Behera. Henceforth I shall be known as Samita Behera for all purposes.
Samita Behera

**AFFIDAVIT**
I, Sujit Kumar Prashad S/o Late Shiv Kumar Prasad, Resident of At-New Colony, Weigh Bridge Road, PO/PS-Barbil, Dist-Keonjhar, PIN-758035, Odisha declare by this affidavit No.4666 dtd 22.08.2025 that now onwards I shall be known as **SUJIT KUMAR PRASAD** for all future purposes

**AFFIDAVIT**
By virtue of an affidavit sworn before Smt. Suchitra Majhi, O.R.S., Executive Magistrate, Puri, dated 11.8.20 25 I AKSHAYA KUMAR NAYAK, of Vill. Khandiabandha, P.O. Gopinathpur P.S.Puri sadar, Dist. Puri, Odisha-75 200 2 declare that, I have changed my name from AKHAYA NAYAK to AKSHAYA KUMAR NAYAK. Henceforth, I shall be known as **AKSHAYA KUMAR NAYAK** for all purposes.

**AFFIDAVIT**
I, Rahul Behera, aged about 22 years, S/o.: Shri Sagar Kumar Behera, PAN-GEAPB3558C and AADHAR- 242145571804, Resident of Flat No.: B-203, Satyam Tower, Bomikhal, Bhubaneswar, Dist.: Khurda, PIN-751010 declare by this affidavit No.: 21677, dated: 02.08.2025 that now onwards I shall be known as Rahul Behera instead of **Rahul Sagar Behera** for all future purposes.

**AFFIDAVIT**
I, Akshaya Kumar Behera S/o Late Kanhu Charan Behera, Resident of At-Manalapur, PO-Dehudianandapur, Via / PS - Dhamnagar, Dist- Bhadrak, PIN-755006, Odisha declare by this affidavit No.8223 dtd 22.08.2025 that now onwards I shall be known as **AKSHAYA BEHERA** for all future purposes.

**AFFIDAVIT**
By virtue of an affidavit sworn before Smt.Suchitra Majhi 0.A.S., Executive Magistrate, Puri, dated 20.08.20 25 I, BHIMA BHARIA, At: Uttaresarapada, 2.0. Birahare krushnapur, P.S.Puri Sadar, Dist. Puri, Odisha-752002, declare that I have changed my name from INDRAMANI BHARIA to BHIMA BHARIA. Henceforth, I shall be known as **BHIMA BHARIA** for all purposes.

**AFFIDAVIT**
By virtue of an affidavit before Executive Magistrate, Khordha I Rukuni Pattanaik W/o-Amiya Kumar Pattanaik At/Po-Bankoi, PS-Bolagarh, Dist- Khordha instead of Rukmini Pattanaik vide Affidavit No. 2205/ Dt.25.08.2025. Henceforth I shall be known as **Rukuni Pattanaik** for all purposes.

**AFFIDAVIT**
By virtue of an Affidavit Sworn Before THE EXECUTIVE MAGISTRATE, Brahmagiri DIST,Puri , Dated 21/08/2025 I Sarat Jena, Address Vill-Po - Chapamanik, Ps.: Brahmagiri, Dist.: Puri, Odisha, Pin-752011 declare that I have changed my son's name from Sabyasachi Jena (old name) to Aryan Jena, (new name). Henceforth, he shall be known as ARYAN JENA (new name) for all purposes.
Sarat Jena

**AFFIDAVIT**
I, SHUSHILA BEHERA, resident of Vill. At-Rambha Bangala Road, PO /PS.- Rambha, Dist-Ganjam, State- Odisha, Pin- 761028 declare by this affidavit No- A/5, Dated 07/08/2025, that now onwards I shall be known as SUSILA BEHERA for all future purposes.

**AFFIDAVIT**
I, Gajendra Pentohi, aged about 55 years, S/o-Parshuram Penthoi, resident of At-Narasinghpur, Dist-Nayagarh, Odisha, Pin-752026 declared by this affidavit No. 1738, dtd-25/08/2025 that now onwards I shall be known as **GAJENDRA PENTHOI** for all future purposes.

## ସୁବର୍ଣ୍ଣରେଖା ନଦୀରେ ବନ୍ୟା ବିପ୍ଳବ

# ଶହେ ଗାଁ ଓ ୧୫ ହଜାର ହେକ୍ଟର ଚାଷଜମି ଜଳମଗ୍ନ





ବାଲେଶ୍ୱର/ଭୋଗରାଇ/ବାଲିଆପାଳ, ୨୫।୮ (ସମିସ)

ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଗାତାର ଲଘୁଚାପ ଜନିତ ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡ ଅବବାହିକା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ଉତ୍ତରାଂଚଳରେ ବିଗତ ତିନି ମାସ ମଧ୍ୟରେ ଷଷ୍ଠ ଥର ପାଇଁ ବଡ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜଳେଶ୍ୱର ନିକଟରେ ରାଜଘାଟ ଲେଭେଲ ଷ୍ଟେସନର ନଦୀ ଜଳସ୍ତର ସୂଚନାଙ୍କଠାରେ ସୁବର୍ଣ୍ଣରେଖାର ବନ୍ୟାଜଳ କମିଥିଲେ ବି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସୋମବାର ରାତି ୮ଟା ସୁଦ୍ଧା ଜଳସ୍ତର ୧୦.୫୫ମିଟର ଥିବା ବେଳେ ଉପରମୁଣ୍ଡରେ ପୁଣି ବର୍ଷା ହେଉଥିବାରୁ ଏହା କ୍ରମଶଃ ବଢିବାର ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ସକାଳ ୭ଟା ସୁଦ୍ଧା ଏହି ଜଳସ୍ତର ୧୦.୬୫ମିଟରରେ ପହଂଚିବା ସମ୍ଭାବନା ରହିଛି। ରାଜଘାଟ ଠାରେ ସୁବର୍ଣ୍ଣରେଖାର ସତର୍କ ସୂଚନା ୯.୪୫ ମିଟର ଓ ବିପଦ ସଙ୍କେତ ୧୦.୩୬ ମିଟର ରହିଛି। ସୋମବାର ଦିନ ତମାମ ଜଳସ୍ତର ବିପଦ ସଙ୍କେତ ଉପରେ ସ୍ଥିର ଥିବା ବେଳେ ମଙ୍ଗଳବାର ମଧ୍ୟ ଏହି ସ୍ଥିତି ଜାରି ରହିବା ନେଇ ସୂଚନା ମିଳିଛି। ଅନ୍ୟପକ୍ଷରେ ମୟୂରଭଞ୍ଜ ଜିଲ୍ଲାର ଜାମଶୋଳାଘାଟରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୪୯.୧୬ ମିଟର ଥିବା ବେଳେ ସୋମବାର ରାତି ୮ଟା ସୁଦ୍ଧା ଏହା ୫୦.୫୬ମିଟରରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ସୂଚନା ମିଳିଛି।

ଏହି ବନ୍ୟା ଫଳରେ ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇ ପ୍ରଭୃତି ବ୍ଲକ ଅନ୍ତର୍ଗତ ୧୧୪ଟି ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ଜଳେଶ୍ୱର ପୌରାଂଚଳର ତଳିଆ ଅଞ୍ଚଳ ସମେତ ବ୍ଲକର ଦେବକୁମାର ପଞ୍ଚାୟତର ଦଳେଇସାହି, ମୁଖସାହି, ପାଟଣାସାହି, ଦକ୍ଷିଣ ଦଳେଇସାହି, ମଂଗଳାସାହି, ନାୟକସାହି, ସାତଘରିଆସାହି, ପଶ୍ଚିମବାଡ ପଂଚାୟତର କିସମତ ପଶ୍ଚିମବାଡ, ନମକନା, ଖୁକିସାହି, ଝାଡ଼ପିମ୍ପଳ ପଂଚାୟତର ଚଡନମକନା, କଂଟାପାଳ, ବାଇଗଣବାଡିଆ, ଛୋଟଖାନପୁର, ପାଳସାହି, ନମକନା ମୁଖୀସାହି, ପାଇକସିଦା ପଂଚାୟତର ଉତ୍ତରପଡ଼ା, ଚିତମିଶ୍ରା, ବାଲିକବାଡ, ଖଳାବାଡିଆ, ଗସାହି, ରାୟାରାମଚନ୍ଦ୍ରପୁର ପଂଚାୟତର ବାଘମାରୀ ମେଳକସାହି, ଏକତାଳି, ଆଦିବାସି ସାହି, ରାୟାଁସାହି, କୋଟସାହି ପଂଚାୟତର ବଂଗା, ପାଟଣାସାହି, ଗୋବର୍ଦ୍ଧନପୁର, ମହମ୍ମଦନଗରପାଟଣା ପଂଚାୟତର ଚାଲନ୍ତି, ମାକିଡିଆ ପଂଚାୟତର ଗୋପାଳପୁର, କୁଆଁରପୁର, ଓଲମରା ପଂଚାୟତ, ଶିଖରପୁର ପଂଚାୟତର ସୁଖଦୁଖିଆ, ମହୁଲିଆ, ଶ୍ରୀରାମପୁର ପଂଚାୟତର ମଳିପାଳ, ପେଣ୍ଡରାସାହି ପ୍ରଭୃତି ଗ୍ରାମରେ ବନ୍ୟାଜଳ ମାଡି ଯାଇଥିବା ସୂଚନା ମିଳିଛି। ସେହିପରି ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଂଚାୟତର ସମସ୍ତ ଗ୍ରାମ ସହିତ ଚୌଧୁରୀକୁଦ, ଚଡବସ୍ତକାଳରୁଇ ଓ କୁଦମାନସିଂହ ଓ ସୁଙ୍ଗମୁହଁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଚୌଧୁରୀକୁଦ ରାସ୍ତା ଉପରେ ୩ ଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଜାମକୁଣ୍ଡା ପଂଚାୟତର ଜାମକୁଣ୍ଡା, କୁହ୍ଲାଚଡ, ତାଳପଦା, ଲଖପାଳ, ବାଲିଆପାଳ ପଂଚାୟତର ତଳବାଲିଆପାଳ, ଗୁନାପୁର, ଆଠବାଟିଆ, ସୁଙ୍ଗମୁହଁ, କୁଦମାନସିଂ, ବିଷ୍ଣୁପୁର ପଂଚାୟତର ବିଷ୍ଣୁପୁର, ରସଲପୁର, ନାୟବାଲି, ଇକଡପଳ, ରାଉତୁରାପୁର, ମଧୁପୁରା ପଂଚାୟତର ଚୌଧୁରୀକୁଦ, ଅସ୍ତି ପଂଚାୟତର ବଡ଼ାପାଳ, ପାରଦୀପା, ଶରଦାରସାହି, ଅସ୍ତି, ବଡଖାନପୁର, ପାଳଚମ୍ପେଇ, ନିଖିରା, ପଂଚାୟତର ପାଳପଡା, ଚଡପାଳପଡା, କୁମ୍ଭାରୀ ପଂଚାୟତର ନୂଆସାହି, ଗୁଆପଡା, ରାଇଢେଙ୍କ ଓ ଝଲଝଲିଆ ପ୍ରଭୃତି ଗ୍ରାମ ବନ୍ୟା ପାଣି ଘେରରେ ରହିଛି। ପଡା-ଚଡ ପାଳପଡା, ପାରୁଳିଆ-ପାଳଚମ୍ପେଇ, ଫଟୁରୁଖ-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଅନୁରୂପ ଭାବେ ଭୋଗରାଇ ବ୍ଲକ ଅଧିନ ଆରୁହାବୃତି-୧ ପଂଚାୟତର ମନୁନଗର, ନଥିପୁର, ଆରୁହାବୃତି, ବାରବାଟିଆ, ହରିଣକୁଲି, ଖରିଦପିପଳ ପଂଚାୟତର ଆରୁହା ବୃତି-୨, ଖରିଦପିପଳ, ନାଚିନ୍ଦା ପଂଚାୟତର ମହମ୍ମଦପୁର, ଜଳଧା, ବାଗ, ଖରିଦଚକ, ରଘୁଚକ, ନିଶ୍ଚିନ୍ତଡିହା, ନାଚିନ୍ଦା, ଡେଉଁର, କୁସୁଡ଼ା ପଂଚାୟତର ଗୁଜଡିହା, କୁସୁଡ଼ା, ଚକ ଗୁଜଡିହା, ଗବଗାଁ ପଂଚାୟତର ଚିରକୁଲା, ଗବଗାଁ, କୃଷ୍ଣପୁର, ଦୋବାଡ଼ିଆ, କୁମ୍ଭାରଗଡ଼ି ପଂଚାୟତର ବାଡଁସଖଣା, କୁହ୍ଲା, ଅଡଙ୍ଗ ପନ୍ତେଇ, କୁମ୍ଭାରଗଡ଼ି ପ୍ରଭୃତି ଗ୍ରାମ ସହିତ ପୁଟିଣା, ଦାରୁହା, କରୁଆଡ଼ି, କୁଳିଦା, ମହାଗବ ପ୍ରଭୃତି ପଂଚାୟତର ଅନେକ ଗ୍ରାମରେ ପୁଣି ଥରେ ବନ୍ୟାଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଭୋଗରାଇ ବ୍ଲକର ନାଚିନ୍ଦା - ବାରବାଟିଆ ପ୍ରଧାନମନ୍ତ୍ରୀ ସଡ଼କ, ବାହାର୍ଦ୍ଧା - ଚିରକୁଲା ସଡ଼କର ଅନେକ ଅଂଶ ଜଳରେ ବୁଡିଯାଇଥିବା ଜଣାପଡ଼ିଛି। ପୂର୍ବର ପାଂଚ ଥର ବନ୍ୟାରେ ଏକର ଏକର ଧାନ ଚାଷ ନଷ୍ଟ ହୋଇଥିଲା ବେଳେ କେତେକ ଚାଷୀମାନେ ସାହାସ ବାନ୍ଧି ପୁଣି ଥରେ ତଳି ପକାଇଥିଲେ। ଅନେକ ଚାଷୀ ବାହାରୁ ଚଢ଼ା ଦରରେ ତଳି କିଣି ଜମିରେ ରୋପଣ କରିଥିଲେ। ଚଳିତ ବନ୍ୟାରେ ସେହି ସବୁ ଜମି ବନ୍ୟା ପ୍ଲାବିତ ହୋଇଥିବାରୁ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ପୂର୍ବରୁ ତଳିଆ ଅଂଚଳରେ ସଂଖ୍ୟାଧିକ ଲୋକଙ୍କ ଝାଟିମାଟି ଘର ଲୋପ ପାଇ ଯାଇଥିଲା ବେଳେ ସହାୟତା ନାମରେ ଏଯାବତ ଖଣ୍ଡିଏ ପଲିଥିନ ମଧ୍ୟ ମିଳି ପାରିନଥିବା ଅଭିଯୋଗ ହୋଇଛି। ଆରୁହାବୃତି ପଂଚାୟତର ମନୁନଗର, କୁମ୍ଭାରଗଡି ପଂଚାୟତର ବାଡଁଶଖଣା ଓ କୁହ୍ଲା, ଜୟରାମପୁର ପଂଚାୟତର ନାନକାର ଗାଁ ରେ ତଳିଆ ସ୍ଥାନରେ ରହୁଥିବା ଲୋକଙ୍କୁ ପ୍ରଶାସନ କେବଳ ଉଚ୍ଚ ସ୍ଥାନ, ବାତ୍ୟା ଆଶ୍ରୟସ୍ଥଳି ଅଥବା ବିଦ୍ୟାଳୟଗୁଡିକରେ ଆଶ୍ରୟ ଦେଇ ରନ୍ଧା ଖାଦ୍ୟ ବିତରଣ କରୁଥିବା କହୁଥିବା ବେଳେ ଆହୁରି ଅନେକ ଗାଁରେ ଲୋକେ ଜଳଘେର ମଧ୍ୟରେ ଜୀବନ ବିତାଉଥିବା ଜଣାପଡିଛି। କେବଳ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ଦେଇ ପ୍ରଶାସନ ଦାୟିତ୍ୱ ସାରିଦେଇଥିବା ଆରୋପ ଉଠିଛି। ଚଳିତ ବନ୍ୟାରେ ଉପରମୁଣ୍ଡରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଅମାବାସ୍ୟା ପ୍ରଭାବରେ ବନ୍ୟା ପାଣି ସମୁଦ୍ରକୁ ସହଜରେ ନିଷ୍କାସନରେ ବିଳମ୍ବିତ ହେଉଥିବା ଜଣାପଡିଛି। ସେଥିପାଇଁ ବନ୍ୟା ପରିସ୍ଥିତି ସୁଧୁରିବା ପରିବର୍ତ୍ତେ କ୍ରମଶଃ ଜଟିଳ ହେଉଥିବା ପ୍ରବାବିତ ଅଂଚଳର ଲୋକେ କହିଛନ୍ତି। କ୍ରମାଗତ ୬ଟି ବନ୍ୟାକୁ ସମ୍ମୁଖୀନ କରିବା ପରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ମୁକବିଲା ବ୍ୟାପକ ପ୍ରସ୍ତୁତି ନିଆଯାଉଥିବା କୁହାଯାଉଥିଲେ ବି ତାହା ସମୁଦ୍ରକୁ ଶଙ୍ଖେ ପରି ହୋଇଛି। ଜିଲ୍ଲାପାଳ ପ୍ରଭାବିତ ବ୍ଲକର ତହସିଲଦାର, ବିଡିଓ ତଥା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ କ୍ଷେତ୍ର ପରିଦର୍ଶନ ସହ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ସମ୍ପ୍ରତି ଅଧିକ କ୍ଷତି ଆଶଙ୍କା ଥିବା ଅଂଚଳରେ ଏସଆରସିଙ୍କ ପ୍ରଦତ୍ତ ୨୨ଟି ବୋଟ୍ ନିୟୋଜିତ କରାଯାଇଛି। ପ୍ରଭାବିତ ଅଂଚଳରେ ୬ଟି ଓଡ୍ରାଫ ଓ ୬ଟି ଅଗ୍ନିଶମ ଟିମ୍ ନିୟୋଜିତ କରାଯାଇଚି। ପ୍ରତ୍ୟେକ ବ୍ଲକକୁ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କୁ ୨୪ଘଂଟିଆ ସଜାଗ ରଖାଯାଇଥିବା ବେଳେ ସମସ୍ତ ଲାଇନ ଡିପାର୍ଟମେଂଟ କର୍ମଚାରୀଙ୍କ ଛୁଟି ବାତିଲ ସହ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ନିୟୋଜିତ କରାଯାଇଛି। ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର ସହ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି।

## ରେଭେନ୍ୟୁ ଡିଭିଜନାଲ କମିଶନରଙ୍କ ବନ୍ୟା ସମୀକ୍ଷା



ବାଲେଶ୍ୱର,୨୫।୮ (ସମିସ): ସୋମବାର ରେଭେନ୍ୟୁ ଡିଭିଜନାଲ କମିଶନର ସେଣ୍ଟ୍ରାଲ ଡିଭିଜନ ଗୁହା ପୁଣମ ତପସ କୁମାର, ଜିଲ୍ଲାର ଏକ ଦିନିଆ ଦୌରାରେ ବାଲିଆପାଳ ବ୍ଲକ୍‌ର ବନ୍ୟାପୀଡିତ ମଧୁପୁରା ଓ ଚୌଧୁରୀକୁଡ ଅଞ୍ଚଳକୁ ଯାଇ ପରିସ୍ଥିତିର ସମୀକ୍ଷା କଲେ। ସେଥିରେ ସ୍ଥାନୀୟ ବାସିନ୍ଦା ଓ ପିଆରଆଇ ସଦସ୍ୟମାନଙ୍କ ସହିତ ଆଲୋଚନା କରି, ଭୂମି ସ୍ତରରେ ପରିସ୍ଥିତି ଯାଞ୍ଚ କରିଥିଲେ। ଜିଲ୍ଲାପାଳ ବାଲେଶ୍ୱର, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ବାଲେଶ୍ୱର ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ସମସ୍ତ ପ୍ରଭାବିତ ଅଞ୍ଚଳ ସମ୍ବନ୍ଧରେ ବିସ୍ତୃତ ଭାବରେ ସମୀକ୍ଷା ହୋଇଥିଲା। ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱରର ୨୬ଟି ଗ୍ରାମପଞ୍ଚାୟତ୍ ବାନ୍ୟାରେ ପ୍ରଭାବିତ ହୋଇଛି, ୧୧୪ ଟି ଗ୍ରାମ ପାଣି ଘେରରେ ରହିଛି। ୧୩ଟି ସ୍ଥାନରେ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ଆର୍ ଡବ୍ଲ୍ୟୁ ଏସ ଏସ ପକ୍ଷରୁ ୩ଟି ମୋବାଇଲ୍ ଟିମ୍ କାମ କରୁଛି। ୧୫,୦୦୦ରୁ ଅଧିକ ପାଣି ବୋତଲ ବଣ୍ଟନ ସହିତ ୩ଟି ଜଳବାହି ଟ୍ୟାଙ୍କର୍ ମଧ ଲାଗିଥିବାବେଳେ ପ୍ରଭାବିତ ଅଞ୍ଚଳରେ ବ୍ଲିଚିଂ ପାଉଡର ଚିଞ୍ଚା ଯାଇଛି। ୩୦ କୁଇଣ୍ଟାଲ ଚୁଡ଼ା ସାଙ୍ଗକୁ ୩ କୁଇଣ୍ଟାଲ ଗୁଡ଼ ବଣ୍ଟାଯାଇଛି। ଭୋଗରାଇ ଓ ବାଲିଆପାଳ ବ୍ଲକ ରେ ପଶୁ ଚିକିତ୍ସା ଶିବିର ଆୟୋଜନ କରାଯାଉଛି। ସେଥିସହିତ, ବନ୍ୟା ପୀଡିତ ଅଞ୍ଚଳ ଗୁଡିକରେ ସ୍ୱାସ୍ଥ୍ୟ ଶିବିର ମଧ ଚାଲିଛି, ଯାହାଦ୍ୱାରା ପୀଡିତ ମାନଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ପ୍ରଦାନ କରାଯାଉଛି। ୨୨ଟି ଏସ ଆର୍ ସି ବୋଟ ନିୟୋଜିତ ଥିଲା ବେଳେ ୫ଟି ଓଡ୍ରାଫ ଟିମ୍ ସାଙ୍ଗକୁ ୬ ଟି ଫାୟର ଟିମ୍ ଭୋଗରାଇ ଓ ବାଲିଆପାଳ ର ବିଭିନ୍ନ ସ୍ଥାନରେ ନିୟୋଜିତ ରହିଛି ବୋଲି କୁହାଯାଇଛି।

## ବେଆଇନ ପାର୍କିଂ ଗାଡ଼ିରୁ କଟାଗଲା ଚାଲାଣ

ସୋର,୨୫।୮ (ସମିସ): ସୋର ବରଫକଳ ଛକ ଠାରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଗାଡି ଗୁଡିକୁ ପାର୍କିଂ କରାଯାଉଛି। ଯାହା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ମାନ ଘଟି ଧନ ଜୀବନ କ୍ଷତି ହେଉଛି। ବିଶେଷ କରି ସୋର ବରଫକଳ ଛକ ନିକଟରେ ନୂତନ କରି ହୋଇଥିବା ପୋଲ ତଳେ ବେଆଇନ ପାର୍କିଂ କାରଣରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧକୁ ସମ୍ମୁଖିନ ହେଉଛନ୍ତି। ଏନେଇ ଗତ କାଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହାର ପ୍ରଭାବ ଆଜି ଦେଖିବାକୁ ମିଳିଛି। ବାଲେଶ୍ୱର ପରିବହନ ବିଭାଗ ପକ୍ଷରୁ ଏକ ଟିମ ଚଢ଼ଉ କରି ଏଠାରେ ବେଆଇନ ଭାବେ ପାର୍କିଂ କରିଥିବା ୧୧ଟି ଗାଡିରୁ ୨୭ ହଜାର ୫ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଜଳେଶ୍ୱର,୨୫।୮ (ସମିସ): ଦ୍ରୁତ ବାଇକ୍ ଚାଳଣା ହେତୁ ଦୁଇ ଯୁବକ ଦୁର୍ଘଟଣାର ଶୀକାର ହୋଇ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛି। ସୂଚନା ଅନୁସାରେ ଜଳେଶ୍ୱର ଥାନ ଅଧିନ ଶିଖରପୁର ପଂଚାୟତ ବେଲ ବାରିଆ ଗ୍ରାମର ଶ୍ରୀତମ ବେହେରା, ଅଭିଜିତ ଦତ୍ତ ନାମକ ଦୁଇ ଯୁବକ ବାଇକ୍ ଯୋଗେ ଜଳେଶ୍ୱର ରୁ ଘରକୁ ଫେରୁଥିଲେ। ରବିବାର ମଧ ରାତ୍ରୀରେ ଦ୍ରୁତ ଗତିରେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାଜପୁର ଶିବ ମନ୍ଦିର ସନ୍ନିକଟ ବାଡ଼ରେ ଥିବା ସିମେଣ୍ଟ ଖୁଣ୍ଟିକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ବାସିନ୍ଦା ଶମ୍ଭୁନାଥ ଜେନା ସେମାନଙ୍କ ଗ୍ରାମକୁ ସୁଚନା ଦେବା ସହିତ ବୋଲେରୋ ଯୋଗେ ଯୁବକଙ୍କୁ ଜିକେ ଭଟ୍ଟର ହସ୍ପିଟାଲ କୁ ନେଇଥିଲେ। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାଲେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିବା ବେଳେ ଶ୍ରୀତମ ବେହେରା(୨୨)ଙ୍କ ଅକାଳ ମୃତ୍ୟୁ ଘଟିଛି। ଅନ୍ୟ ଯୁବକ ଅଭିଜିତ ଦତ୍ତ ଗୁରୁତର ଭାବେ ବାଲେଶ୍ୱରରେ ଚିକିତ୍ସିତ ହେଉଥିବା ନେଇ ସୂଚନା ମିଳିଛି।

## ଗଣେଶ୍ୱରପୁରରେ ଯୁବକଙ୍କ ଆତ୍ମହତ୍ୟା

ଭୋଗରାଇ,୨୫।୮ (ସମିସ): ଭୋଗରାଇ ବ୍ଲକ ପାଣିଷଣ୍ଡା ପଞ୍ଚାୟତ ଅଧିନ ଗଣେଶ୍ୱରପୁର ଗାଁର ମହେଶ୍ୱର ବେହେରାଙ୍କ ଏକ ମାତ୍ର ପୁଅ ଗଣେଶ ବେହେରା ଶୋଇବା ଘରେ ଥିବା ଫ୍ୟାନରେ ବେକରେ ଗାମୁଛା ଲଗାଇ ଫାଶୀ ହୋଇ ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ଗଣେଶ ଆଜି ସକାଳେ ଘର ଭିତରେ ଝୁଲୁଥିବା ସମୟରେ ଗ୍ରାମର କିଛି ଯୁବକ ଉଦ୍ଧାର କରି ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ଡାକ୍ତର ଯୁବକଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଖବର ପାଇ ଭୋଗରାଇ ଥାନା ପୋଲିସ ସେଠାରେ ପହଞ୍ଚି ଶବକୁ ଜବତ କରିଥିଲେ। ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରିବାର ପାଇଁ ବନ୍ଧୁ ବାନ୍ଧବ ପାଖରୁ ଧାର ଉଧାର କରି ଶୁଝି ନ ପାରି ଏଭଳି ନିଷ୍ପତ୍ତି ନେଇଥିବା ପରିବାର ଲୋକଙ୍କ ପାଖରୁ ସୁଚନା ମିଳିଛି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

ସୋର, ୨୫।୮ (ସମିସ): ସୋର ବ୍ଲକ ଟେଣ୍ଟେଇ ଭିକାରୀ ଚରଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ଏହାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ସାହୁ ଉଦଘାଟନ କରିଥିଲେ। ଏହି ପ୍ରଦର୍ଶନୀ ବିଜ୍ଞାନ ଶିକ୍ଷକ ଖଗେଶ୍ୱର ତ୍ରିପାଠୀ ଓ ସୁବାସିନୀ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ବୈଜ୍ଞାନିକ ମଡେଲ, ପ୍ରକଳ୍ପ ଓ ନୂତନାଭିଷ୍କାର ପ୍ରଦର୍ଶନ କରିଥିଲେ। ଏଥିରେ ବିଚାରକ ଭାବେ ସୌମ୍ୟ ରଞ୍ଜନ ବେହେରା ଯୋଗଦେଇ ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଭାବକ, ଅତିଥି ଓ ସ୍ଥାନୀୟ ଗ୍ରାମବାସୀ ମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ତରଫରୁ ଆୟୋଜିତ ଏହି ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ଚେତନା, ସୃଜନଶୀଳତା ଓ ଗବେଷଣାମୂଳକ ମନୋଭାବକୁ ଉତ୍ସାହିତ କରାଯାଇଥିଲା।

## କୁଡେଇ କଲେଜ ଆଗରେ ବେସରକାରୀ ଅଧ୍ୟାପକ/ ଅଧ୍ୟାପିକାଙ୍କ ଧାରଣା

ସୋର, ୨୫।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟରେ ଜାରି ରହିଥିବା କଲମ ଛାଡ଼ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଏକ ସପ୍ତାହ ପୁରିଥିଲେ ସୁଦ୍ଧା ସରକାର ନିଦାବିଷ୍ଟ ସାଜିଛନ୍ତି। କାର୍ଯ୍ୟବନ୍ଦ ଯୋଗୁ ଶିକ୍ଷାଦାନ ତଥା ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି ତଥାପି ସରକାର ନିରବ। ଏହାହିଁ ଲୋକଙ୍କ ସରକାର ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟିକରୁଛି। ଏହି କ୍ରମରେ ସ୍ଥାନୀୟ କୁଡେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ସଂଘର କଥାକୁ ଅନୁପାଳନ କରି ସପ୍ତାହ ଧରି କାର୍ଯ୍ୟବନ୍ଦ କରିବା ସହ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ଇତି ମଧ୍ୟରେ ଏକ ସପ୍ତାହେ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ତ ଦୂରର କଥା ନୈତିକତା ଦୃଷ୍ଟିରୁ ସରକାର ସଂଘକୁ ଡାକି ସାମାନ୍ୟ ଆଲୋଚନାଟିଏ ମଧ୍ୟ କଲେନାହିଁ, ଏଣୁ ୨୦୦୮ରୁ ୨୦୧୮ ଅନୁଦାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କର ପ୍ରତ୍ୟକ୍ଷ ହସ୍ତକ୍ଷେପ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ ସମୟ ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନ ସାରା ରାଜ୍ୟରେ ଜାରିରହିବ ବୋଲି ସଂଘର ରାଜ୍ୟସମ୍ପାଦକ ପ୍ରିୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସଂଯୋଜକ ପ୍ରଫୁଲ ପାତ୍ର, ସହ ସଂଯୋଜକ ବିଦ୍ୟାନ୍ତି ନାୟକ, ଜ୍ୟୋସ୍ନାରାଣୀ ପାତ୍ର, ରାଜେନ୍ଦ୍ର ପ୍ରଧାନ, ସୁକାନ୍ତ ବାରିକ ଓ ଓଁକାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ଡିଜିଟାଲ ଫସଲ ସର୍ବେକ୍ଷଣ ସଚେତନତା ଶିବିର

ଜଳେଶ୍ୱର,୨୫।୮ (ସମିସ): ଜଳେଶ୍ୱର ବ୍ଲକ କୃଷି କାର୍ଯ୍ୟାଳୟରେ ସମସ୍ତ ସରପଞ୍ଚ ଓ ସମିତି ସଦସ୍ୟଙ୍କୁ ନେଇ ଡିଜିଟାଲ ଫସଲ ସର୍ବେକ୍ଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି କର୍ମଚାରୀମାନଙ୍କୁ ଫସଲ ତଥ୍ୟ ସଠିକ୍ ଭାବରେ ରେକର୍ଡ କରିବା ପାଇଁ ଏକ ମୋବାଇଲ୍-ଆଧାରିତ ପ୍ରଣାଳୀ ପ୍ରଶିକ୍ଷଣ ଦିଆଯାଇଛି। ପ୍ରାୟତଃ ରିୟଲ-ଟାଇମ୍ ରିପୋର୍ଟିଂ ପାଇଁ ଜିପିଏସ-ସକ୍ଷମ ଫଟୋ କ୍ୟାପ୍ଚର୍ ଏବଂ ଅନ୍ୟାନ୍ୟ ଜ୍ଞାନକୌଶଳ ବ୍ୟବହାର କରାଯାଇଥାଏ। ଆୟୋଜିତ ଶିବିରରେ କୃଷି ଅଧିକାରିଣୀ ରଞ୍ଜିତା ପାତ୍ର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଅନୂସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଅତିରିକ୍ତ ତହସିଲଦାର ନିଧି ବେହେରା, ଉଦ୍ୟାନ ବିଭାଗର ସହକାରୀ କୃଷି ଅଧିକାରିଣୀ ସୌମ୍ୟା ରଥ, ଭାରପ୍ରାପ୍ତ କୃଷି ଅଧିକାରୀ ପଦ୍ମଲୋଚନ ବାରିକ୍ ମଞ୍ଚାସୀନ ହୋଇ ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ପର୍କରେ ସଚେତନ କରାଇଥିଲେ। ଅଞ୍ଚଳରେ କୃଷି କ୍ଷେତ୍ରର ଫୋଟୋ ମୋବାଇଲରେ ଅପଲୋଡ଼ କରିବାକୁ କୃଷକ ସାଥୀ, କୃଷି ମିତ୍ର, ଗ୍ରାମର ଶିକ୍ଷିତ ଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ। ୩୫ଟି ପଞ୍ଚାୟତର ସମସ୍ତ ସରପଞ୍ଚ ସମିତି ସଦସ୍ୟ ଆଲୋଚନାରେ ଭାଗନେଇ ଚଳିତ ବର୍ଷ ୬ଷ୍ଠଥର ବନ୍ୟାରେ କ୍ଷୟକ୍ଷତି ସମ୍ପର୍କରେ ଉଦବେଗ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଭିଏ ଡ଼ବ୍ଲୁ ନିଳାଦ୍ରୀ ପଟ୍ଟାୟତ, ଏଟିଏମ୍ ରାଜ କିଶୋର ଦାସ, ଏଟିଏମ୍, ରାଜେଶ ସାହୁ, ଏଟିଏମ୍ ଚନ୍ମୟ ବ୍ରହ୍ମ, ବିପିଏଲ ଲୁସ୍ନା ସିଂ, ଗୋବିନ୍ଦ ମାଝି, ପ୍ରଦୀପ ରାମ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।




## ଚୋରି ରେଳ ସାମଗ୍ରୀ ଉଦ୍ଧାର, ୫ ଗିରଫ



ବାଲେଶ୍ୱର,୨୫।୮ (ସମିସ): ଖଡ଼ଗପୁର ଡିଭିଜନର ଆରପିଏଫ ଏକ ଚୋରି ମାମଲାରେ ପାଞ୍ଚ ଜଣଙ୍କୁ ଗିରଫ କରିବା ସହ ଲକ୍ଷାଧିକ ମୂଲ୍ୟର ଚୋରି ହୋଇଥିବା ରେଳ ସମ୍ପତ୍ତି ଉଦ୍ଧାର କରିଛି। ଦକ୍ଷିଣ ପୂର୍ବ ରେଳପଥ/ଖଡ଼ଗପୁରର ଗୋଲ ବଜାରର ଜୁନିଅର ଇଞ୍ଜିନିୟର/ଇଲେକ୍ଟ୍ରିକାଲ୍ (ନମ୍ବର ୦୭) ଦ୍ୱାରା ଜାରି କରାଯାଇଥିବା ଚୋରି ମେମୋ ଅନୁଯାୟୀ, ୧ ଲକ୍ଷ ୭୨ ହଜାର ୪୮୦ ଟଙ୍କା ମୂଲ୍ୟର ଆଲୁମିନିୟମ୍ କେବୁଲ ଚୋରି ସମ୍ପର୍କରେ ଅଜଣା ବ୍ୟକ୍ତିଙ୍କ ବିରୁଦ୍ଧରେ ଆରପିଏଫ/ଟାଉନ୍ ପୋଷ୍ଟ/କେଜିପିରେ ମାମଲା ନଂ ୦୩/୨୫ ରେ ୧୯ ତାରିଖ ଏକ ମାମଲା ରୁଜୁ କରାଯାଇଥିଲା। ମାମଲାର ତଦନ୍ତ ତୁରନ୍ତ ଆରମ୍ଭ କରାଯାଇଥିଲା। ଚଳିତ ମାସ ୨୦ ଏବଂ ୨୧ ତାରିଖ ମଧ୍ୟରାତ୍ରିରେ ଏକ ଚଢାଉ ସମୟରେ ଆରପିଏଫ ଟିମ୍ ଚାରି ଜଣ ପୁରୁଷ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ଏବଂ ୭୩ ଫୁଟ (ପ୍ରାୟ ୨୨.୨୫ ମିଟର) ଚୋରି ହୋଇଥିବା ରେଳ କେବୁଲ୍ ଉଦ୍ଧାର କରିଥିଲେ। ଏହା ବ୍ୟତୀତ ସେମାନଙ୍କ ପ୍ରକାଶନ ଉପରେ ଆଧାର କରି ଆରପିଏଫ ୨୧ ତାରିଖରେ ଏକ ରିସିଭରର ଏକ ସ୍କ୍ରାପ୍ ଗୋଦାମରେ ଏକ ପରବର୍ତ୍ତୀ ଚଢାଉ କରିଥିଲେ, ଯେଉଁଠାରେ ୨୮୭.୫ ଫୁଟ (ପ୍ରାୟ ୮୭.୬୩ ମିଟର) ଅବଶିଷ୍ଟ ଚୋରି ହୋଇଥିବା ରେଳ କେବୁଲ୍ ଉଦ୍ଧାର କରାଯାଇଥିଲା। ରିସିଭରକୁ ମଧ୍ୟ ଗିରଫ କରାଯାଇଥିଲା, ଯାହା ଫଳରେ ମୋଟ ଗିରଫଦାରଙ୍କ ସଂଖ୍ୟା ପାଞ୍ଚ ଜଣଙ୍କୁ ବୃଦ୍ଧି ପାଇଛି।

## ଭେଲୋରା ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ରାଜଘାଟ, ୨୫।୮ (ସମିସ): ବସ୍ତା ବ୍ଲକ୍ ଅଧୀନସ୍ଥ ଉତ୍ତର ଜୋନ ଭେଲୋରା ଆନୁକୂଲ୍ୟରେ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ପାଉଁଶକୁଲି ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦତ୍ତଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ରାଧାନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଅଧ୍ୟାପକ ଶ୍ରୀହରି ସାହୁ, ସମ୍ମାନିତ ଅତିଥି ଭାବରେ ପାଉଁଶକୁଲି ସରପଞ୍ଚ ବିଦ୍ୟୁବାଳା ସେନାପତି, ଭେଲୋରା ସିଆରସିସି ଗଣେଶ ଚନ୍ଦ୍ର ଜେନା, ପାଉଁଶକୁଲି ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାନ୍ଦୁ ମୁର୍ମୁ, ଚକ୍ରଡା ସିଆରସିସି ବିରେନ୍ଦ୍ର ହାଁସଦା ସମାଜସେବୀ ବୃନ୍ଦାବନ ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ଅଜିତ ସାହୁ ,ଜୋନ ସମ୍ପାଦକ ମହେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡା ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ ଦାସ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁଦାମ ଚରଣ ନାୟକ ବେଦପାଠ କରିଥିଲେ। ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ଦୌଡକୁଦ, ଭଲିବଲ, କବାଡି,ଖୋ-ଖୋ, ଫୁଟବଲ ଖେଳ ଅନୁଷ୍ଠିତ ହୋଇ ବ୍ଲକ ସ୍ତରୀୟ କ୍ରୀଡା ପାଇଁ ମନୋନୀତ କରାଯାଇଥିଲା।

# ଚନ୍ଦନେଶ୍ୱରକୁ ଏନ୍‌ଏସି ଦାବିରେ ସର୍ବଦଳୀୟ ବୈଠକ

ଭୋଗରାଇ/ଚନ୍ଦନେଶ୍ୱର, ୨୫।୮ (ସମିସ)




ବାଲେଶ୍ୱର ଜିଲ୍ଲା ଭୋଗରାଇର ଚନ୍ଦନେଶ୍ୱରକୁ ଏନଏସି ମାନ୍ୟତା ଦାବିରେ ସୋମବାର ଏକ ସର୍ବ ଦଳୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଦୀର୍ଘ ବର୍ଷରୁ ଚନ୍ଦନେଶ୍ୱରକୁ ଏନଏସି ପାଇଁ ଦାବୀ ହେଉଥିଲେ ମଧ୍ୟ ଗୌତମବୁଦ୍ଧ ଦାସ ବିଧାୟକ ହେବା ଠାରୁ ଦାବିକୁ ଅଧିକ ଶାଣିତ କରାଯାଇଛି। ଏନଏସି ହେଲେ ଅଞ୍ଚଳରେ ରାସ୍ତାଘାଟ, ପାନୀୟଜଳ, ବିଜୁଳି, ଜଳସେଚନ, ଜଳ ନିଷ୍କାସନ ଆଦିରେ ଉନ୍ନତି ଆସିବ। ଲୋକଙ୍କ ରୋଜଗାର ବଢିବ। ଏଠାରେ ପ୍ରସିଦ୍ଧ ଶୈବପୀଠ, ଉଦୟପୁର, ତାଳସାରୀ ଭଳି ମନୋରମ ବେଳାଭୂମି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ଏହି ଅବସରରେ ୫ଟି ପଞ୍ଚାୟତର ଜନପ୍ରତିନିଧି ବିଧାୟକ ଗୌତମବୁଦ୍ଧ ଦାସଙ୍କ ଆବାହକତ୍ୱରେ ଚନ୍ଦନେଶ୍ୱରସ୍ଥିତ ହୋଟେଲ ବେଲା ନିବାସର ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏନେଇ ଆୟୋଜିତ ବୈଠକକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ପୌରୋହିତ୍ୟ କରିଥିଲେ। ବିଧାୟକ ଶ୍ରୀ ଦାସ ଯୋଗଦେଇ ଘୋଷଣା ହୋଇ ଥିବା ୧୨ଟି ଏନଏସି ମଧ୍ୟରୁ ଅଧିକାଂଶର ଆବଶ୍ୟକୀୟ ଭିତ୍ତିଭୂମି ନାହିଁ। ଚନ୍ଦନେଶ୍ୱର ପାଇଁ ସମସ୍ତ ନିୟମ ରହୁଥିବା ବେଳେ ଆମେ ଅବହେଳିତ। ତେଣୁ ଦାବି ହାସଲ ପର୍ଯ୍ୟନ୍ତ ଦୁର୍ବାର ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦେବାଶିଷ ଚାନ୍ଦ, ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ନାଥ ପାତ୍ର, ତପନ କୁମାର ପଣ୍ଡା, ଶିକ୍ଷାବିତ ସନ୍ତୋଷ କୁମାର ପାତ୍ର, କଲେଜ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମାଜସେବୀ ରବୀନ୍ଦ୍ର ନାଥ ଜେନା, ହରିଚନ୍ଦନ ଶତପଥୀ, ଭୋଳାନାଥ ବେହେରା ପ୍ରମୁଖ ସପକ୍ଷରେ ସୁଚିନ୍ତିତ ମତାମତ ଦେଇଥିଲେ। ଏହାଛଡା ଶିକ୍ଷକ ଶାଶ୍ୱତ କୁମାର ଜେନା, ହୁଗୁଳି ସମିତି ସଦସ୍ୟ ଗୋବିନ୍ଦ ଦାସ ମଂଚ ଆହ୍ୱାନ କରିଥିବାବେଳେ ଶେଷରେ ସୁବାସ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ସାହାବାଜିପୁର, ବାଜିତପୁର, ହୁଗୁଳି, ଗୋଛିଦାତେଘରି, ଜଗନ୍ନାଥ ପୁର ଆଦି ୫ଟି ପଞ୍ଚାୟତର ବୁଦ୍ଧିଜୀବୀ, ଶିକ୍ଷାବିତ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନ, ବ୍ୟବସାୟୀ ସଂଘ ଯୋଗଦେଇ ଥିଲେ।

# ଦଲଗକି ଗାଁରେ ହାତୀ ଉପଦ୍ରବ; ଧାନକ୍ଷେତ ନଷ୍ଟ

ରାଇରଙ୍ଗପୁର,୨୫।୮ (ସମିସ): ବିଜାତଳା ବ୍ଲକର ଲୁହାଶିଳା ପଞ୍ଚାୟତର ଦଲକି ଗ୍ରାମ ଦେହୁରୀ ସାହିରେ ହାତୀ ଉପଦ୍ରବ ଦେଖାଦେଇଛି। ଗ୍ରାମର ୫ ଜଣ ଚାଷୀଙ୍କ ଧାନକ୍ଷେତ ନଷ୍ଟ କରିଦେଇଛନ୍ତି ହାତୀପଲ। ବର୍ଷା ବିଳମ୍ବ ଯୋଗୁଁ ଚାଷ ଭାଦ୍ରବ ମାସରେ ଚାଷ କାମ ପଛେଇ ଯାଇଛି। ଚାଷୀମାନେ ତରତର ହୋଇ ବିଲରେ ଧାନ ରୁଆ କରିବା ସହ ସାର ପକାଇ ସବୁଜ କରିବାକୁ ବସିଥିବାବେଳେ ହାତୀପଲ ଦଳିଚକଟି ସବୁ ନଷ୍ଟ କରିଦେଇଛନ୍ତି। ଫଳରେ ଚାଷୀ ମୁଣ୍ଡରେ ହାତ ମାରି ବସିଛି। ସୂଚନାଯୋଗ୍ୟ ଯେ, ରବିବାର ରାତିରେ ଏକ ଦନ୍ତା ଲୁହାଶିଳା ପଞ୍ଚାୟତର ଦଲକି ଗ୍ରାମର ଦେହୁରୀ ସାହିର ୫ ଜଣ ଚାଷୀଙ୍କ ଚାଷକ୍ଷେତ ନଷ୍ଟ କରିଦେଇଛି। ଗଣେଶ୍ୱର ଦେହୁରୀ, ନାଥ ଦେହୁରୀ, ସମ୍ବାଳି ଦେହୁରୀ, ଗୁରୁବା ଦେହୁରୀ, ଭାଲ ଟୁଡୁଙ୍କ ଧାନକ୍ଷେତ ସଂପୂର୍ଣ୍ଣ ନଷ୍ଟ କରିଛି ଦନ୍ତା। ସୋମବାର ସକାଳେ ଏହି ଚାଷୀମାନେ ସେମାନଙ୍କ କ୍ଷେତକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ପ୍ରଶାସନ କ୍ଷେତ୍ର ପରିଦର୍ଶନ କରି ସହାୟତା ରାଶି ଦେବା ପାଇଁ ଦାବି କରୁଛନ୍ତି ଗ୍ରାମବାସୀ ଦନ୍ତା ଓ ମାଇନା ହାତୀ ରହିବାରୁ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



# ଗୋରୁମହିଷାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ



ରାଇରଙ୍ଗପୁର,୨୫।୮ (ସମିସ): ଗୋରୁମହିଷାଣି ସ୍ଥିତ ଯୁକ୍ତ ୨ ଆଇରନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସିଡବ୍ଲ୍ୟୁସି ଆନୁକୂଲ୍ୟରେ ଏଚଆଇଭି/ ଏଡ଼ସ, ସିକିଲ ସେଲ, ଜଣ୍ଡିସ, ହେପାଟାଇଟିସ-ବି ଏବଂ ସି ସମ୍ପର୍କୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଇରଙ୍ଗପୁର ଏସଡିଏମଓ ଡାକ୍ତର ରଜିତ୍ ମାରାଣ୍ଡି, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ ସାହୁ, ମେଡିକାଲ ଅଫିସର ଡଃ ନିବେଦିତା ମୁଦୁଲି, ଅଧ୍ୟାପକ ଡଃ ଦିଗମ୍ବର ଗିରି, ଅଧ୍ୟାପକ ରବୀନ୍ଦ୍ରନାଥ, ରବିନାରାୟଣ କର, ଅଧ୍ୟାପକ ତପନ ସମାଲ, ଅଧ୍ୟାପକ ଅଶୋକ ଶତପଥୀ, ଅଧ୍ୟାପକ ପ୍ରକାଶ ମଣ୍ଡଳ, ଅଧ୍ୟାପକ ଅନନ୍ତ ଚରଣ ସ୍ୱାଇଁ, କ୍ରୀଡା ଶିକ୍ଷକ ଖଗେନ୍ଦ୍ର ମଣ୍ଡଳ, ଜିଲ୍ଲା ସିଡବ୍ଲ୍ୟୁସି ସୁପରଭାଇଜର ବୈକୁଣ୍ଠନାଥ ସାଲ, ଜଳେନ୍ଦ୍ର ନାଥ ରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମସ୍ତ ଅତିଥି ଏହି ରୋଗ ଉପରେ କାରଣ, ନିରାକରଣ, ଡାକ୍ତରଙ୍କ ପରାମର୍ଶ, ଠିକ ସମୟରେ ଔଷଧ ସେବନ, ନିଜକୁ ସଚେତନ କରାଇବା ଉପରେ ଆଲୋକପାତ କରିଥିଲେ। ରୋଗକୁ ନ ଡରି କିମ୍ବା ଲାଜ ନ କରି ଠିକ ସମୟରେ ଡ଼ାକ୍ତରଙ୍କ ପରାମର୍ଶ ନେବାକୁ ପରାମର୍ଶ ଦେଇଥିଲେ। ସିଡବ୍ଲ୍ୟୁସିରେ ପ୍ରିୟଙ୍କା ଗିରି, ଯଶୋଦା ମଣ୍ଡଳ ପ୍ରମୁଖ ପରିଚାଳନା ପରିଚାଳନା କରିଥିଲେ।

# ଡ୍ରେନ ଦୁର୍ଗନ୍ଧରେ ଲୋକେ ଅତିଷ୍ଠ; ବିଡିଓଙ୍କ ପ୍ରତିଶ୍ରୁତି ଧୂଆଁବାଣ

ବେତନଟୀ,୨୫।୮ (ସମିସ):



ବେତନଟୀ ବ୍ଲକକୁ ସରକାର ଏନ୍‌ସି ଘୋଷଣା କରିଛନ୍ତି; ହେଲେ ଏବେ ଡ୍ରେନ ସମସ୍ୟା ଲୋକଙ୍କ ମୁଖ୍ୟ କାରଣ ପାଲଟିଛି। ପଞ୍ଚାୟତ ନିର୍ବାଚନ ପରଠାରୁ ପ୍ରାୟ ୩ ବର୍ଷ ହେଲେ ଏଠାକାର ଡ୍ରେନଗୁଡିକ ସଫେଇ ନ ହୋଇ ଅବହେଳିତ ଅବସ୍ଥାରେ ରହିଛି। ଫଳରେ ଲୋକେ ଡ୍ରେନର ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡିଲେଣି। ବେତନଟୀ ଅଞ୍ଚଳରେ ଜଳନିଷ୍କାସନ ବ୍ୟବସ୍ଥା ନଥିବାରୁ ଡ୍ରେନଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇରହିଛି। ବିଶେଷକରି ହାଟ ଛକ, ଆନନ୍ଦ ବଜାର, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବସ୍‌ଷ୍ଟାଣ୍ଡ, ଚଣ୍ଡୀ ମନ୍ଦିର ଛକ, ଧର୍ମଶାଳା ସାମ୍ନାର କ୍ଷେତ୍ରମୋହନ ଛକ ଏବଂ ମଠ ସାହିରେ ଡ୍ରେନଗୁଡ଼ିକ ଆବର୍ଜନାରେ ପୋତି ହୋଇରହିଛି। ଡ୍ରେନ୍‌ର ପାଣି ଲୋକଙ୍କ ଘରେ ଏବଂ ଦୋକାନରେ ପଶୁଛି। ସବୁଠାରୁ ବଡ ସମସ୍ୟା ହେଉଛି ଚଣ୍ଡୀ ମନ୍ଦିର ଛକରୁ ବଙ୍ଗଳା ଛକ ପର୍ଯ୍ୟନ୍ତ ଡ୍ରେନରେ ଜମିଥିବା ମଳମୂତ୍ର ଓ ଆବର୍ଜନାରୁ ଉଦ୍ଭଟ ଦୁର୍ଗନ୍ଧ। ଏହି ଅଞ୍ଚଳରେ ବ୍ଲକ ଏଡୁକେଶନ ଅଫିସ୍ ଏବଂ ପିଏମଶ୍ରୀ ଏମ୍‌ପିସି ହାଇସ୍କୁଲ ରହିଛି। ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଏହି ଦୁର୍ଗନ୍ଧରେ ପ୍ରଭାବିତ ହେଉଛି। ପ୍ରଶାସନ ଏଭଳି ଅବହେଳାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସ୍ଥାନୀୟ ବାସିନ୍ଦା ବୀରେନ୍ଦ୍ର ନାଥ ପତି କହନ୍ତି ଯେ, ଏନ୍‌ଏସି ଘୋଷଣା ହେବା ପରେ ବି କୌଣସି ସୁବିଧା ନାହିଁ। ବାରମ୍ବାର ଦାବି ପରେ କିଛି ଦିନ ପୂର୍ବେ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୂତାର ସ୍ଥିତି ପରଖି ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ; ହେଲେ ବିଡିଓଙ୍କ ପ୍ରତିଶ୍ରୁତି କେବଳ ଧୂଆଁବାଣ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି।

# ୬୫ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉପକରଣ ବଣ୍ଟନ

ରାଇରଙ୍ଗପୁର,୨୫।୮ (ସମିସ): ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସୋମବାର ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ବାରିପଦାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂହ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତିରିଂ ଶିକ୍ଷା ଗୋଷ୍ଠୀ ଅଧିକାରିଣୀ ରଶ୍ମିପ୍ରଭା ମହାନ୍ତ, ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମୁର୍ମୁ, ଅନ୍ତର୍ନିବେଶୀ ଜିଲ୍ଲା ସଂଯୋଜକ ନିରଞ୍ଜନ ନାୟକ, ଏସିଏଣ୍ଡ ଏସଟି ଜିଲ୍ଲା ସଂଯୋଜକ ସପନ ପୃଷ୍ଟି, ରାଇରଙ୍ଗପୁର ଏବିଇଓ କାର୍ତ୍ତିକଚନ୍ଦ୍ର କାରୁଆ ଏବଂ ବ୍ଲକର ସମ୍ବଳ ଶିକ୍ଷକ ମହେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗତ ଡିସେମ୍ବର ୨୦୨୪ରେ ଡାକ୍ତରମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ୬୫ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର, କାନଯନ୍ତ୍ର, କିଟସ, ଟ୍ରାଇ ସାଇକେଲ, ସ୍ମାର୍ଟ ଫୋନ, ଅତ୍ୟାଧୁନିକ ଚାଲିବା ଡିଜିଟାଲ ଆଶ୍ରୟ ବାଡି, ଖେଳନା ଆଦି ବଣ୍ଟନ କରାଯାଇଥିଲା। ବିଆରଟି କିଶୋର ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ପିଏମ ସ୍କୁଲର ସହକାରୀ ଶିକ୍ଷକ ରୁଦ୍ର ବିହାରୀ ଗିରି, ସାକିଲାଡିହି ସ୍କୁଲର ସହକାରୀ ଶିକ୍ଷକ ବିରେଶ ଚନ୍ଦ୍ର ମହାନ୍ତ, ସିଆରସିସି, ତିରିଂର ବିଆରଟି କିଶୋର ସାହୁ, ରାଇରଙ୍ଗପୁର ବ୍ଲକର ବିଆରଟି ମହେଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



# ବର୍ଷାରେ ଛାତ୍ରଛାତ୍ରୀ ଭିଜିବା ଘଟଣା; ପ୍ରଧାନ ଶିକ୍ଷକ ନିଲମ୍ବନ

ଶୁଳିଆପଦା,୨୫।୮ (ସମିସ): ବିଦ୍ୟାଳୟ ବିଳମ୍ବରେ ଖୋଲିବାରୁ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଶୁଳିଆପଦା ବ୍ଲକ କଣ୍ଟିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଫାଟକ ତାଲା ଖୋଲାଯାଇ ନ ଥିବାରୁ ପ୍ରାୟ ଏକ ଘଣ୍ଟା ଧରି ଫାଟକ ସମ୍ମୁଖରେ ପ୍ରବଳ ବର୍ଷାରେ ଛାତ୍ରଛାତ୍ରୀ ଭିଜିଥିଲେ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ଅଭିଭାବକମାନେ ବିଇଓ ଓ ଡିଇଓଙ୍କୁ ଅବଗତ କରାଇଥିଲେ। ଏ ନେଇ ଦୈନିକ 'ସକାଳ'ରେ ମଧ୍ୟ ଏକ ଖବର ପ୍ରକାଶ ପାଇଥିଲା। ଆଜି ଶୁଳିଆପଦା ବିଇଓ ମାଳତୀ ଟୁଡୁ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଚିନ୍ତାମଣି ନାଏକଙ୍କୁ ନିଲମ୍ବନ କରିଛନ୍ତି। ବିଭାଗୀୟ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ସେ କିଆଝରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ ସମ୍ପାଦନ କରିବା ସହିତ ବିନା ଅନୁମତିରେ ମୁଖ୍ୟାଳୟ ଛାଡିପାରିବେ ନାହିଁ। ସୂଚନା ଥାଉକି ଶ୍ରୀ ନାଏକ୍ ପୂର୍ବରୁ ମଧ୍ୟ ନିଲମ୍ବିତ ହେବା ନଜିର ରହିଛି।

■ ରାତି ପାହିଲେ ଗଣେଶ ପୂଜା; ହେଲାନି ଶାନ୍ତି କମିଟି ବୈଠକ

# ଗତବର୍ଷ ଭସାଣିରେ ହୋଇଥିଲା ଛୁରାମାଡ ଓ ଦୁଇ ଛାତ୍ରଙ୍କ ଜଳସମାଧି

ବାରିପଦା, ୨୫।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହରର ବିଭିନ୍ନ ସ୍ଥାନରେ ୫୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ଗଣେଶ ପୂଜାପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ରାତି ପାହିଲେ ବୁଧବାର ପୂଜା ଅନୁଷ୍ଠିତ ହେବ। ତେବେ ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ଏ ଯାଏ ଶାନ୍ତି କମିଟି ବୈଠକ ବସିନାହିଁ। ସହରରେ ଟାଉନ, ଭଞ୍ଜପୁର ଓ ସଦରକୁ ମିଶାଇ ୩ଟି ଥାନା ରହିଛି। ମଣ୍ଡପପୂଜା ପୂର୍ବରୁ ଉଭୟ ପ୍ରଶାସନ ଓ ଥାନା ପକ୍ଷରୁ ଅନୁମତି ଦିଆଯାଇ ଥାଏ। ତେବେ ପୂଜା ପାଳନ ସମ୍ବନ୍ଧରେ ଏକ ଶାନ୍ତି କମିଟି ବୈଠକ ବସିଥାଏ। ତୋରଣ ଠାରୁ ଆରମ୍ଭ କରି ଭଷାଣି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଗାଇଡଲାଇନ ପୂଜାକମିଟିଙ୍କୁ ଅବଗତ କରାଯାଇଥାଏ। ଯାହାକି ଏଥର ହେଲା ନାହିଁ। ଗତବର୍ଷ ସହରର ଶୂନଗଡ଼ିଆ ଅଞ୍ଚଳରେ ଗଣେଶ ପୂଜା ମୂର୍ତ୍ତି ଭସାଣି ବେଳେ ରାସ୍ତା ଜାମ ହେବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମୁଁହାମୁହିଁ ହୋଇଥିଲେ। ଯାହାକୁ ନେଇ ଶୂନଗଡ଼ିଆ ଅଞ୍ଚଳର ଆକାଶ ମୁଖୀ ଓ କୁନ୍ଦନ ମୁଖୀ ତାଙ୍କ ସାଙ୍ଗଙ୍କ ସହିତ ଦୁଇ ଜଣଙ୍କ ଛାତିକୁ ଛୁରା ମାଡ଼ କରିଥିଲେ। ଏହାକୁ ନେଇ ଅନ୍ୟ ଗୋଷ୍ଠୀ ମଧ୍ୟ ପ୍ରତି ଆକ୍ରମଣ କରିଥିଲେ। ଫଳରେ ୩ଜଣ ଆହତ ହୋଇଥିଲେ। ସେହିପରି ଲକ୍ଷ୍ମୀପୋଷି ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ସମୟରେ ୨ଜଣ ଛାତ୍ର ସୁବର୍ଣ୍ଣରେଖା କେନାଲରେ ଭାସି ଜଳସମାଧି ନେଇଥିଲେ। ଏସବୁ ଘଟଣା ସତ୍ତ୍ୱେ ପ୍ରଶାସନ ଓ ପୁଲିସ କିଛି ଶିଖିଲେ ନାହିଁ। ଏହି ୩ଟିଯାକ ଥାନାର ଥାନା ଅଧିକାରୀ ସମେତ ବାରିପଦା ଏସଡିପିଓଙ୍କ ପାଇଁ ଚଳିତ ଗଣେଶପୂଜା ପ୍ରଥମ ହେତୁ ପୂର୍ବ ରେକର୍ଡ ସମ୍ବନ୍ଧରେ ସୂଚନା ନାହିଁ। ତେବେ ଶାନ୍ତିଶୃଙ୍ଖଳା ପାଇଁ ବିଭାଗ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ନେବା ଜରୁରୀ।

# ବିଶ୍ୱ ଭ୍ରାତୃତ୍ୱ ଦିବସ ଉପଲକ୍ଷେ ରକ୍ତଦାନ ଶିବିର

ବଡ଼ବିଲ,୨୫।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ କେନ୍ଦ୍ରର ପୂର୍ବତନ ମୁଖ୍ୟ ପ୍ରଶାସିକା ଦାଦୀ ପ୍ରକାଶ ମଣିଙ୍କର ଅଷ୍ଟାଦଶ ତମ ପୁଣ୍ୟ ତିଥି ଅବସରରେ ବିଶ୍ୱ ଭ୍ରତୃତ୍ୱ ଦିବସ ପାଳନ କରାଯାଇଛି। ଏହିଉପଲକ୍ଷେ ବଡବିଲର ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର



ଉଦ୍‌ଘାଟନ କରିଥିଲେ। ବଡବିଲ କେନ୍ଦ୍ରର ପରିଚାଳିକା ବ୍ରହ୍ମାକୁମାରୀ ଜୟନ୍ତୀ, ଦାଦି ପ୍ରକାଶ ମଣିଙ୍କର ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ ଏବଂ ଆଜି ଦିନରେ ପାଳନ କରାଯାଉଥିବା ବିଶ୍ୱ ଭ୍ରାତୃତ୍ୱ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ. ସୌଭାଗ୍ୟ ରଶ୍ମୀରଞ୍ଜନ ସାମଲ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ରକ୍ତଦାନର ବିଭିନ୍ନ ପ୍ରକାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଶିବିରରେ ସମୁଦାୟ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଚମ୍ପୁଆ ଉପଖଣ୍ଡ ରକ୍ତ ସଂଗ୍ରହ କେନ୍ଦ୍ରର ଅଭିଜ୍ଞ କର୍ମୀମାନେ ଶିବିରରେ ରକ୍ତ ସଂଗ୍ରହ କରିଥିଲେ।

■ ମଧ୍ୟାହ୍ନ ଭୋଜନରେ ତଞ୍ଚକତା ଘଟଣା

# ଆଶ୍ରମ ବିଦ୍ୟାଳୟରେ ତଦନ୍ତକାରୀ ଟିମ୍‌ର ଛାନଭିନ୍

ରାମଚନ୍ଦ୍ରପୁର,୨୫।୮ (ସମିସ): ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଦାନ୍ତିଆ ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ତଞ୍ଚକତା କରି ମାଧ୍ୟାହ୍ନ ଭୋଜନ ଟଙ୍କା ହଡ଼ପ କରିବା ଅଭିଯୋଗ ଘଟଣାର ତଦନ୍ତ ଶେଷ ହୋଇଛି। ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାପଡ଼ିଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶରେ ଘସିପୁରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆକାଶ ଜେନା ଦାନ୍ତିଆ ଆଶ୍ରମ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନରେ ତଞ୍ଚକତା ହୋଇଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ତଦନ୍ତରେ ୧୬୭ ପିଲା ଉପସ୍ଥାନରେ ଦର୍ଶା ଯାଇଥିବା ବେଳେ ମଧ୍ୟାହ୍ନ ଭୋଜନରେ ୨୧୯ ଦର୍ଶାଯାଇଥିବା ଜାଣିବାକୁ ପାଇଥିଲେ। ଏଥିସହ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟ ଅତି ନିମ୍ନମାନର ହେବା ସହ ଏହି ଖାଦ୍ୟରେ ପିଲାମାନଙ୍କ ପେଟ ପୁରୁନଥିବା ତଦନ୍ତରେ ଜାଣିବାକୁ ପାଇଥିଲେ। ଅଭିଯୋଗ ଆଣିଥିବା କିଛି ଗ୍ରାମବାସୀ ତଥା ଅଭିଭାବକଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ଏହି ତଦନ୍ତ ଚାଲିଥିଲା। ତଦନ୍ତରେ ଛାତ୍ରଛାତ୍ରୀ, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ମାନେ ନିଜର ମତପ୍ରକାଶ କରିଥିଲେ। ତଦନ୍ତ ରିପୋର୍ଟ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ହସ୍ତଗତ ହେଲା ପରେ ଯାହା କାର୍ଯ୍ୟାନୁଷ୍ଠାନ ହେବ।

# ୧୫ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ




କରଞ୍ଜିଆ,୨୫।୮ (ସମିସ): ପାଞ୍ଚପୀଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ୧୦ଦଫା ଦାବିନେଇ ଅନିର୍ଦ୍ଦିଷ୍ଟ କାଳ ପଯ୍ୟନ୍ତ କଲମ ଛାଡ଼ ଆନ୍ଦୋଳନ ଚାଲିଛି। ଗତ ୧୧ ତାରିଖରୁ ଅମଲାମାନେ ଧାରଣାରେ ବସିଥିବା ବେଳେ ସମାଧାନ ଦିଗରେ ସରକାରଙ୍କ ପକ୍ଷରୁ କୌଣସି ଉଦ୍ୟମ ହୋଇପାରିନାହିଁ। ଅପରପକ୍ଷେ କାର୍ଯ୍ୟରେ ଯୋଗ ନ ଦେଲେ ବ୍ରହ୍ମାସ୍ତ୍ର ପ୍ରୟୋଗ ପାଇଁ ରାଜସ୍ୱମନ୍ତ୍ରୀଙ୍କ ଚେତାବନୀ ସତ୍ତ୍ୱେ ଅମଲାମାନେ ପୂର୍ବବତ ନିଜ ଦାବିରେ ଅଟଳ ରହିଛନ୍ତି। ଧାରଣାରେ ରାଜସ୍ୱ ବିଭାଗର ଅଧୀନସ୍ଥ ଉପଜିଲ୍ଲାପାଳ, ଆଇଟିଡିଏ, ତହସିଲ, ଆଇସିଡିଏସ ଓ ପଞ୍ଚାୟତରାଜର ଅମଲାମାନେ ସାମିଲ ହୋଇଛନ୍ତି। ଫଳରେ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ପ୍ରକାଶ। ସଂଘର ପାଞ୍ଚପୀଢ ଉପଖଣ୍ଡର ଉପସଭାପତି ସନ୍ତୋଷ କୁମାର ଦେହୁରୀଙ୍କ ନେତୃତ୍ୱରେ କପିଳେନ୍ଦ୍ର ମହାନ୍ତ, ଦିଲୀପ କୁମାର ପଲେଇ, କାମିନୀ କାନ୍ତ ପାତ୍ର, ସନାତନ ସୋରେନ, ଲକ୍ଷ୍ମୀନାରାୟଣ ମହାକୁଡ଼, ଶଶିଭୂଷଣ ମହାନ୍ତ, ରିତୁପର୍ଣ୍ଣା ପ୍ରଧାନ, ଲୋପାମୁଦ୍ରା ଗିରି, ଅସିତ୍ ମହାକୁଡ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

# ୨ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ

ମହୁଲଡିହା,୨୫।୮ (ସମିସ): ମହୁଲଡିହା ଥାନା ୫୩ନଂ. ରାଜ୍ୟ ରାଜପଥ ଘୁଲୁଘୁଲିଆ ଗ୍ରାମ ନିକଟରେ ସୋମବାର ସନ୍ଧ୍ୟାରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ଘଟିବା ସହିତ ୩ ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ଏକ ବାଇକରେ ଦୁଇଜଣ ଆନନ୍ଦପୁର ଆଡୁ ମହୁଲଡିହା ଆଡ଼କୁ ଆସୁଥିବା ବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକରେ ଦୁଇଜଣ ଯାଉଥିଲେ। ହେଲେ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଆହତଙ୍କୁ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ହେଲେ ଜଣକର ମୃତ୍ୟୁ ଘଟିଛି।

# ନିଶାରେ ଗାଡି ଚାଳନା; ୬ ବାଇକ ଜବତ

ମହୁଲଡିହା,୨୫।୮ (ସମିସ): ମଦ ନିଶାରେ ଗାଡି ଚଳାଇବା ଅଭିଯୋଗରେ ୬ଟି ବାଇକ ଜବତ କରିଛି ପୁଲିସ। ସେହିପରି ଫିଟନେସ, ଇନସୁରାନ୍ସ ଠିକ ନ ଥିବାରୁ ଗୋଟିଏ ସ୍କୁଲ ବସ, ୨ଟି ପିକଅପ ନାମରେ ମୋକଦ୍ଦମା ରୁଜୁ ହୋଇଛି। ଘଟଣାରୁ ପ୍ରକାଶ ଯେ, ଯୋଡାମ୍ବ ଘାଟି ନିକଟରେ ୨୫ ତାରିଖ ଅପରାହ୍ନରେ ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ଯାଞ୍ଚ କରାଯାଉଥିଲା। ଯାଞ୍ଚ ସମୟରେ ୬ ବାଇକ ଚାଳକ ଚୁଙ୍ଗା ଫୁଙ୍କି ପାରିନଥିଲେ। ସେମାନେ ମଦ ନିଶାରେ ଥିବା ଜଣାପଡିଥିଲା। ଜବତ ଗାଡି ଚାଳକଙ୍କ ନାମରେ ଠାକୁରମୁଣ୍ଡା ଥାନାରେ ମକଦ୍ଦମା ରୁଜୁ ହୋଇଛି। ଫିଟନେସ ଓ ଇନସୁରାନ୍ସ ନ ନଥିବା ସ୍କୁଲ ବସ ଓ ଦୁଇଟି ପିକଅପ ଜବତ ହୋଇ ଫାଇନ କଟାଯାଇଛି। ନିଶାରେ ଗାଡି ଚଳାଇବା, ହେଲମେଟ ନ ପିନ୍ଧିବା, ମୋବାଇଲରେ କଥାହୋଇ ଗାଡି ଚଳାଇବା ଓ ଇନସୁରାନ୍ସ ନ ଥିବା ଚାଳକଠାରୁ ୧ ଲକ୍ଷ ୫ ହଜାର ୫ ଶହ ଜରିମାନା ଆଦାୟ ହୋଇଛି।

# ଶିକ୍ଷକ ବଦଳି ନେଇ ବିଦ୍ୟାଳୟରେ ତାଲା

କେନ୍ଦୁଝର,୨୫।୮ (ସମିସ):



କେନ୍ଦୁଝର ସଦର ବ୍ଲକ ମନୋହରପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ଆଜି ଅଭିଭାବକଗଣ ବିଦ୍ୟାଳୟରେ ତାଲା ପକାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, କିଛି ଦିନ ତଳେ ଏହି ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମିଶ୍ରଙ୍କୁ ପଳାସପଙ୍ଗା ମୁରୁସୁଆଁ ବିଦ୍ୟାଳୟକୁ ବଦଳି କରାଯିବାକୁ ନିର୍ଦ୍ଦେଶ ହୋଇଛି। ବର୍ତ୍ତମାନ ଯୋଶଦା ମହାନ୍ତ ଓ ଜମୁନା ମହାନ୍ତ ଦୁଇ ଜଣ ଶିକ୍ଷୟିତ୍ରୀ ଥିବା ନେଇ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପିଲା ସଂଖ୍ୟା ୭୫ ଥିବାରୁ ପାଠ ପଢାରେ ବାଧା ସୃଷ୍ଟି ହେଉଛି। ବର୍ଷା ସତ୍ତ୍ୱେ ଆଜି ସକାଳୁ ଅଭିଭାବକମାନେ ଫାଟକ ସମ୍ମୁଖରେ ପାଲ ଟାଣି ବିଦ୍ୟାଳୟକୁ ଆସି ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ ଜଣାଇଥିଲେ। ଫଳରେ ଉକ୍ତ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ହନୁମାନ ମନ୍ଦିର ନିକଟରେ ପାଠ ପଢିଥିଲେ। ଖବର ପାଇ ସଦର ବ୍ଲକ ଶିକ୍ଷା ଅଧିକାରୀ ଓଁକାର ଅନିମେସ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ତରଣୀସେନ ମୁଣ୍ଡା, ସିଆରସିସି ହରେ ରାମ ମହାନ୍ତ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଅଭିଭାବକ ମାନେ କୌଣସି ପ୍ରକାର ବୁଝିବା ପାଇଁ ଇଚ୍ଛା ପ୍ରକାଶ କରି ନଥିଲେ। ପରେ ପରିସ୍ଥିତି ଅସମ୍ଭାଳ ହେବାରୁ ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିଥିଲେ। ଲିଖିତ ଚୁକ୍ତିନାମା ପରେ ବର୍ତ୍ତମାନ ସମୟରେ କୌଣସି ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟରୁ ବଦଳି ହେବେ ନାହିଁ, ଏବଂ ପରବର୍ତ୍ତୀ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କ ସହିତ ବୈଠକ କରାଯାଇ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି।

■ ଲୁଗା ସାହାଯ୍ୟରେ ଦୋଳି ଖେଳିବା ହେଲା କାଳ

# ବେକରେ ଲୁଗା ଗୁଡ଼ାଇ ହୋଇ ନାବାଳିକାଙ୍କ ମୃତ୍ୟୁ

ତୁରୁମୁଙ୍ଗା,୨୫।୮ (ସମିସ): କେନ୍ଦୁଝର ଜିଲ୍ଲା ସଦର ଥାନା କାଠବାରି ପଞ୍ଚାୟତ କୁମୁଳାବାହାଳୀ ଗ୍ରାମରେ ଲୁଗାରେ ଦୋଳି ଖେଳୁଥିବା ବେଳେ ଜଣେ ନାବାଳିକାଙ୍କ ବେକରେ ଲୁଗା ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର କୁଳମଣି ମହାନ୍ତଙ୍କ ଝିଅ ହରପ୍ରିୟା ମହାନ୍ତ (୯)। ନାବାଳିକା ଲୁଗା ତିଆରି ଦୋଳିରେ ଘର ପଛପଟରେ ଖେଳୁଥିବା ସମୟରେ ଦୋଳିର ଲୁଗା ହରପ୍ରିୟାଙ୍କ ବେକରେ ଚାପି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ପୁଲିସ ମେଡିକାଲରେ ଶବ ଜବତ କରି ତଦନ୍ତ କରୁଛି। ନାବାଳିକାର ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ଚିକିତ୍ସା ଅବହେଳାରୁ ଷଷ୍ଠଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

କେନ୍ଦୁଝର,୨୫।୮ (ସମିସ): କେନ୍ଦୁଝର ସଦର ବ୍ଲକ୍ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଗୁରୁତର ହୋଇ ଭର୍ତ୍ତି ହୋଇଥିବା ଭୁବନେଶ୍ୱରର ଏକ ଘରୋଇ ସ୍କୁଲରେ ପଢୁଥିବା ଜଣେ ଷଷ୍ଠ ଶ୍ରେଣୀ ଆଦିବାସୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଝୁମ୍ପୁରା ବ୍ଲକ ଦ୍ୱିତୀୟ ଧନୁର୍ଜୟପୁର ଗାଁର ମିଳନ୍ ଓରାମ(୧୧)। ସୂଚନାନୁଯାୟୀ, ମିଳନ୍ ଭୁବନେଶ୍ୱର ଏକ ଘରୋଇ ସ୍କୁଲ ଛାତ୍ରବାସରେ ରହି ପାଠ ପଢୁଥିଲେ। ତେବେ ୭ଦିନ ତଳେ ସେକେଣ୍ଡ ଫ୍ଲୋଅର ଖଟରୁ ପଡି ତାଙ୍କର ଡାହାଣ ହାତ ଭାଙ୍ଗିବା ସହିତ ଗୋଡ଼ ଫୁଲିଯାଇଥିଲେ ହେଁ ସ୍କୁଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇ ନଥିବା ଅଭିଯୋଗ ହୋଇଛି। ସହପାଠୀଙ୍କ ଫୋନରେ ମିଳନ୍ କଥାହେବା ପରେ ଗତକାଲି ବାପା ଚୈତନ୍ୟ ଓରାମ ମା' ଫାଲଗୁନି ଓରାମ ଏବଂ ମାମୁଁ ସୁରୋଜ ମୋଦି ସ୍କୁଲକୁ ଯାଇ ତାଙ୍କୁ ପଦ୍ମପୁର ସ୍ଥାନୀୟ କଣାପୋଶି ମାମୁଁ ଘରକୁ ଆଣିଥିଲେ। ସକାଳେ ବ୍ରସ୍ କରିବା ପରେ ଗୁରୁତର ହେବାରୁ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମିଳନ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପରିବାର ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ମିଳନ୍‌ଙ୍କ ଅବସ୍ଥା ଗୁରୁତର ହୋଇଥିଲେ ହେଁ ପରିବାରଙ୍କୁ ଜଣାଇ ନଥିଲେ। ଅବହେଳା ଯୋଗୁଁ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଖବର ପାଇ ସଦର ଥାନା ଏସ୍‌ଆଇ ପ୍ରବୋଧ ଚନ୍ଦ୍ର ମହାନ୍ତି ମେଡିକାଲରେ ପହଞ୍ଚି ଶବ ଜବତ କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ୭୦/୨୫ରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଛି। ତେବେ ଏହି ଘଟଣାକୁ ନେଇ ଉପଯୁକ୍ତ ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।

# ଦେଓଗାଁରେ ନିଲମ୍ବିତ କର୍ମଚାରୀଙ୍କୁ ପୁନଃନିଯୁକ୍ତି

■ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଚାଷୀ

କେନ୍ଦୁଝର,୨୫।୮ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଦେଓଗାଁ ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ନିକଟରେ ସମିତି ଅଧୀନରେ ଥିବା ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ଚାରିବର୍ଷ ତଳେ ଏହି ଅଭିଯୋଗରେ ଜିଲ୍ଲାପାଳଙ୍କ ଦ୍ୱାରା ନିଲମ୍ବିତ ହୋଇଥିବା ଡାଟା ଏଣ୍ଟ୍ରି ଅପରେଟର ଲକ୍ଷ୍ମୀଧର ରାଉତଙ୍କ ନାମରେ ଏହି ଅଭିଯୋଗ ଆସିଛି। ନିଲମ୍ବିତ ହୋଇଥିବା ଅସ୍ଥାୟୀ କର୍ମଚାରୀଙ୍କୁ କିପରି ନିଯୁକ୍ତି ଦିଆଗଲା ଏହାକୁ ନେଇ ପ୍ରଶ୍ନ ଉଠିଛି। କାର୍ଯ୍ୟରତ ଡିଇଓ ଲକ୍ଷ୍ମୀଧରଙ୍କୁ ୨୦୨୧ ନଭେମ୍ବରରେ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ତାଙ୍କ ନାମରେ ୨୧୮ ଜଣ ଚାଷୀଙ୍କ ନାମ ପଞ୍ଜୀକରଣରେ ଜାଲିଆତି ଅଭିଯୋଗ ହୋଇଥିଲା। ପ୍ରକୃତ ଚାଷୀଙ୍କର ପଞ୍ଜୀକରଣ ନକରି ନକଲି ଚାଷୀଙ୍କ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ତଞ୍ଚକତା କରାଯାଇ ଲକ୍ଷ୍ମୀଧରଙ୍କୁ ପୁନଃନିଯୁକ୍ତି ପ୍ରଦାନ କରାଯାଇଛି। ଲକ୍ଷ୍ମୀଧର ପୁଣି ଚାଷୀମାନଙ୍କଠାରୁ ଋଣ ଓ ସାର ବିକ୍ରିରେ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ନିଲମ୍ବିତ କର୍ମଚାରୀଙ୍କୁ ପୁଣି କିଭଳି ନିଯୁକ୍ତି ଦିଆଯାଇଛି ସେ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ତଥା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏନେଇ ସମିତିର ସଭାପତି ରମାକାନ୍ତ ବଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ତାଙ୍କୁ କିଏ ନିଯୁକ୍ତି ଦେଲା ସେ ସମ୍ପର୍କରେ ସେ ଜାଣିନଥିବା ପ୍ରକାଶ କରିଛନ୍ତି।

# ଏନ୍‌ଏସି ତାଲିକାରୁ ବାଲିଆପାଳ ବାଦ ପଡ଼ିବାର ପ୍ରତିବାଦ

ବାଲିଆପାଳ, ୨୫।୮ (ସମିସ)

ରାଜ୍ୟ ସରକାରଙ୍କ ଦ୍ୱାରା ସଦ୍ୟ ପ୍ରକାଶିତ ନୂତନ ଏନଏସି ତାଲିକାରୁ ବାଲିଆପାଳ ବାଦ ପଡ଼ିବା ପ୍ରତିବାଦରେ ବାଲିଆପାଳ ଯୁବ କଂଗ୍ରେସ ପକ୍ଷରୁ ବିରୋଧ ବିକ୍ଷୋଭ ସମାବେଶ ବାଲିଆପାଳ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସର କର୍ମୀମାନଙ୍କ ଦ୍ୱାରା ମଧୁପୁରା ପଞ୍ଚାୟତର ଖଗଡାପାଳ ମହାଦେବ ମନ୍ଦିରଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ସିମୁଳିଆ ବଜାର ଦେଇ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡ ଏବଂ ସେଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିଆପାଳ ବ୍ଲକର ବହୁ ବରିଷ୍ଠ କଂଗ୍ରେସ ନେତା ଏବଂ ଶତାଧିକ ଯୁବ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ। ବାଲିଆପାଳ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ବିରୁଦ୍ଧରେ କଂଗ୍ରେସ ନେତା ଏବଂ ଯୁବ କଂଗ୍ରେସ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇଥିଲେ।




ସରକାର ଯଥାଶୀଘ୍ର ବାଲିଆପାଳକୁ ଏନଏସି ଘୋଷଣା ନ କଲେ ଜୋରଦାର ଆନ୍ଦୋଳନ ହେବ ବୋଲି କଂଗ୍ରେସ ପକ୍ଷରୁ ଏହି ବିକ୍ଷୋଭ ସମାବେଶରେ କଂଗ୍ରେସ ନେତା ମାନେ କହିଥିଲେ। ସମସ୍ତ ପ୍ରକାର ମାନଦଣ୍ଡ ପୁରଣ ହେଉଥିବା ବେଳେ ସଦ୍ୟ ପ୍ରକାଶିତ ହୋଇଥିବା ନୂତନ ଏନ୍‌ଏସି ତାଲିକାରୁ ବାଲିଆପାଳକୁ ବାଦ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନେତା ମାନେ କହିଥିଲେ। ଏହି ସମାବେଶରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜିବ ଗିରି, ବ୍ଲକ ଅଧକ୍ଷା ରଞ୍ଜିତା ନାୟକ, ଯୁବ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ ବରିଷ୍ଠ କଂଗ୍ରେସ ନେତା ମୁରଲି ମୋହନ ସାହୁ, ନରହରି ଜେନା, ଜଗନ୍ନାଥ ବିଶ୍ୱାଳ, ବ୍ଲକ ଉପାଧକ୍ଷ ରାଜେଶ ଚୌଧୁରୀ, ଯୁବ କଂଗ୍ରେସ ସଭାପତି ସୁବାସ ନାୟକ, ସମ୍ପାଦକ ବିକାଶ ବାରିକ ନିର୍ବାଚନ

**ଯୁବ କଂଗ୍ରେସର ବିକ୍ଷୋଭ**

ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀମାନେ ଯୋଗଦେଇଥିଲେ। ବାଲିଆପାଳକୁ ଏନଏସି ମାନ୍ୟତା ସହିତ ସୁବର୍ଣ୍ଣରେଖା ନଦୀରେ ଆସୁଥିବା ବାରମ୍ବାର ବନ୍ୟାର ପ୍ରତିକାର ସ୍ୱରୂପ ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ଏବଂ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ବନ୍ୟା ଆସି ବାଲିଆପାଳ ବ୍ଲକର ଘଟାଇଥିବା ପ୍ରଭୁତ କ୍ଷତିର ଆକଳନ କରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ପ୍ରଭୃତି ଦାବି କରି ଆଜି ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ଦିଆଯାଇଥିଲା।

## ସମସ୍ତଙ୍କୁ ଗୁହାରୀ କଲେଣି

# ବିରିପଡ଼ିଆ ଗାଁକୁ ନିର୍ମାଣ ହେଉନି ପକ୍କା ରାସ୍ତା

ଖଇରା,୨୫।୮ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ରମଦା ଗ୍ରାମରୁ ବାଉଁଶଗଡିଆ ୩ ନମ୍ବର ୱାର୍ଡ ବିରିପଡିଆ ଗ୍ରାମକୁ ପକ୍କା ବା ପିଚୁ ରାସ୍ତାଟିଏ ପାଇଁ ଗାଁ ଲୋକେ ୭୮ ବର୍ଷ ହେଲା ସମସ୍ତଙ୍କୁ ଗୁହାରି କରୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଗାଁ ଲୋକଙ୍କ କଥା କେହି ଶୁଣିଲେନି। ବାଧ ହୋଇ ସମୂହ ଗ୍ରାମବାସୀ ପୁଣିଥରେ ସୋମବାର ଦିନ ଖଇରା ଗସ୍ତରେ ଆସିଥିବା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ ଗ୍ରାମର ଲୋକସଂଖ୍ୟା ୫ଶହ ହୋଇଥିବା ବେଳେ ପ୍ରାୟ ସମସ୍ତେ ଜନଜାତି ସଂପ୍ରଦାୟର। ଗ୍ରାମର କେହି ଅସୁସ୍ଥ ହେଲେ ଜରୁରୀ ସମୟରେ ଆମ୍ବୁଲାନ୍ସଟିଏ ଗାଁକୁ ଆସି ପାରୁନାହିଁ କି ଦମକଳ ଗାଡି ଟିଏ ଗାଁକୁ ପଶିବା ମୁସ୍କିଲ ହୋଇ ପଡୁଛି। ଖଇରା ବ୍ଲକର ଏହି ଗ୍ରାମର ବାସିନ୍ଦା ଏବେ ଦ୍ୱୀପରେ ରହିବା ଭଳି ଜୀବନ ଅତିବାହିତ କରୁଛନ୍ତି। ଏହି ଗ୍ରାମକୁ ରାସ୍ତା ପାଇଁ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସୁପାରିସରେ ଜିଲା ଖଣିଜ ପାଣ୍ଠିରୁ ୮ ଲକ୍ଷ



ଟଙ୍କା ଦିଆଯାଇଥିବା କୁହାଯାଉଥିଲେ ହେଁ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନପାରିବା ଗ୍ରାମବାସୀଙ୍କୁ ନିରାଶ କରିଛି। ତୁରନ୍ତ ଗ୍ରାମବାସୀଙ୍କ ଆବଶ୍ୟକତାକୁ ସମ୍ମାନ ଦେଇ ରାସ୍ତାକୁ ସମ୍ପୂର୍ଣ୍ଣ କରିବାକୁ ପଞ୍ଚାୟତର ଯୁବ ସଙ୍ଗଠକ ଦୈତାରୀ ପଣ୍ଡା, ଗ୍ରାମ ଅଧିବାସୀ ସାଲୁକା ସିଂ, ସବିତାରାଣୀ ସେଠୀ, ରିଗା ମୁଣ୍ଡି, ସଞ୍ଜୟ ପାତ୍ର ପ୍ରମୁଖ ଦାବି କରିଛନ୍ତି।

# ବନ୍ୟାଞ୍ଚଳରେ ବସ୍ତା ବିଧାୟିକା



କାଳିପଦା/ବାଲିଆପାଳ,୨୫।୮ (ସମିସ): ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇ ଷଷ୍ଠ ଥର ପାଇଁ ବନ୍ୟା ହୋଇଛି। ଏଥିରେ ବାଲିଆପାଳ ବ୍ଲକର ବହୁ ପଞ୍ଚାୟତରେ ଜନଜୀବନ ବିଶେଷ ଭାବେ ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଚାଷୀ ମାନଙ୍କର ଫସଲ ମଧ ନଷ୍ଟ ହୋଇ ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି। ଏପରି ବିପଦ ସମୟରେ ସୋମବାର ଦିନ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିପନ୍ନଙ୍କ ଅବସ୍ଥା ପଚାରି ବୁଝିଥିଲେ ବସ୍ତା ବିଧାୟିକା ସୁବାସିନୀ ଜେନା। ଲୋକମାନଙ୍କ ସହିତ ବନ୍ୟା ସମସ୍ୟା ବାବଦରେ ଆଲୋଚନା କରି ସେମାନଙ୍କ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟ ଏବଂ ପାନୀୟ ଜଳର ସହାୟତା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ବିଧାୟିକା ଜେନା ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ଫସଲ ନଷ୍ଟ ହୋଇଯାଇଥିବାରୁ ବହୁ ଚାଷୀ ହତାଶ ହୋଇଛନ୍ତି। ଏଣୁ ଆଜି ଗଣମାଧ୍ୟମ ଜରିଆରେ ସେମାନଙ୍କ କ୍ଷୟକ୍ଷତିର ଭରଣା ନିମନ୍ତେ ସରକାରଙ୍କୁ ଅନୁରୋଧ କରିବା ସହିତ ବାଲିଆପାଳ ବ୍ଲକର ବନ୍ୟାଞ୍ଚଳ ଗୁଡ଼ିକରେ କେଉଁ ପ୍ରକାର ସୁବିଧା ସୁଯୋଗ ମିଳିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ବିଧାୟିକା ଜେନା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକାଙ୍କ ସହ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ରଘୁନାଥ ଜେନା, ଇନତାଜ ସାହା, ଭଗବାନ ରାଉଳ ପ୍ରମୁଖ ବହୁ ନେତୃବୃନ୍ଦ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ।

# ବଜ୍ରପାତରୁ ସୁରକ୍ଷା ଲାଗି ସଚେତନତା କାର୍ଯ୍ୟକ୍ରମ




ଜଳେଶ୍ୱର,୨୫।୮ (ସମିସ): ଅଞ୍ଚଳରେ ତାଳଗଛ, ବଡ଼ ବଡ଼ ବୃକ୍ଷ କମିବା ଓ ସଚେତନତା ଅଭାବରୁ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବଢି ବଢ଼ି ଚାଲିଛି। ତେଣୁ ବ୍ୟାପକ ତାଳ ମଞ୍ଜି ରୋପଣ ସହିତ ବଜ୍ରପାତରୁ ମୁକ୍ତି ପାଇବା ଲାଗି ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ବର୍ତ୍ତନା ପଞ୍ଚାୟତର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ବଜ୍ରପାତ ସୁରକ୍ଷା ରଥ ବୁଲିବା ସହିତ ପଥପ୍ରାନ୍ତ ନାଟକ ଓ ଏଲ.ସି.ଡି ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ ହୋଇଥିଲା। ଘଡ ଘଡ଼ି ସମୟରେ ପଦାକୁ ନ ବାହାରିବା, ବୃକ୍ଷ ତଳେ ଆଶ୍ରୟ ନ ନେବା, ବିଦ୍ୟୁତ୍ ସରଞ୍ଜାମ ବ୍ୟବହାର ନ କରିବା, ଛୋଟ ଗଛ ତଳେ ଆଶ୍ରୟ ନେବା, ଜୋର୍ ବଜ୍ରପାତ ସମୟରେ ଖୋଲା ସ୍ଥାନରେ ମୁହଁ ମାଡି ଶୋଇ ପଡ଼ିବା ସଂପର୍କରେ ରଥରେ ଆସିଥିବା ଶୁଭଙ୍କର ଜେନା ବାର୍ତ୍ତା ଦେଇଥିଲେ। ପଞ୍ଚାୟତର ଗାଜିଆଣି ଚଣ୍ଡୀ ଉତ୍ସବ ଚରଣ ଉଚ୍ଚ ବିଦ୍ୟାଳୟ ଛକ, ବର୍ତ୍ତନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କସିଦା ଭଗବତୀ ମାତା ଉଚ୍ଚ ବିଦ୍ୟାପୀଠ, ଷୋଳଷଣ୍ଢା ଦୋଳ ପଡ଼ିଆ ଇତ୍ୟାଦି ସ୍ଥାନରେ ଏଲଇଡି ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ନିର୍ବାଚିତ ପ୍ରତିନିଧି, ଯୁବକ ସଂଘ, ସ୍ୱୟଂସହାୟକ ଗୋଷ୍ଠୀ, ଶିକ୍ଷକ, ଗ୍ରାମବାସୀ ଉପସ୍ଥିତ ଥିଲେ। ସରପଞ୍ଚ ମଧୁସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ସମିତି ସଦସ୍ୟ ତ୍ରିଲୋଚନ ଦାସ, ରବୀନ୍ଦ୍ର ନାଥ ବେହେରା, ପଦ୍ମଲୋଚନ ବେହେରା, ରବୀନ୍ଦ୍ରନାଥ ପାଳ, ଗଣେଶ ସାମଲ, ତ୍ରିଲୋଚନ ସେଠୀ, ଦେବପ୍ରସାଦ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

# ପିକ୍‌ଅପ୍‌ରେ ପିଟିହୋଇ ବାଇକ ଆରୋହୀ ମୃତ

ରୂପସା, ୨୫।୮ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ମିରିଗୀମୁଣ୍ଡି ଛକ ନିକଟ ମା ହୋଟେଲ ନିକଟରେ ଆଜି ପିକଅପ ଦେହରେ ବାଡେଇ ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ବସ୍ତା ଥାନା ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଚାଳନ୍ତି ଗ୍ରାମର ପିଅନ ହେମ୍ବ୍ରମ ବାଇକ ଯୋଗେ ବାଲେଶ୍ୱର ନିଜ ଝିଅର ସ୍କୁଲକୁ ଦେଖାକରିବାକୁ ଯାଉଥିବା ସମୟରେ ମିରିଗୀମୁଣ୍ଡି ଛକ ମା' ହୋଟେଲ ନିକଟରେ ଆଗରେ ଚାଲିଥିବା ଏକ ଦ୍ରୁତଗାମୀ ପିକଅପକୁ ଓଭର ଟେକ୍ କରୁଥିବା ସମୟରେ ବାଇକ ଆରୋହୀ ଜଣକ ପିକଅପ ଦେହରେ ବାଡେଇ ହୋଇ ତଳେ ପଡ଼ିଯାଇଥିଲେ। ତେବେ ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀ ହେମ୍ବ୍ରମ ବର୍ତ୍ତମାନ ସନ୍ତୋଷପୁର ଗ୍ରାମ ପଞ୍ଚାୟତରେ ଜିଓ ଟେଗ ଭାବରେ କାର୍ଯ୍ୟରତ ଥିଲେ। ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଓ ରୁପ୍ସା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ପଶ୍ଚିମବଙ୍ଗ ଚାଲାଣବେଳେ ଗଞ୍ଜେଇ ଜବତ

ଖଇରା,୨୫।୮ (ସମିସ): ବସ୍‌ରେ ପଶ୍ଚିମବଙ୍ଗ ଗଞ୍ଜେଇ ଚାଲାଣ ବେଳେ ଖଇରା ଅବକାରୀ ଥାନା ଓ ନୀଳଗିରି ଅବକାରୀ ରେଞ୍ଜ ପକ୍ଷରୁ ମିଳିତ ଭାବେ ଚଢଉ କରାଯାଇ ୨୦କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ ପଶ୍ଚିମବଙ୍ଗ ନଦିଆ ଜିଲା ତେହତା ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ସୁଲତାନ ଖାନା ଓ ଚାପ୍ରା ଥାନା ବେକବେରିଆ ଗ୍ରାମର ଅଶିତ ମଲ୍ଲିକ ଓ ଟିମାଜୁଦ୍ଦିନ ଶାହା। ସେମାନଙ୍କ ନାମରେ ୨ଟି ମାମଲା ରୁଜୁ କରାଯାଇ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ବସରେ ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ଚୋରା ଚାଲାଣ ବେଳେ



ଜାମୁଝାଡି ଛକ ନିକଟରେ ଅବକାରୀ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ନୀଳଗିରି ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ସବଇନ୍ସପେକ୍ଟର ସୁରଜ ଟିଗା, ଏଏସଆଇ ଦୀପିକା ପରିଡା, କନେଷ୍ଟବଳ କାଜଲ ପ୍ରିୟଦର୍ଶନୀ ପ୍ରମୁଖ ସାମିଲ ଥିଲେ।

# ମୂର୍ତ୍ତି ଗଢି ପରିବାର ପୋଷେ: କୃଷ୍ଣଚନ୍ଦ୍ର

ସିମୁଳିଆ, ୨୫।୮ (ସମିସ): ବାହାର ରାଜ୍ୟର ଡିଜାଇନର ମୂର୍ତ୍ତିର ଚାହିଦା ବେଶ୍ ରହିଛି। ଅର୍ଡର ମୁତାବକ ବିଭିନ୍ନ ଡିଜାଇନର ତିଆରି ହୋଇଛି ଗଣେଶ ମୂର୍ତ୍ତି। ବର୍ଷ ସାରା ମୂର୍ତ୍ତି ଗଢି ପରିବାର ପୋଷେ। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ନୂଆପଲ୍ଲୀ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ। ମାଟିରେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ମୂର୍ତ୍ତି ତିଆରି କରି ସବୁ ବେଳେ ଚର୍ଚ୍ଚାରେ ରହିଥାନ୍ତି। ପୂଜାପର୍ବ ଦୁଇ ମାସ ଆଗରୁ ବିଭିନ୍ନ ସ୍ଥାନରୁ ସ୍ୱତନ୍ତ୍ର ମାଟି ଆଣି ମୂର୍ତ୍ତି ତିଆରି କରନ୍ତି। ଚଳିତ ବର୍ଷ କଲିକତା, ମୁମ୍ବାଇ ଡିଜାଇନର ଗଣେଶ ମୂର୍ତ୍ତି ତିଆରି କରିଛନ୍ତି ସେ। ବିଶେଷ କରି ଦୁର୍ଗା ରୂପୀ ଗଣେଶ, ରୁଦ୍ର ଅବତାର, ସିଂହାସନରେ ଗଣେଶ ଆଦି ବିଭିନ୍ନ ପ୍ରକାରର ଗଣେଶ ମୂର୍ତ୍ତି ଅର୍ଡର ମୁତାବକ ତିଆରି କରାଯାଇଛି। ମାଟିରେ ମୂର୍ତ୍ତି ତିଆରି କରିବା ପାଇଁ ମାସେ ସମୟ ଲାଗୁଥିବା ବେଳେ ଗଣେଶ



ପୂଜାକୁ ଦୃଷ୍ଟିରେ ରଖି ମୂର୍ତ୍ତି ଗୁଡିକୁ ରଙ୍ଗ ଦେବା ସହ ସାଜସଜ୍ଜା କରିବା ପାଇଁ କଲିକତାରୁ ବିଭିନ୍ନ ପ୍ରକାରର ସାମଗ୍ରୀ ଆଣି ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ମୂର୍ତ୍ତି ତିଆରିକୁ ନିଜର ଜୀବିକା ଭାବରେ ଗ୍ରହଣ କରି କୃଷ୍ଣଚନ୍ଦ୍ର ୩୦ରୁ ବର୍ଷ ଧରି ବିଭିନ୍ନ ପ୍ରକାରର ମୂର୍ତ୍ତି ତିଆରି କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ମୂର୍ତ୍ତି ତିଆରି କରିବାରେ କୃଷ୍ଣଚନ୍ଦ୍ରଙ୍କୁ ତାଙ୍କ ସ୍ତ୍ରୀ, ପୁଅ ଓ ସମ୍ପର୍କୀୟ ମଧ୍ୟ ସହଯୋଗ କରିଥାନ୍ତି। ଭଦ୍ରକ, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଗ୍ରାହକ ମାନେ ଆସି ମୂର୍ତ୍ତି ନେଉଥିବା କୃଷ୍ଣଚନ୍ଦ୍ର କହିଛନ୍ତି। ଏଥର ୨୦୦ରୁ ଅଧିକ ମୂର୍ତ୍ତି ତିଆରି କରି ବିକ୍ରି କରୁଥିବା ଜଣାପଡିଛି।

# ଖଇରା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି

## ଖଇରାକୁ ଏନ୍‌ଏସି ମାନ୍ୟତା ପାଇଁ ବରିଷ୍ଠ ନାଗରିକ ମଞ୍ଚର ଦାବି

ଖଇରା,୨୫।୮ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ସୋମବାର ଦିନ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲାପାଳ ସି ସିବୁ ମାଲବିଆ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ରହି ୧୦୯ ଅଭିଯୋଗର ଶୁଣାଣି କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନେ ଖଇରାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଓ ଖଇରା ବଜାରରେ ବିଶ୍ରାମା ଗୃହ ନିର୍ମାଣ ପାଇଁ ଜନଜାଗରଣ ମଞ୍ଚ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହାଇକୋର୍ଟ ରାୟ ସତ୍ତ୍ୱେ ଶ୍ୟାମସୁନ୍ଦରପୁର ମୌଜାର ମହାରାଣାସାହି ସମ୍ମୁଖ ଭାଗରେ ବେଆଇନ ଜବରଦଖଲକୁ ତହସିଲଦାର ଉଚ୍ଛେଦ କରୁନଥିବା ନେଇ ମହାରଣାସାହିର ବାସିନ୍ଦା ମାନେ ଅଭିଯୋଗ କରିଥିଲେ। ମାଣିତ୍ରୀ ଗ୍ରାମପଞ୍ଚାୟତ ୫ ୱାର୍ଡରେ ରାସ୍ତା, ପାଣି, ବିଦ୍ୟୁତ, ଶିକ୍ଷା ଓ ଜଳନିଷ୍କାସନ ସମସ୍ୟା ନେଇ ଅଧିବାସୀମାନେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ବିଡିଓ ନାରାୟଣ ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା, କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକ, ଗ୍ରାମ ପଞ୍ଚାୟତ ଅଧିକାରୀ ସୁରେଶ ମଣ୍ଡଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।



# ଆବେଦନକାରୀଙ୍କ ପ୍ରକଳ୍ପ ତାଲିକାଭୁକ୍ତ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଖଇରା,୨୫।୮ (ସମିସ): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ବାତ୍ୟା ଦାନା ପରବର୍ତ୍ତୀ କ୍ଷୟକ୍ଷତି ତାଲିକା ପ୍ରସ୍ତୁତିରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମିତି ସଭ୍ୟ ବାସନ୍ତୀ ମହାନ୍ତି ଓ ଅନ୍ୟକିଛି ପଞ୍ଚାୟତର ଲୋକପ୍ରତିନିଧି ଉଚ୍ଚ ଅଦାଲତର ଆଶ୍ରୟ ନେଇଥିଲେ। ଉଚ୍ଚ ଅଦାଲତ ଏହି ମାମଲା (ଡବ୍ଲ୍ୟୁପି(ସି) ନଂ ୧୪୭୦୦ଅଫ ୨୦୨୫)ର ବିଚାର କରି ଅଗଷ୍ଟ ୨୧ରେ ରାୟ ପ୍ରଦାନ କରିଛନ୍ତି। ବିଚାରପତି ଆର କେ ପଟ୍ଟନାୟକ ତାଙ୍କ ରାୟରେ ଆବେଦନକାରୀଙ୍କ ପ୍ରତିନିଧିତ୍ୱ ବିଚାରକୁ ନେଇ ରିଲିଫ, ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ପ୍ରକଳ୍ପ ତାଲିକା ପୁନର୍ବାର ପ୍ରସ୍ତୁତ କରି ଆବେଦନକାରୀଙ୍କ ବାଦ ଦିଆଯାଇଥିବା ପ୍ରକଳ୍ପ ଗୁଡିକୁ ସାମିଲ କରିବାକୁ ଉଲ୍ଲେଖ କରିଛନ୍ତି। ରାୟ ପ୍ରକାଶ ପାଇବାର ୩ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାୟ ପ୍ରକାଶ ପରେ ବିରୋଧୀ ବିଜେଡି ସମର୍ଥିତ ଲୋକପ୍ରତିନିଧି ମାନେ ଉତଫୁଲ୍ଲିତ ହୋଇ ପଡିଛନ୍ତି।

# ବ୍ଲକ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ

ସୋର, ୨୫।୮ (ସମିସ): ସୋର ବ୍ଲକ କାର୍ଯ୍ୟାଳୟରେ ଜଣେ ମହିଳା କର୍ମଚାରୀଙ୍କୁ ଜଣେ ବ୍ୟକ୍ତି କାର୍ଯ୍ୟାଳୟ ମଧ୍ୟରେ ଅସଦାଚରଣ ଏବଂ ଅଶାଳୀନ ବ୍ୟବହାର କରିଥିବା ନେଇ କର୍ମଚାରୀ ଜଣଙ୍କ ସୋର ଥାନାରେ ଅଭିଯୋଗ କରିଛନ୍ତି। ସୋର ବ୍ଲକର ଖାଦ୍ୟ ଯୋଗାଣ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା ଡାଟା ଏଣ୍ଟ୍ରି ଅପରେଟର ଟିକିଲି ଶଙ୍ଖୁଆ ଆଜି ମଧ୍ୟାହ୍ନରେ କାର୍ଯ୍ୟାଳୟରେ କାମ କରୁଥିଲେ। ଏହି ସମୟରେ ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ଗ୍ରାମର ରବୀନ୍ଦ୍ର ବେହେରା କାର୍ଯ୍ୟାଳୟରେ ପଶି ତାଙ୍କୁ ଅସଦାଚରଣ କରିବା ସହିତ ଠେଲାପେଲା କରିଥିଲେ। ଏପରିକି ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏ ବାବଦରେ ଶ୍ରୀମତୀ ଶଙ୍ଖୁଆ ସୋର ବିଡ଼ିଓ ସତ୍ୟନାଥ ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ବିଡ଼ିଓ ଶ୍ରୀ ନାୟକ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ବ୍ଲକରେ ପହଞ୍ଚି ତଦନ୍ତ କରି ଫେରିଛି।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବୈଠକ




ନୀଳଗିରି, ୨୫।୮ (ସମିସ): ନୀଳଗିରି ସହର ବାଇପାସ ଛକ ନିକଟସ୍ଥ ବନମାଳୀ ଭବନ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରିର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଦଳର ବରିଷ୍ଠନେତା ସୀତାରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଜିଲ୍ଲାସଭାପତି ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ କୁମାର ସ ମଞ୍ଚାସିନ ରହି ସ୍ଥାନୀୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପାଟପୁର ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ଦକ୍ଷିଣ ନରସିଂହପୁର ଶାଖା ସମ୍ପାଦକ ଦେବେନ୍ଦ୍ର ବେହେରା, ମହିଳା ଶାଖା ସମ୍ପାଦିକା ଗାୟତ୍ରୀ ପଣ୍ଡାଙ୍କ ସମେତ ବିକ୍ରମ ମିଶ୍ର, ନଟବର ନାୟକ, ନିରଞ୍ଜନ ଜେନା, ବାସନ୍ତୀ ନାୟକ ପ୍ରମୁଖ ଜୋନ କମିଟି ସଭ୍ୟ/ସଭ୍ୟା ଉପସ୍ଥିତ ରହି ଇକୋ ସେନସିଟିଭ ଜୋନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବା ନେଇ ନିଷ୍ପତ୍ତି ଗ୍ରହଣ କରିଥିବାବେଳେ ଉପଖଣ୍ଡର ପ୍ରତ୍ୟେକ ସ୍କୁଲ ମାନଙ୍କରେ ମଧ୍ୟାହ୍ନ ଭୋଜନରେ ଦୁର୍ନୀତି ବିରୁଦ୍ଧରେ ଉତ୍କଳ ମହିଳା ସମିତି ନେତ୍ରୀ ଗାୟତ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତନିଧି ମଣ୍ଡଳୀ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେବାନେଇ ପ୍ରସ୍ତାବ ଆଗତ ହୋଇଛି।

# ୧୩୬ ବର୍ଷର ସରକାରୀ ବିଦ୍ୟାଳୟର ବିକାଶ ଦାବି

ଜଳେଶ୍ୱର,୨୫।୮ (ସମିସ)

ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନ ଅଲାଲପୁର ୧୬ ନମ୍ବର୍ ୱାର୍ଡ ସ୍ଥିତ ୧୩୬ ବର୍ଷ ସର୍ବ ପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଜରୁରୀ ହୋଇ ପଡ଼ିଛି। ଇଂରେଜ ଶାସନ କାଳରେ ଗଢି ଉଠିଥିବା ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ବି ଅବହେଳିତ ଅବସ୍ଥାରେ ରହିଛି। ଉକ୍ତ ଶିକ୍ଷାନୁଷ୍ଠାନ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସର୍ବପୁରାତନ ଐତିହ୍ୟ ବିଦ୍ୟାଳୟ ହୋଇଥିଲେ ମଧ ଶିକ୍ଷା ବିଭାଗ ଓ ପ୍ରଶାସନର କୃପା ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ ହୋଇଛି। ୧୮୮୮ ମସିହାରେ ସ୍ଥାପନ ହୋଇଥିବା ଉକ୍ତ ବିଦ୍ୟାଳୟକୁ ଚକବିଷ୍ଣୁ, ଭାଦା, ଚୂଡ଼ାମଣୀପୁର, ଚକବାବନ, ନିମପୁର, ମଣିପାଟଣା, ନହଞ୍ଜରା, ବାଣିଦା, ମହୁଡି ନଗର, ଆରୁହା, ଧାରାଷ୍ଟକ ଗ୍ରାମର ଛାତ୍ରଛାତ୍ରୀମାନେ ପଢ଼ିବାକୁ ଆସିଥାନ୍ତି। ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିଲେ ମଧ ପରବର୍ତ୍ତୀ ଶିକ୍ଷା ଗ୍ରହଣ ପାଇଁ ଅଡୁଆ ବଢୁଛି। ଅନୁଷ୍ଠାନରେ ୩୫୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଏଠାରେ ନବମ ଓ ଦଶମ ଶ୍ରେଣୀ ଖୋଲିବା ନିତ୍ୟାନ୍ତ ଆବଶ୍ୟକ ରହିଛି। କାରଣ ୪ କିମି ପରିଧି ମଧ୍ୟରେ କୌଣସି ଉଚ୍ଚ ବିଦ୍ୟାଳୟ ନାହିଁ। ବିଦ୍ୟାଳୟ ଶିକ୍ଷାର୍ଥୀ ସଂଖ୍ୟା ଅନୁସାରେ ଶ୍ରେଣୀ ଗୃହ ଆବଶ୍ୟକ ହୋଇ ମଧ ପଡିଛି। ମାତ୍ର ୬ଟି କୋଠରୀରେ ଶିକ୍ଷାଦାନ ହେଉଥିବା ବେଳେ ଆଉ ୪ଟି ଶ୍ରେଣୀ ଗୃହର ଆବଶ୍ୟକତା ରହିଛି। ବିଦ୍ୟାଳୟର ପାଚେରୀ ଭଗ୍ନ ଅବସ୍ଥାରେ ରହିଥିବା ବେଳେ ଉକ୍ତ ପୁରାତନ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ବିକାଶ ଓ ସମ୍ପ୍ରସାରଣ କରିବାର ଜରୁରୀ ହୋଇପଡ଼ିଛି। ନିକଟ ଅଞ୍ଚଳରେ ନବମ ଓ ଦଶମ ଶିକ୍ଷା ଗ୍ରହଣ ଲାଗି ବ୍ୟବସ୍ଥା ନ ଥିବାରୁ ବହୁ ଛାତ୍ରଛାତ୍ରୀ ଅଷ୍ଟମରୁ ପାଠ ଛାଡିବାକୁ ବାଧ ହେଉଛନ୍ତି। ଅନୁଷ୍ଠାନର ଛାତ୍ରୀ ଛାତ୍ରୀ ସଂଖ୍ୟା ଅନୁସାରେ ବିଦ୍ୟାଳୟରେ ନବମ ଦଶମ ଶ୍ରେଣୀ ଖୋଲିବା ପାଇଁ ପରିଚାଳନା କମିଟି, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ପ୍ରମୁଖ ଅଣ୍ଟା ଭିଡିଛନ୍ତି। ଏ ସମ୍ପର୍କରେ ଏକ ପ୍ରତିନିଧି ମଣ୍ଡଳୀ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ପରିଚାଳନା କମିଟି ସଭାପତି ଗିରିଜା ଶଙ୍କର କର, କାଉନସିଲର ଲକ୍ଷ୍ମଣ ସୋରେନ୍, ରାଜେଶ କୁମାର ଦେ, କୌଶିକ ମହାନ୍ତି, ସୁଶାନ୍ତ ସିଂ, ଗୋବିନ୍ଦ ମହାନ୍ତି, ସିଲୁ ଦାସ, ଶମ୍ଭୁ ରଣା, ଈଶ୍ୱର ପ୍ରଧାନ, ସୁଜିତ୍ ଦେ, ସୁନୀଲ ପଟନାୟକ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତି ଉତ୍ତରରେ ମନ୍ତ୍ରୀ ଉକ୍ତ ଦାବିପତ୍ରକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।




**ଗଣ ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ଗ୍ରାମବାସୀ**

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। କାରବାରୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରଖା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେୟାର୍ ମାର୍କେଟ୍ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତର୍କବିଦ୍ୟା ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

### ଆଜିର ଇତିହାସ

- ୧୩୦୩- ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ଚିତୋରଗଡ଼ ଦୁର୍ଗ ଦଖଲ କଲେ।
- ୧୯୨୦- ଆମେରିକାରେ ମହିଳାମାନଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୮୨- ନାସା ଟେଲିସେଟ୍ ଏଫ୍‌ର ପ୍ରକ୍ଷେପଣ କଲା।
- ୨୦୧୨- ହିନ୍ଦୀ ଫିଲ୍ମ ଅଭିନେତା ଏ.କେ ହଙ୍ଗଲଙ୍କ ପରଲୋକ।
- ୨୦୧୫- ଆମେରିକାର ଭର୍ଜିନିଆରେ ଦୁଇଜଣ ସାମ୍ବାଦିକଙ୍କୁ ଗୁଳିକରି ହତ୍ୟା।

## ମହିଳା ସମାନତା ଦିବସ



ନାରୀ ସୃଷ୍ଟି ସଂରଚନାର ସ୍ରଷ୍ଟା। ନାରୀ ବିନା ସଂସାରର ପରିକଳ୍ପନା ଅସମ୍ଭବ। ଦୟା, କ୍ଷମା, ପ୍ରେମ ଓ ସଂଘର୍ଷର ମୂର୍ତ୍ତିମନ୍ତ ପ୍ରତୀକ ନାରୀ। ମାଟିରୁ ଆକାଶ ସବୁଠି ନାରୀର ଛାପ। ଘରର ଚାରି କାନ୍ଥରୁ ବାହାରି ସମାଜରେ ସେ ତା'ର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହେଲେ ଆମ ସମାଜରେ ପୁରୁଷମାନଙ୍କୁ ସବୁବେଳେ ଅଧିକ ପ୍ରାଧାନ୍ୟ ଦିଆଯାଇ ଆସୁଛି। ମହିଳାମାନଙ୍କୁ ପୁରୁଷମାନଙ୍କ ସହ ସମାନ ଅଧିକାର ଦାବିରେ ପ୍ରତିବର୍ଷ ୨୬ ଅଗଷ୍ଟକୁ 'ମହିଳା ସମାନତା ଦିବସ' ଭାବରେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ମହିଳାଙ୍କ ସ୍ଥିତିକୁ ମଜଭୁତ କରିବା ଏବଂ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ପରି ସେମାନଙ୍କୁ ସମାନ ଅଧିକାର ତଥା ସମ୍ମାନ ପ୍ରଦାନ କରିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ। ମହିଳା ସମାନତା ଦିବସ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିଥାଏ। ଏହି ଦିବସରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଯାଏ। ଏହି ଦିବସ ପ୍ରଥମେ ଆମେରିକାରେ ପାଳନ କରାଯାଇଥିଲା। ୧୯୨୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରେ ଊନବିଂଶତମ ସଂଶୋଧନ କରି ମହିଳାଙ୍କୁ ମତଦାନର ଅଧିକାର ପ୍ରଦାନ କରାଯାଇଥିଲା। ଏଥି ସହିତ ନାରୀ ଅଧିକାର ଓ ଲିଙ୍ଗଗତ ସମାନତାର ସଂଘର୍ଷର ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପିତ ହୋଇଥିଲା।

ଏହି ଘଟଣାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆମେରିକାରେ ସମାନତା ସମର୍ଥନରେ ଏକ ଜାତୀୟ ବନ୍ଦ ପାଳନ କରାଯାଇଥିଲା। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ଅଗଷ୍ଟ ୨୬ରେ ମହିଳା ସମାନତା ଦିବସ ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ୧୯୭୩ରେ ଆମେରିକାରେ ପ୍ରଥମ ମହିଳା ସମାନତା ଦିବସ ପାଳିତ ହୋଇଥିଲା। ମହିଳାମାନେ କାର୍ଯ୍ୟକ୍ଷେତ୍ର, ଶିକ୍ଷାନୁଷ୍ଠାନ, ରାଜନୀତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ଉଦ୍ଘାଟନ କରିବା ଲାଗି ଏହି ଦିବସ ଏକ ଉତ୍କୃଷ୍ଟ ଅବସର। ଏହି ଦିନ ଆମେରିକା ସମେତ ସମଗ୍ର ବିଶ୍ୱରେ ମହିଳା ଅଧିକାରକୁ ନେଇ ଆଲୋଚନା କରାଯାଏ। ବିଭିନ୍ନ ସ୍ଥାନରେ ସଭା-ସମିତି ଏବଂ ସେମିନାରର ଆୟୋଜନ କରାଯାଏ। ମହିଳା ସଂଗଠନଗୁଡ଼ିକ ଜନସାଧାରଣଙ୍କ ମଧ୍ୟରେ ମହିଳାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଭିଯାନ ଚଳାନ୍ତି।

## 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ





ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ କରି ଦେଇଛନ୍ତି। ଏହାର ପ୍ରଥମ ସିଡ୍ୟୁଲର ସୁଟିଂ ଲଦାଖରୁ ଆରମ୍ଭ ହୋଇଛି। ଏହି ଫିଲ୍ମ ୨୦୨୦ରେ ଗଲୱାନ୍ ଘାଟିରେ ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ଉପରେ ଆଧାରିତ। ଇତିମଧ୍ୟରେ ସୁଟିଂ ସେଟ୍‌ର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭାଇରାଲ ହୋଇଥିବା ଫଟୋରେ ସଲମାନ୍ ନାଲି ରଙ୍ଗର ସାର୍ଟ ସହ ଏକ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବାର ଦେଖାଯାଉଛନ୍ତି। ଅବଶ୍ୟ ତାଙ୍କ ଚେହେରା ଦେଖାଯାଉ ନାହିଁ। ଏହି ଫଟୋ ସାମ୍ନାକୁ ଆସିବା ପରେ ସଲମାନ୍‌ଙ୍କ ପ୍ରଶଂସକମାନଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ି ଯାଇଛି। ସେପ୍ଟେମ୍ବର ୩ ଯାଏଁ ଲଦାଖରେ ସୁଟିଂ ହେବ ବୋଲି ଜଣାପଡ଼ିଛି। ସଲମାନ୍ ଏଥିରେ କର୍ଣ୍ଣେଲ ବି. ସନ୍ତୋଷ ବାବୁ ଭୂମିକାରେ ଦେଖାଯିବେ। ଅପୂର୍ବ ଲାଖିଆ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଏଥିରେ ସଲମାନ୍‌ଙ୍କ ସହ ଚିତ୍ରାଙ୍ଗଦା ସିଂହ, ଅଙ୍କୁର ଭାଟିଆ, ହର୍ଷିଲ ଶାହ ପ୍ରମୁଖ ନଜର ଆସିବେ। ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏଥିରେ ତାଙ୍କ ବିପକ୍ଷରେ ରଶ୍ମିକା ମନ୍ଦାନା ନଜର ଆସିଥିଲେ।

## ରୋଲ୍ସ ରୟସ୍ ରଙ୍ଗରେ ପିନ୍ଧନ୍ତି ପଗଡ଼ି



ବ୍ରିଟେନରେ ରହୁଥିବା ଭାରତୀୟ ବଂଶୋଦ୍ଭବ ରୁବେନ ସିଂହ ୧୫ଟି ରୋଲ୍ସ ରୟସ୍ କାର୍ ସହିତ ଅନେକ ଦାମୀ ସୁପର୍‌କାର୍‌ର ମାଲିକ। ୧୯୭୦ ମସିହାରେ ତାଙ୍କ ପରିବାର ଭାରତ ଛାଡ଼ି ବ୍ରିଟେନ୍ ଆସିଥିଲେ। ତେବେ ତାଙ୍କର ବିଶେଷତ୍ୱ ହେଉଛି, ସେ ତାଙ୍କ ରୋଲ୍ସ ରୟସ୍ କାର୍‌ର ରଙ୍ଗ ଅନୁସାରେ, ପ୍ରତିଦିନ ପଗଡ଼ି ପିନ୍ଧିଥାନ୍ତି। ସରଳ ଭାଷାରେ କହିଲେ, ଯେଉଁ ରଙ୍ଗର ରୋଲ୍ସ ରୟସ୍ ସେ ଚଲାନ୍ତି, ସେହି ରଙ୍ଗର ପଗଡ଼ି ପିନ୍ଧିଥାନ୍ତି। ରୁବେନ 'ବ୍ରିଟିଶ ବିଲ ଗେଟ୍ସ' ନାମକ କମ୍ପାନିର ପ୍ରତିଷ୍ଠାତା। ସେ ବିଦେଶରେ ନିଜର ବ୍ୟବସାୟିକ ସାମ୍ରାଜ୍ୟକୁ ଠିଆ କରି ସଫଳ ହୋଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ସେ ତାଙ୍କ ଫଟୋ ସେୟାର୍ କରିବା ପରେ ଚର୍ଚ୍ଚାକୁ ଆସିଥିଲେ। ଏଥିରେ ସେ ସାତ ଦିନ ଅଲଗା ଅଲଗା ରଙ୍ଗର ପଗଡ଼ି ସହିତ ମ୍ୟାଚିଂ ରୋଲ୍ସ ରୟସ୍‌ର ଫଟୋ ସେୟାର୍ କରିଥିଲେ। ତାଙ୍କର ଏହି ନିଆରା ଷ୍ଟାଇଲ ହିଁ ତାଙ୍କୁ ଚର୍ଚ୍ଚାକୁ ନେଇ ଆସିଥିଲା। ରୁବେନଙ୍କ ପାଇଁ ପଗଡ଼ି ପିନ୍ଧିବା କେବଳ ଏକ ପରମ୍ପରା ନୁହେଁ, ବରଂ ଶକ୍ତି, ଗର୍ବ ଏବଂ ବ୍ୟକ୍ତିତ୍ୱର ପ୍ରତୀକ ବୋଲି ସେ କହନ୍ତି।



# ଛେଳି ମଡ଼କ




**ଆମ ରାଜ୍ୟରେ ଭୂମିହୀନ ତଥା ନାମମାତ୍ର କ୍ଷୁଦ୍ରଚାଷୀ ଛେଳିପାଳନ କରିଥାନ୍ତି। ଆର୍ଥିକ ଦୃଷ୍ଟି କୋଣରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଛେଳି ପାଳନ ଏକ ଭଲ ବ୍ୟବସାୟ। ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ଚରେଇଲେ ଛେଳିଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ମୃତ୍ୟୁର କାରଣ ପାଲଟିଯାଏ। ନିକଟରେ ଆମ ରାଜ୍ୟର କିଛି ସ୍ଥାନରେ ଅଚାନକ ଏକାଧିକ ଛେଳିଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ଏହାକୁ ଛେଳି ମଡ଼କ କୁହାଯାଉଛି। ଏହି ଅଜଣା ରୋଗର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା।**

ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ଓ କାଦୁଆ ରହିଥାଏ। ଏହି ପରିବେଶରେ ଚରାବୁଲା କରିବା ଦ୍ୱାରା ଛେଳିମାନଙ୍କ ଶରୀରରେ କୃମି ପ୍ରାଦୁର୍ଭାବ ବଢ଼ିଯାଏ। ଅନ୍ୟପଟେ ବର୍ଷା ପାଣିରେ ଛେଳି ଲଗାତାର ଓଦା ହେବା ଦ୍ୱାରା ସେମାନଙ୍କୁ ଥଣ୍ଡା ଜ୍ୱର ହୋଇଥାଏ। ହଠାତ୍ ଜ୍ୱର ଆସିଥାଏ। ଛେଳି ଖାଇବା ପିଇବା କମାଇ ଦିଅନ୍ତି। ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଦୁର୍ବଳ ହୋଇଥାନ୍ତି। ଶେଷରେ ଛେଳିଙ୍କର ମୃତ୍ୟୁ ହୁଏ। ପ୍ରାୟତଃ ସବୁ ବୟସର ଛେଳିଙ୍କ କ୍ଷେତ୍ରରେ ଏହା ଘଟିଥାଏ। ତେଣୁ ଏହା ପ୍ରତି ଛେଳିପାଳକଙ୍କୁ ବିଶେଷ ଧ୍ୟାନ ଦେବା ଦରକାର।

ଏହାର ପ୍ରତିକାର ସ୍ୱରୂପ ବର୍ଷା ଦିନ ପୂର୍ବରୁ ଛେଳିଙ୍କୁ କୃମି ଔଷଧ ଓ ଟିକାକରଣ ଜରୁରି। ଭିଟାମିନ୍ ଓ ମିନେରାଲ ଦେଇ ଛେଳିଙ୍କ ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ପାରିବେ। ବର୍ଷାଦିନେ କାଦୁଅ , ମାଟି ଲାଗିଥିବା ଘାସ ଜମିକୁ ଛେଳିଙ୍କୁ ଚରିବାକୁ ଛାଡିବା ଅନୁଚିତ। ଏଥିପାଇଁ ଘରେ ଘାସ କିମ୍ବା ଡାଳପତ୍ର କାଟି ଆଣି ଦେଇ ପାରିବେ। ଘରେ ଥିବା ଜିନିଷକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ଦାନା ପ୍ରସ୍ତୁତ କରିପାରିବେ। ବିଶେଷ ଯତ୍ନ ନେବା ଦ୍ୱାରା ଛେଳି ମଡ଼କ ଆଶଙ୍କା ହ୍ରାସ ପାଏ।

## ଆର୍ଦ୍ରତା ମାପି ଜଳ ଯୋଗାଇବ ଉପକରଣ

ଫସଲରେ ନିର୍ଦ୍ଦିଷ୍ଟ ସମୟରେ ଉଚିତ ମାତ୍ରା ଜଳ ସିଞ୍ଚନ କରିବା ଆହ୍ୱାନ ପୂର୍ଣ୍ଣ। ଏନେଇ କେରଳ, ଏସଏନ୍‌ଜିଆଇଟିଏସ୍‌ର ବିଟେକ୍ (ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ୍)ର ବିଦ୍ୟାର୍ଥୀ ଏକ ସ୍ମାର୍ଟ ଉପକରଣ ବିକଶିତ କରିଛନ୍ତି। ଏହା ମାଟିର ଆର୍ଦ୍ରତାସ୍ତରକୁ ମାପି ସଠିକ୍ ସମୟରେ କେଉଁ ଗଛକୁ କେତେ ପାଣି ଦିଆଯିବ ବତାଇବ। ଏହା ଦ୍ୱାରା ଜମିରେ ୩୦% ପାଣି ସଞ୍ଚୟ କରିପାରିବ। ଏହି ପ୍ରୋଜେକ୍ଟର ମେଣ୍ଟର ଏବଂ କଲେଜ୍ ପ୍ରଫେସର ଡା. ସୁଭିତା ଶର୍ମାଙ୍କ କହିବାନୁସାରେ, ବର୍ତ୍ତମାନ ଜଳସଙ୍କଟ ବଢୁଥିବାବେଳେ ଏହି ଉପକରଣଟି ଚାଷୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। ଏହାକୁ ଭାରତୀୟ କୃଷି ପ୍ରଣାଳୀକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। ଏଥିରେ ଲାଗିଥିବା ସେନ୍ସର ଲଗାତାର ମାଟିର ଆର୍ଦ୍ରତାକୁ ମାପିଥାଏ। ମାଟିର ଆର୍ଦ୍ରତା କମ୍ ଥିଲେ କମ୍ପ୍ୟୁଟର କିମ୍ବା ମୋବାଇଲ ଆପ୍‌କୁ ସୂଚନା ପଠାଇଥାଏ। ଉପକରଣ ବନାଇବାରେ ଆଇଓଟି (ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ) କୌଶଳ ବ୍ୟବହାର କରାଯାଇଛି। ଏଥିରେ ମାଇକ୍ରୋକଣ୍ଟ୍ରୋଲର, ସେନ୍ସର, ୱାଇଫାଇ ମଡ୍ୟୁଲ ଏବଂ କୋଡିଂ ସାହାଯ୍ୟରେ ବନାଯାଇଥିବାରୁ ଏହା ସ୍ୱୟଂଚାଳିତ ଭାବେ କାମ କରିଥାଏ। ଏହି ଉପକରଣଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ବ୍ୟବହାର କରିପାରିବେ। ଏହାର ମୂଲ୍ୟ ବହୁତ କମ୍। ଏହାକୁ ସ୍ମାର୍ଟଫୋନ୍‌ରେ ସଂଯୋଗ କରାଯାଇପାରିବ। ତେବେ ସରକାର ଏବଂ କୃଷି ସଂସ୍ଥାନଙ୍କ ସହଯୋଗ ମିଳିଲେ ଦେଶର ବହୁ ଚାଷୀ ଲାଭାନ୍ୱିତ ହୋଇପାରିବେ। ଏହା କେବଳ ଫସଲ ବୃଦ୍ଧି କରିବ ତାହା ନୁହେଁ, ଜଳ ଅପଚୟ ରୋକିବ।



## ଫୁଲର ଗାଁ

**ପୂଜା ପର୍ବ, ବିବାହ ବ୍ରତ ଆଦି ସବୁଠି ଫୁଲର ଆଦର ରହିଛି। ଫୁଲ ଚାଷରେ ଲାଭ ଅଧିକ। ଏହି କ୍ରମରେ ଭାରତରେ ଏମିତି ଏକ ଗାଁ' ରହିଛି ଯେଉଁଠି ୯୦% ଚାଷୀ ଫୁଲ ଚାଷ ଉପରେ ନିର୍ଭରଶୀଳ। ଝାରଖଣ୍ଡ, ଦେଓଘର, ମୋହନପୁର ଅନ୍ତର୍ଗତ ମଲହରା ଗାଁ। ଏହି ଗାଁ'ଟି 'ଫୁଲ ଗାଁ' ଭାବେ ପରିଚିତ। ଏଠାରେ ସମସ୍ତେ ଗେଣ୍ଡୁଫୁଲ, ମନ୍ଦାରଫୁଲ, ଟଗର, ଜର୍‌ବେରା ଆଦି ଫୁଲଚାଷରୁ ରୋଜଗାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।**



ଦେଓଘର ଜିଲ୍ଲା ମୁଖ୍ୟାଳୟରୁ ଏହି ଗାଁ'ଟି ମାତ୍ର ୭ କିମି ଦୂରରେ ଅବସ୍ଥିତ। ଗାଁ'ର ଜନସଂଖ୍ୟା ପାଖାପାଖି ୩,୦୦୦। ବାବା ବୈଦନାଥ ଓ ବାସୁକିଧାମ ଧାମର ପୂଜା ପାଇଁ ଫୁଲର ଗୁରୁତ୍ୱ ଅଧିକ ଥାଏ। ତେଣୁ ଏ ଦୃଷ୍ଟିରୁ ଏହି ଗାଁ'ର ପିଢ଼ି ପରେ ପିଢ଼ି ଗେଣ୍ଡୁ, ମନ୍ଦାର ଆଦି ଫୁଲ ଚାଷ କରି ଆସୁଛନ୍ତି। ଚାଷ ପାଇଁ ସ୍ଥାନୀୟ ଚାଷୀ କୋଲକାତାରୁ ଗେଣ୍ଡୁ ମଞ୍ଜି ମଗାନ୍ତି। ଏହାର ଦରଦାମ ଅଧିକ। ଏକ ଏକର ଜମିରେ ଫୁଲ ଚାଷ ପାଇଁ ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ ହୁଏ। ଉପଯୁକ୍ତ ମାଟି ପରିଚାଳନା କରି ଗଛର ଯତ୍ନ ନେବା ଦ୍ୱାରା ଫୁଲ ପରିମାଣ ଅଧିକ ହୁଏ। ଅମଳ ଫୁଲକୁ ସ୍ଥାନୀୟ ଲୋକ ଦେଓଘର ବଜାର, ମନ୍ଦିର ଏବଂ ବିଶେଷ ରୂପେ ବାବା ମନ୍ଦିର ଏବଂ ବାସୁକିନାଥ ଧାମରେ ବିକ୍ରି କରିଥାନ୍ତି। ବର୍ଷସାରା ଗେଣ୍ଡୁ ଓ ମନ୍ଦାର ଫୁଲର ଚାହିଦା ଥିବାବେଳେ, ବିବାହ ଋତୁରେ ଗ୍ଲାଡିଓଲସ୍ ଓ ଜରବେରାର ଚାହିଦା ଅଧିକ ରୁହେ। ସେହିପରି ଶ୍ରାବଣମାସରେ ଦେଶ ବିଦେଶରୁ ଶ୍ରଦ୍ଧାଳୁ ବାବା ବୈଦନାଥଙ୍କ ପୂଜାର୍ଚ୍ଚନା କରିବାକୁ ଆସିଥାନ୍ତି। ଏହି ସମୟେ ଫୁଲର ଚାହିଦା ଏତେ ବଢ଼ିଯାଏ ଯେ, ଯୋଗାଇବାକୁ ସମସ୍ୟା ହୁଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଯଦି ସରକାର ମଞ୍ଜି, କୌଶଳ, ବଜାର ପାଇଁ ସୁବିଧା କରାଇବା ସହିତ ଚାଷ ପାଇଁ କିଛି ସହାୟତା କଲେ , ସେମାନେ ଆଗକୁ ବଢ଼ି ପାରିବେ। ଅଧିକ ମାତ୍ରାର ଫୁଲ ଚାଷ କରି ପାରନ୍ତେ ବୋଲି କୁହନ୍ତି।

## ବୋତଲରେ ଟମାଟୋ ଚାଷ



ପ୍ଲାଷ୍ଟିକ୍ ଆବର୍ଜନାକୁ ସୁଚାରୁ ପରିଚାଳନା କରି ନିରାପଦ ଉପାୟରେ ପ୍ରକୃତିରେ ବିସର୍ଜନ କରିବା ଏକ ବଡ଼ ସମସ୍ୟା ହୋଇଛି। ତେଣୁ ଦୈନନ୍ଦିନ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲକୁ ଏଣେ ତେଣେ ନ ଫିଙ୍ଗି ଏଥିରେ ଟମାଟୋ ଚାଷ କରିପାରିବେ। ଟମାଟୋ କୁଣ୍ଡ କିମ୍ବା ଗ୍ରୋ ବ୍ୟାଗ୍‌ରେ ସହଜରେ ବଢ଼ିଥାଏ। ହେଲେ ପ୍ଲାଷ୍ଟିକ୍ ବୋତଲକୁ ସମାନ୍ତରାଳରେ କାଟି ଦେଲେ ବୋତଲର ତଳ ପାର୍ଶ୍ୱ କୁଣ୍ଡ ପରି କାମ କରିଥାଏ। ଏଥିପାଇଁ ବୋତଲର ତଳପାର୍ଶ୍ୱକୁ ଛୋଟ ଛୋଟ କଣା କରି ସେଥିରେ ଖତ ମିଶା ମାଟି ଭର୍ତ୍ତି କରି ଦିଅନ୍ତୁ। ସେଥିରେ ଟମାଟୋ ଚାରା ଲଗାଇ ପ୍ରତିଦିନ ହାଲୁକା ପାଣି ସିଞ୍ଚନ ଦ୍ୱାରା ମାଟି ଆର୍ଦ୍ରତା ଠିକ୍ ରୁହେ। ଉକ୍ତ ବୋତଲକୁ ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିପାରିବେ। ୧୫ ଦିନ ଅନ୍ତରରେ ତରଳ ଜୈବିକ ସାର ଦେବା ଗଛ ବଢ଼ିଥାଏ। ଗଛକୁ ରଶିରେ ବାନ୍ଧି ସାହାରା ଦେଲେ ଫୁଲ ଓ ଫଳ ଧରିବାରେ ସହଜ ହୋଇଥାଏ।


## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକର ସାମୂହିକ ପାଇଁ ସ୍ଥଗିତ ରଖନ୍ତୁ।
- ଶସ୍ୟଜାତୀୟ ଫସଲ ମକା, ଚିନାବାଦାମ ଓ ପନିପରିବା ଆଦି ଚାଷ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ। ଝୋଟ କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ, ଏହା ଫାଇବର ତନ୍ତୁର ଗୁଣ ଉପରେ ପ୍ରଭାବ ପକାଇଥାଏ।
- ବର୍ଷା ପରେ ଲଙ୍କା ଓ ବାଇଗଣରେ ଫଳ ପଚା ରୋଗ ଲାଗିବାର ସମ୍ଭାବନା ରହିଛି। ଏହାର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ୨ ଗ୍ରାମ କିମ୍ବା କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପି ୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି କଖାରୁ ଜାତୀୟ ପନିପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତିଲିଟର ପାଣିରେ ୩ଗ୍ରାମ ସି.ଓ.ସି ମିଶାଇ ସିଞ୍ଚନ କରନ୍ତୁ।
- ଚିଆଁମାନଙ୍କ ପାଇଁ ବ୍ୟବହୃତ ଚଷୁ ବା ନଡ଼ାକୁ ଓଦା ନ କରି ଶୁଖିଲା ରଖନ୍ତୁ। କୁକୁଡ଼ା ଦାନାରେ ଯେମିତି ବର୍ଷା ପାଣି ନ ପଡ଼େ ସେଥିପାଇଁ ଧ୍ୟାନ ଦେବା ଉଚିତ।

# ଛେତ୍ରୀଙ୍କ ବିନା ନେସନ୍ସ କପ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଆଗାମୀ ସେଣ୍ଟ୍ରାଲ ଏସିଆନ ଫୁଟବଲ୍ ଆସୋସିଏସନ (କାଫା) ନେସନ୍ସ କପ୍ ଲାଗି ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଖଲିଦ ଜମିଲ ଘୋଷଣା କରିଥିବା



୨୩ ଜଣିଆ ଜାତୀୟ ସିନିଅର ଫୁଟବଲ୍ ଦଳରେ ଅଭିଜ୍ଞ ଷ୍ଟ୍ରାଇକର୍ ସୁନିଲ ଛେତ୍ରୀଙ୍କୁ ସ୍ଥାନ ମିଳିନାହିଁ। ପୂର୍ବରୁ ଜମିଲ ଘୋଷଣା କରିଥିବା ସମ୍ଭାବ୍ୟ ଦଳରେ ମଧ୍ୟ ଛେତ୍ରୀଙ୍କୁ ନିଆଯାଇ ନ ଥିଲା। ଛେତ୍ରୀଙ୍କୁ ବାଦ୍ ଦିଆଯିବାକୁ ନେଇ ଜମିଲ କହିଛନ୍ତି, 'ଆଗାମୀ ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ନେସନ୍ସ କପ୍ ଏକ ପ୍ରସ୍ତୁତି ସଦୃଶ ଟୁର୍ଣ୍ଣାମେଣ୍ଟ। ତେଣୁ ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଅକ୍ଟୋବର ୯ ଓ ୧୪ରେ ସିଙ୍ଗାପୁର ବିପକ୍ଷରେ ଖେଳାଯିବାକୁ ଥିବା ମୁକାବିଲାରେ ଛେତ୍ରୀଙ୍କୁ ନିଶ୍ଚିତ ଖେଳାଯିବ।' ପ୍ରକାଶଯୋଗ୍ୟ, ଭାରତୀୟ ସିନିଅର ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହେବାପରେ ନେସନ୍ସ କପ୍ ଜମିଲଙ୍କ ପ୍ରଥମ ଟୁର୍ଣ୍ଣାମେଣ୍ଟ ହେବ। ନେସନ୍ସ କପ୍ ଏଥର ଅଗଷ୍ଟ ୨୯ରୁ ତାଜିକସ୍ତାନ ଓ ଉଜବେକିସ୍ତାନରେ ମିଳିତ ଭାବେ ଆୟୋଜିତ ହେବ। ଭାରତ ଗ୍ରୁପ୍-ବି'ରେ ଆୟୋଜକ ତାଜିକସ୍ତାନ, ଆଫଗାନିସ୍ତାନ ଓ ଇରାନ ସହ ସ୍ଥାନ ପାଇଛି। ଭାରତ ଅଗଷ୍ଟ ୨୯ରେ ତାଜିକସ୍ତାନ, ସେପ୍ଟେମ୍ବର ୧ରେ ଇରାନ ଓ ୪ରେ ଆଫଗାନିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ସାନାଙ୍କୁ ପାକିସ୍ତାନ ବିଶ୍ୱକପ୍ ଦଳର ନେତୃତ୍ୱ

କରାଚି, ୨୫।୮ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଆଗାମୀ ୧୩ତମ ସଂସ୍କରଣ ଲାଗି ସୋମବାର ପାକିସ୍ତାନ ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର



ଫାତିମା ସାନାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସାନା ବିଶ୍ୱକପ୍‌ର ଗତ ସଂସ୍କରଣ ଖେଳିଥିବାବେଳେ ଏଥର ନେତୃତ୍ୱ ଭାର ପାଇଛନ୍ତି। ଦଳର ୬ଜଣ ଖେଳାଳି ନାତାଲିଆ ପରଭେଜ, ରମୀନ ଶାମିମ, ସଦାଫ ଶମାସ୍, ସାଦିଆ ଇକବାଲ, ଶୱାଲ ଜୁଲଫିକର ଓ ସଇଦ ଆରୁବ ଶାହଙ୍କ ଏହା ପ୍ରଥମ ବିଶ୍ୱକପ୍ ହେବ। ମହିଳା ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଭାରତରେ ଆୟୋଜିତ ହେବ। ପାକିସ୍ତାନ କିନ୍ତୁ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳିବ। ଯଦି ପାକିସ୍ତାନ ସେମିଫାଇନାଲ ଓ ଫାଇନାଲକୁ ପ୍ରବେଶ କରେ ତେବେ ମଧ୍ୟ ଏହି ମ୍ୟାଚ୍ ଗୁଡ଼ିକ କଲମ୍ବୋରେ ଖେଳାଯିବ।

**ୟୁଏସ୍ ଓପନ୍ ଆରମ୍ଭରୁ ବିପର୍ଯ୍ୟୟ**


# ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ମେଦଭେଦେଭ୍



ନ୍ୟୁୟର୍କ, ୨୫।୮ (ଏଜେନ୍ସି)

ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍‌ଓପନ୍‌ର ୧୪୫ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୦୨୧ ଚାମ୍ପିଅନ ରୁଷିଆର ଡାନିଲ ମେଦଭେଦେଭ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ୧୩ତମ ସିଡ୍ ମେଦଭେଦେଭ ୩-୬, ୫-୭, ୭-୬(୫), ୬-୦, ୪-୬ ସେଟ୍‌ରେ ଫ୍ରାନ୍ସର ଅଣସିଡେଡ୍ ଖେଳାଳି ବେଞ୍ଜାମିନ ବୋନଜିଙ୍କ ନିକଟରୁ ପରାସ୍ତ ହୋଇଥିଲେ। ତେବେ ଏହି ମ୍ୟାଚ ଅବସରରେ ଅମ୍ପାୟରଙ୍କ ଏକ ନିଷ୍ପତ୍ତିକୁ ବିରୋଧ କରି ୨୯ ବର୍ଷୀୟ ମେଦଭେଦେଭ ଚେୟାରରେ ବସି କିଛି ସମୟ ପ୍ରତିବାଦ କରିଥିଲେ। ଯାହାକି ପ୍ରଥମ ଦିବସର ସବୁଠୁ ଚର୍ଚ୍ଚିତ ବିଷୟ ଥିଲା। ତୃତୀୟ ସେଟ୍ ମଝିରେ ଜଣେ ଫଟୋଗ୍ରାଫରଙ୍କ ଲାଗି ଖେଳରେ ବାଧା ପହଞ୍ଚିଥିଲା। ଯେଉଁଥି ପାଇଁ ଅମ୍ପାୟର ବେଞ୍ଜାମିନଙ୍କୁ ପୁଣିଥରେ ଆରମ୍ଭରୁ ସର୍ଭ କରିବାକୁ ଅନୁମତି ଦେଇଥିଲେ। କିନ୍ତୁ ଏହି ନିଷ୍ପତ୍ତିକୁ ଡାନିଲ ବିରୋଧ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ଅନ୍ୟ ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ସର୍ବିଆ ତାରକା ନୋଭାକ ଜୋକୋଭିଚ୍, ୬ଷ୍ଠ ସିଡ୍ ତଥା ଘରୋଇ ଖେଳାଳି ବେନ୍ ସେଲଟନ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଥିବା ୭ମ ସିଡ୍ ଜୋକୋଭିଚ୍ ୬-୧, ୭-୬ (୭/୩), ୬-୨ ସେଟ୍‌ରେ ଆମେରିକାର ଲର୍ନର ତିଏନଙ୍କୁ ହରାଇଥିଲେ।

## ସାବାଲେଙ୍କା ଆଗେଇଲେ; ଇଲାଙ୍କ କୀର୍ତ୍ତିମାନ



ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଆରିନା ସାବାଲେଙ୍କା, ଇଟାଲୀର ଜସ୍ମିନ ପାଓଲିନ, ସୁଇଜରଲାଣ୍ଡର ବେଲିଣ୍ଡା ବେଙ୍କିକ, ଆମେରିକାର ଜେସିକା ପେଗୁଲା ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସାବାଲେଙ୍କା ୭-୫, ୬-୧ ସିଧାସଳଖ ସେଟ୍‌ରେ



ସୁଇଜରଲାଣ୍ଡର ରେବେକା ମାସାରୋଭାଙ୍କୁ ହରାଇଥିଲେ। ସେହିଭଳି ଫିଲିପାଇନ୍ସର ମହିଳା ଖେଳାଳି ଆଲେକ୍ସଜାଣ୍ଡ୍ରା ଇଲା ସ୍ମରଣୀୟ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ଇଲା ୬-୩, ୨-୬, ୭-୬ (୧୩/୧୧) ସେଟ୍‌ରେ ୧୪ତମ ସିଡ୍ ଡେନମାର୍କର କ୍ଲାରା ତୌସନଙ୍କୁ ପରାସ୍ତ କରିଛନ୍ତି। ଏଥିସହ ଓପନ ଏରାରେ ଇଲା ଫିଲିପାଇନ୍ସର ପ୍ରଥମ ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡରେ ବିଜୟୀ ହେବାର ରେକର୍ଡ କରିଛନ୍ତି।

# ଡ୍ରିମ୍ସ ୧୧ ସହ ଜର୍ସି ଚୁକ୍ତି ବାତିଲ କଲା ବିସିସିଆଇ

ମୁମ୍ବଇ,୨୫।୮ (ଏଜେନ୍ସି): କେନ୍ଦ୍ରସରକାର ଆଣିଥିବା ଅନ୍‌ଲାଇନ୍ ଗେମିଂ ବିଲ-୨୦୨୫ର ପ୍ରଭାବ ପଡ଼ିଛି ଦେଶର ସର୍ବୋଚ୍ଚ ବିତ୍ତଶାଳୀ ସଂଗଠନ ବିସିସିଆଇ ଉପରେ। ସରକାର ଅନ୍‌ଲାଇନ୍ ଗେମ୍‌କୁ ନିଷିଦ୍ଧ

**୩ ବର୍ଷ ପାଇଁ ୩୫୮ କୋଟି ଟଙ୍କାର ରାଜିନାମା**

କରିବା ପରେ ଡ୍ରିମ୍ ୧୧ ସହ ହୋଇଥିବା ୩୫୮ କୋଟି ଟଙ୍କାର ଜର୍ସି ପ୍ରାୟୋଜକ ଚୁକ୍ତିକୁ ବାତିଲ କରିଛି ବିସିସିଆଇ। ଡ୍ରିମ୍ ୧୧ ଅନ୍‌ଲାଇନ୍ ଗେମ୍‌ରେ ଦେଶରେ ଖୁବ୍ ଲୋକପ୍ରିୟ ଥିଲା। ଏହା ବାତିଲ ହୋଇ ନ ଥିଲେ ଉଭୟଙ୍କ ମଧ୍ୟରେ ହୋଇଥିବା ଏହି ରାଜିନାମା ବେଆଇନ୍ ଘୋଷିତ ହୋଇଥାନ୍ତା। ଡ୍ରିମ୍-



୧୧ ସହ ଚୁକ୍ତି ବାତିଲ କରିବା ପରେ ଏଭଳି ସଂଗଠନ ସହ ଭବିଷ୍ୟତରେ ବିସିସିଆଇ କୌଣସି ସମ୍ପର୍କ ରଖିବ ନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଘୋଷଣା କରିଛନ୍ତି। କିନ୍ତୁ ଡ୍ରିମ୍-୧୧ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନା ଅନୁଯାୟୀ ୨୦୨୩ରେ ଡ୍ରିମ୍‌୧୧ ୩ ବର୍ଷ ଲାଗି ଜର୍ସି ପ୍ରାୟୋଜକ ଚୁକ୍ତିରେ ସ୍ୱାକ୍ଷର କରିଥିଲା। କିନ୍ତୁ ନୂଆ ଆଇନ୍ ବଳରେ ଡ୍ରିମ୍‌୧୧କୁ ବିଦା କରିବା ଛଡ଼ା ବିସିସିଆଇ ନିକଟରେ ଆଉ କୌଣସି ଉପାୟ ନ ଥିଲା। ସେପ୍ଟେମ୍ବର ୯ରୁ ଦୁବାଇ ଓ ଆବୁଧାବିରେ ଆରମ୍ଭ ହେବ ଏସିଆ କପ୍‌ଟି-୨୦ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଭାରତକୁ ନୂଆ ଜର୍ସି ପ୍ରାୟୋଜକ ଖୋଜିବାକୁ ପଡ଼ିବ। ଡ୍ରିମ୍‌୧୧ର ଅବଧି ଶେଷ ହୋଇଆସୁଥିବାରୁ ଏହି ଚୁକ୍ତି ବାତିଲ ହେବା ଫଳରେ ବିସିସିଆଇର ବିଶେଷ କ୍ଷତି ହେବ ନାହିଁ ବୋଲି ଆଶା କରାଯାଉଛି।

# ୫୦୦ ୱିକେଟ୍ କ୍ଲବ୍‌ରେ ଶାକିବ

ଆଣ୍ଟିଗୁଆ, ୨୫।୮ (ଏଜେନ୍ସି): ବାଂଲାଦେଶ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ବିଶ୍ୱର ୫ମ ବୋଲର ଭାବେ ଶାକିବ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୫୦୦ ୱିକେଟ୍ ନେବାର ବିରଳ ସଫଳତା



ପାଇଛନ୍ତି। ଚଳିତ କାରିବୀୟାନ ପ୍ରିମିଅର ଲିଗ୍ (ସିପିଏଲ୍)ରେ ଆଣ୍ଟିଗୁଆ ଫାଲ୍‌କନ ପକ୍ଷରୁ ଖେଳୁଥିବା ଶାକିବ ସେଣ୍ଟ୍ କିଟ୍ସ ଆଣ୍ଡ ନେଭିସ ପାଟ୍ରିଅଟ୍ସ ଦଳର ମହମ୍ମଦ ରିଜୱାନଙ୍କୁ ଆଉଟ୍ କରି ୫୦୦ତମ ୱିକେଟ୍ ପୂରଣ କରିଥିଲେ। ଶାକିବ ବର୍ତ୍ତମାନ ଓଭରଅଲ୍ ଟି-୨୦ରେ ୪୫୭ଟି ମ୍ୟାଚ୍ ଖେଳି ୬.୭୮ ଇକୋନୋମୀରେ ୫୦୨ଟି ୱିକେଟ୍ ନେଇଛନ୍ତି। ସେ ମୋଟ୍ ୯,୫୦୭ଟି ବଲ୍ ବୋଲିଂ କରିଛନ୍ତି। ଶାକିବଙ୍କ ପୂର୍ବରୁ ରଶିଦ ଖାନ (୬୬୦ ୱିକେଟ), ଡ୍ୱେନ ବ୍ରାଭୋ (୬୩୧), ସୁନିଲ ନାରାୟଣ (୫୯୦) ଓ ଇମ୍ରାନ ତାହିର (୫୫୪) ଏହି କ୍ଲବରେ ସାମିଲ ହୋଇସାରିଛନ୍ତି। ଶାକିବ ଆଇପିଏଲ୍ ସମେତ ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଦକ୍ଷିଣଆଫ୍ରିକା, ୱେଷ୍ଟଇଣ୍ଡିଜ ଆଦିରେ ହେଉଥିବା ଲିଗ୍‌ରେ ବିଭିନ୍ନ ଦଳରୁ ଅଂଶଗ୍ରହଣ କରିଛନ୍ତି।

# ଜାତୀୟ ୧୭ ବର୍ଷରୁ କମ୍ ଅସିଚାଳନା ଲାଗି ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର,ବଲାଙ୍ଗିର,୨୫।୮ (ସମିସ): ଉତ୍ତରାଖଣ୍ଡର ହଲଦ୍ୱିାନିଠାରେ ୨୦ତମ ଜାତୀୟ ୧୭ ବର୍ଷରୁ କମ୍ ଅସିଚାଳନା ପ୍ରତିଯୋଗିତା ସେପ୍ଟେମ୍ବର ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଓଡ଼ିଶାରୁ ୩୦ଜଣ ଅସିଚାଳକ ମନୋନୀତ ହୋଇଛନ୍ତି। ବଲାଙ୍ଗୀର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆଜିଠାରୁ ୧୦ ଦିନ ଧରି ହେବାକୁ ଥିବା ଏହି ଶିବିର ଶେଷରେ ବାଳକ ଓ ବାଳିକା ବିଭାଗରେ ୧୨ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ଚୂଡାନ୍ତ ଚୟନ କରାଯିବ ବୋଲି ଓଡ଼ିଶା ଅସିଚାଳନ ମହାସଂଘର ଯୁଗ୍ମ ସମ୍ପାଦକ ସୁମିତରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

**ଏସିଆନ ସୁଟିଂରେ ମାନୁ ଚତୁର୍ଥ**

# ନୀରୁ ଧାଣ୍ଡାଙ୍କୁ ଡବଲ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୫।୮ (ଏଜେନ୍ସି): ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି କାଂସ୍ୟ ପଦକ ଜିତିଥିବା ମାନୁ ଭାକର କାଜାଖସ୍ଥାନରେ ଚାଲିଥିବା ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ରେ ଭାରତକୁ ନିରାଶ କରିଛନ୍ତି। ଆଜି ଅନୁଷ୍ଠିତ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମାନୁ ଚତୁର୍ଥ ଓ ତାଙ୍କ ସାଥି ଇଶା ସିଂ ଷଷ୍ଠ ସ୍ଥାନ



ଅଧିକାର କରିଥିଲେ। ମାନୁ ଓ ଇଶା ବିଫଳ ହୋଇଥିଲେ ମଧ୍ୟ ଭାରତକୁ ଆଜି ଅନୁଷ୍ଠିତ ଇଭେଣ୍ଟରେ ଏକାଧିକ ପଦକ ମିଳିଛି। ଜାତୀୟ ଚାମ୍ପିଅନ ନୀରୁ ଧାଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ସ୍ୱର୍ଣ୍ଣ ବିଜୟୀ କରାଇଛନ୍ତି। ଏହି ଇଭେଣ୍ଟରେ ଆଉ ଜଣେ ଭାରତୀୟ ଅସୀମା ଆଲୱତ କାଂସ୍ୟ ପଦକ ହାସଲ କରିଛନ୍ତି। ନୀରୁ ୪୩ ଓ ଅସୀମା ୨୯ ପଏଣ୍ଟ ପାଇଥିଲେ। ମହିଳା ଦଳଗତ ଇଭେଣ୍ଟରେ ଚୀନ୍ ଓ କୁଏତକୁ ପଛରେ ପକାଇ ଭାରତ ସ୍ୱର୍ଣ୍ଣପଦକ ଜିତିନେଇଛି। ମହିଳା ଟ୍ରାପ୍‌ରେ ନୀରୁ, ଅସୀମା ଓ ପ୍ରୀତି ରଜାକ୍ ୩୧୯ ପଏଣ୍ଟ ସ୍କୋର କରି ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଭାରତକୁ ତୃତୀୟ ପଦକ ମିଳିଛି ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ। ବ୍ୟକ୍ତିଗତ ବିଭାଗରେ ଭାରତ କୌଣସି ପଦକ ଜିତି ନ ଥିଲେ ମଧ୍ୟ ଦଳଗତ ବିଭାଗରେ ମାନୁ, ଇଶା ଓ ସିମରନପ୍ରୀତ୍ କୌର ତ୍ରୟ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

**■ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍**

# ପ୍ରଥମ ରାଉଣ୍ଡରେ ହାରିଲେ ଲକ୍ଷ୍ୟ

ପ୍ୟାରିସ, ୨୫।୮ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ହିଁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ତାରକା ଖେଳାଳି ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ଲକ୍ଷ୍ୟ ୧୭-୨୧, ୧୯-୨୧ ସିଧାସଳଖ ଗେମ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଚାଇନାର ସି ୟୁକ୍ବିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଦୁଇ ଓଡ଼ିଆ ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ମଧ୍ୟ ସୋମବାର ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ଡବଲ୍ସର ପ୍ରଥମ ରାଉଣ୍ଡରେ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଯୋଡ଼ି ବୁଲଗେରିଆର ଦୁଇ ଭଉଣୀ ଗାବ୍ରିଏଲା ଷ୍ଟୋଏଭା ଓ ଷ୍ଟିଫାନି ଷ୍ଟୋଏଭାଙ୍କୁ ଭେଟିଛନ୍ତି। ଏହି ମ୍ୟାଚ୍ ଜାରି ରହିଛି।

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**

# ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ପ୍ରୀତିସ୍ମିତା



ଭୁବନେଶ୍ୱର,୨୫।୮ (ସମିସ)

ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ ୩ଟି ରେକର୍ଡ ସହ ଅହମ୍ମଦାବାଦରେ ଆଜିଠାରୁ ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ସ୍ୱର୍ଣ୍ଣପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶାରୁ ୬ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲାବେଳେ ପ୍ରତିଯୋଗିତାର ପ୍ରଥମ ଦିନରେ ରାଜ୍ୟକୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ଢେଙ୍କାନାଳ ସବ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ପ୍ରୀତିସ୍ମିତା ୪୪ କିଲୋଗ୍ରାମ୍ କାଟାଗୋରୀରେ ଏହି ସଫଳତା ଅର୍ଜନ କରିଛନ୍ତି। ସେ ସ୍ନାଚ୍‌ରେ ୬୩ କିଲୋଗ୍ରାମ୍, କ୍ଲିନ୍ ଆଣ୍ଡ ଜର୍କରେ ୮୭ କିଲୋଗ୍ରାମ୍ ଓ ମୋଟରେ ୧୫୦ କିଲୋଗ୍ରାମ୍ ଓଜନ ଉଠାଇ ସମସ୍ତ ବିଭାଗରେ ରାଜ୍ୟଗୋଷ୍ଠୀ ରେକର୍ଡ ଭାଙ୍ଗିଦେଇଛନ୍ତି। ସ୍ୱର୍ଣ୍ଣରୁ ପଦକ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶାର ଏହି ତାରକା ଭାରୋତ୍ତୋଳକ ଢେଙ୍କାନାଳରେ କୋଚ୍ ଗୋପାଳକୃଷ୍ଣ



ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ। ଏବେ ଉତ୍ତରପ୍ରଦେଶର ମୋଦି ନଗରରେ ଥିବା କୋର୍ କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିଲେ। ଏହି ପ୍ରତିଯୋଗିତାରେ ପ୍ରୀତିସ୍ମିତାଙ୍କ ସାନଭଉଣୀ ବିଦୁସ୍ମିତା ମଧ୍ୟ ଅଂଶଗ୍ରହଣ କରୁଛନ୍ତି।

**ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ**

# ସେମିରେ ଓଡିଏମ୍, ଡିଏଭି ପୋଖରୀପୁଟ

ଭୁବନେଶ୍ୱର,୨୫।୮ (ସମିସ): ଡିଏଭି ପୋଖରୀପୁଟ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ଏଠାରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ସୋମବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଡିଏଭି ପୋଖରୀପୁଟ ୪-୧ ପେନାଲ୍ଟି ଗୋଲରେ ୟୁନିଟ୍-୧ ସରକାରୀ ହାଇସ୍କୁଲ୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପୋଖରୀପୁଟର ଅପ୍ରମିତ ପ୍ରଧାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଗୌରୀ ପ୍ରହରାଜ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଏମ୍ ଗ୍ଲୋବାଲ ସ୍କୁଲ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅତିଥିଭାବେ ଯୋଗଦେଇ ମଧୁସୂଦନ ରେଡ୍ଡୀ ଓଡ଼ିଏମ୍‌ର ଶ୍ରୀଜଳ କିସ୍କୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ କିସ ବନାମ ବିଜେଇଏମ୍‌ଓ ଦ୍ୱିତୀୟ ମ୍ୟାଚ୍‌ରେ ମଦର୍ସ ପବ୍ଲିକ୍ ସ୍କୁଲ ସହ ବିକାଶ ରେସିଡେନ୍‌ସିଆଲ ସ୍କୁଲର ମୁକାବିଲା ହେବ।



ଶ୍ରୀଜଳ କିସ୍କୁ



ଅପ୍ରମିତ ପ୍ରଧାନ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS